

ନୂଆ ଦିଲ୍ଲୀସ୍ଥ ତ୍ରିମୂର୍ତ୍ତି ଭବନଠାରେ ମଇ ୪ ତାରିଖ ଦିନ ଜୀବନ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତି ସମୂହ
ଯଥା: କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ବୃନ୍ଦ, କୂଟନୀତିଜ୍ଞ ଓ ବୈଦେଶିକ ପ୍ରତିନିଧି, ମୃତ୍ୟୁ ଶଯ୍ୟାରେ ଶାୟିତ ଭାରତର
ଜାତୀୟ ନେତାଙ୍କ ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।
ବିଭିନ୍ନ ଧର୍ମର ବ୍ୟକ୍ତି ଏବଂ ଧର୍ମଗ୍ରନ୍ଥମାନଙ୍କରୁ ଶ୍ଳୋକ ମୃତ ଦେହ ନିକଟରେ ପାଠ କରୁଛନ୍ତି ।

# ଉତ୍କଳ ପ୍ରସଙ୍ଗ


| ...ଶ ଭାଗ | ଜୁନ୍ ୧୯୬୯ / ଆଷାଢ଼ ୧୮୯୧ | ୧୧ଶ ସଂଖ୍ୟା |
|---|---|---|


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏଥି ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳପାଠ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ତଥ୍ୟାଧାର ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।


ପ୍ରକାଶନ—ପ୍ରତି ମାସ ୧୫ ତାରିଖ

ସମ୍ପାଦକ—ହେରମ୍ବ ନାରାୟଣ ଦାସମହାପାତ୍ର,
ଆଇ.ଏ.ଏସ୍.,
ନିର୍ଦ୍ଦେଶକ, ଲୋକସମ୍ପର୍କ ଓ ପର୍ଯ୍ୟଟନ,
ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର ।

ସହକାରୀ ସମ୍ପାଦକ—ବିଶ୍ୱଜିତ୍ ଦାସ

ମୂଲ୍ୟ—ପ୍ରତି ସଂଖ୍ୟା ୨୦ ପଇସା

ପ୍ରକାଶକ—ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା

ଟେଲିଗ୍ରାମ—ପବ୍ଲିସିଟି




ପ୍ରଚ୍ଛଦପଟ୍ଟ ଚିତ୍ର:
( ଖଣ୍ଡପଡ଼ାର କାଠଖୋଦେଇ ମୂର୍ତ୍ତି )

## ଏ ସଂଖ୍ୟାରେ ପଢ଼ନ୍ତୁ—


ପୃଷ୍ଠା

୧ । ପ୍ରାରମ୍ଭ .. ୧

୨ । ଗାନ୍ଧୀ ସ୍ମୃତିରକ୍ଷାପାଇଁ ସ୍ଥାୟୀ ଉଦ୍ୟମ .. ୩

୩ । ଓଡ଼ିଶା ଗାନ୍ଧୀ ଶତବାର୍ଷିକୀ—ସାମାଜିକ କାର୍ଯ୍ୟ ଉପସମିତି । ୫

୪ । ଶ୍ରମ ଏବଂ ଉତ୍ପାଦିକା ଶକ୍ତି: ଏକ ଆଲୋଚନା ଚକ୍ର । ୯

୫ । ଉନ୍ନତ ଧାନ—ପଦ୍ମା .. ୪୫

୬ । ଚତୁର୍ଥ ଯୋଜନାରେ କୃଷି .. ୪୭

୭ । ଶ୍ରମ ରାଜ୍ୟ .. ୫୧

ଚଳିତ ମାସ ୩୧ ତାରିଖ ଦିନ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଏନ୍. ରାମଶେଷାୟାଙ୍କର ଆକସ୍ମିକ ବିୟୋଗରେ 'ଉତ୍କଳ ପ୍ରସଙ୍ଗ' ଗଭୀର ଶୋକ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରୁଛନ୍ତି ।

ଏ ସଂଖ୍ୟାରେ ଲେଖିଛନ୍ତି—

ଶ୍ରୀ ଚନ୍ଦ୍ରଶେଖର ମହାପାତ୍ର, ସାମ୍ବାଦିକ




ସ୍ୱର୍ଗଦ୍ୱାରଠାରେ ଅନ୍ତେଷ୍ଟି କ୍ରିୟା ସମାପନ ନିମନ୍ତେ ନେବାପୂର୍ବରୁ ସନ ୩୧ ତାରିଖ ଦିନ ଭୁବନେଶ୍ୱରସ୍ଥ ସରକାରୀ ରାଜଭବନଠାରେ ମୃତ ଶଯ୍ୟାରେ ଶାୟିତ ଶ୍ରୀ ଏନ୍. ରାମଶେଷୟା

ଚିତ୍ରେ ସମ୍ବାଦ

ଛାତ୍ରମାନେ ଶବାଧାରକୁ ଆମ୍ବୁଲାନ୍ସ ଗାଡ଼ିକୁ ନେବାବେଳେ ଓଡ଼ିଶା ପୋଲିସମାନଙ୍କଦ୍ୱାରା ବନ୍ଧୁକକୁ ନିମ୍ନମୁଖୀ କରି ଶ୍ରୀ ଏନ୍. ରାମଶେଷୟାଙ୍କ ଦେହକୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା







ଭୁବନେଶ୍ୱରଠାରେ ମଇ ୨୮ ତାରିଖରେ ଓଡ଼ିଶା ଶାଖା ଭାରତ-ଆମେରିକା ମୈତ୍ରୀ ସଂସଦର ଫାଷ୍ଟବୁକ ଷ୍ଟଳ
ଓ ଲାଇବ୍ରେରୀ ମିସେସ୍ ଉଇଲିୟମ୍ସ କେ. ଟେଲର୍‌ଙ୍କ (ଡାହାଣ) ଦ୍ୱାରା ଉଦ୍‌ଘାଟିତ ହୋଇଥିଲା
ଫଟରେ: ଶିଳ୍ପମନ୍ତ୍ରୀ ଶ୍ରୀ ବୃନ୍ଦାବନ ପଟେଲ (ବାମ ଭାଗରେ) ଟେବୁଲ ଉପରେ ରଖାଯାଇଥିବା
ପୁସ୍ତକ ଓ ପତ୍ରିକା ଗୁଡ଼ିକ ଦେଖୁଛନ୍ତି

## ଚିତ୍ରେ ସମ୍ବାଦ

କଟକ ଜିଲ୍ଲା ପାଟକୁରା ପଞ୍ଚାୟତ ସମିତି ଅନ୍ତର୍ଗତ ଗରଡ଼ପୁରଠାରେ ଶାସ୍ତ୍ରୀ [illegible]
ମହିଳା ସମିତି ଓ ଯୁବ କୃଷକ ମେଳାରେ ଗୋଷ୍ଠୀ ଉନ୍ନୟନ ଉପମନ୍ତ୍ରୀ ଶ୍ରୀ [illegible]
ଉଦ୍‌ବୋଧନ ଦେଉଛନ୍ତି





## ସ୍ୱର୍ଗତଃ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଏନ୍. ରାମଶେଷାୟାଙ୍କ ସଂକ୍ଷିପ୍ତ ଜୀବନୀ

୧୯୦୭ ମସିହା ସେପ୍ଟେମ୍ବର ମାସ ୨୯ ତାରିଖରେ କୋରାପୁଟ ଜିଲ୍ଲାର ରାୟଗଡ଼ା ଠାରେ ଶ୍ରୀ ଏନ୍. ରାମଶେଷାୟାଙ୍କ ଜନ୍ମ । ଶ୍ରୀ ରାମଶେଷାୟା ବି. ଏ., ବି. ଏଲ୍. ଡିଗ୍ରୀ ହାସଲ କରିସାରି ୧୯୨୪ ମସିହାରେ ମାନ୍ଦ୍ରାଜ ହାଇକୋର୍ଟ ଅଧୀନରେ ଓକିଲାତିରେ ପ୍ରବେଶ କରିଥିଲେ ଏବଂ ୧୯୩୦ ମସିହା ପର୍ଯ୍ୟନ୍ତ ବିଜୟୱାଡ଼ାଠାରେ ଓକିଲ୍ ବ୍ୟବସାୟ କରୁଥିଲେ । ଓକିଲାତି କରୁଥିବା ସମୟରେ ତିନିବର୍ଷ ଯାଏ ବିଜୟୱାଡ଼ା ତାଲୁକ ବୋର୍ଡର ସଭ୍ୟ ଥିଲେ ଏବଂ ବିଜୟୱାଡ଼ା ମ୍ୟୁନିସିପାଲ କାଉନ୍‌ସିଲରେ ମଧ୍ୟ ତିନିବର୍ଷ ଯାଏ ସଭ୍ୟ ଥିଲେ । ଏହି ସମୟରେ ବି ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ସିନେଟ୍‌କୁ ୩ ବର୍ଷ ପାଇଁ ସଭ୍ୟରୂପେ ନିର୍ବାଚିତ ହୋଇଥିଲେ ।

୧୯୩୦ ମସିହାରେ ଶ୍ରୀ ରାମଶେଷାୟା ଜୟପୁର ରାଜ୍ୟର ସହକାରୀ ଦେୱାନ୍‌ରୂପେ କାର୍ଯ୍ୟଭାର ଗ୍ରହଣ କରିଥିଲେ ଏବଂ ୧୯୪୭ ମସିହା ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିଥିଲେ । ଏହି ସମୟରେ ରାୟଗଡ଼ାଠାରେ ଗୋଟିଏ ଚିନି କାରଖାନା, ଗୋଟିଏ ଖଣି ସିଣ୍ଡିକେଟ୍ ଏବଂ ଆଉ ଏକ ପ୍ଲାଣ୍ଟେସନ୍ କମ୍ପାନୀ ସ୍ଥାପନ କରିବାରେ ଶ୍ରୀ ରାମଶେଷାୟା ବିଶେଷ ଉଦ୍ୟମ କରିଥିଲେ । ୧୯୪୭ ମସିହାରୁ ୧୯୫୧ ମସିହା ପର୍ଯ୍ୟନ୍ତ ରାମଶେଷାୟା ଜୟପୁର ଚିନିକାରଖାନାର ରେସିଡେଣ୍ଟ ଡିରେକ୍ଟର ତଥା ଜେନେରାଲ ମ୍ୟାନେଜର ରୂପେ, ଜୟପୁର ଖଣି ସିଣ୍ଡିକେଟର ମ୍ୟାନେଜିଂ ଡିରେକ୍ଟର ରୂପେ ରହିଥିଲେ ।

ଶ୍ରୀ ରାମଶେଷାୟା ୧୯୫୨ ମସିହାରେ ଆନ୍ଧ୍ର ପ୍ରଦେଶର ପାର୍ବତୀପୁରମ୍ ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ସଦସ୍ୟ ଭାବେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୧୯୬୭ ମସିହା ସାଧାରଣ ନିର୍ବାଚନରେ ଶ୍ରୀ ଶେଷାୟା କୋରାପୁଟ ଜିଲ୍ଲାର ଜୟପୁର ନିର୍ବାଚନ ମଣ୍ଡଳୀର ସ୍ୱତନ୍ତ୍ର ଦଳର ପ୍ରାର୍ଥୀରୂପେ ଓଡ଼ିଶା ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

ଶ୍ରୀ ରାମଶେଷାୟୀ, ରାୟଚକ୍ରାପୁରିତ ବହୁମୁଖୀ ସମବାୟ ସମିତିର ପ୍ରତିଷ୍ଠାତା ତଥା ସଭାପତି
ସମିତିର ମୋଟ ସଭ୍ୟ ସଂଖ୍ୟା ହେଉଛି ୧,୫୦୦ ।

ରାଜନୈତିକ, ଇତିହାସ, ଦର୍ଶନ ତଥା ଅନ୍ୟାନ୍ୟ ବିଭିନ୍ନ ବିଷୟର ଅଧ୍ୟୟନ ଦିଗରେ ଶ୍ରୀ ରାମଶେ
ବିଶେଷ ଆଗ୍ରହ ରହିଥିଲା । କୃଷି କାର୍ଯ୍ୟରେ ମଧ୍ୟ ସେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ ଏବଂ ରାୟଚକ୍ରା
ବିଭିନ୍ନ କିସମ ଫସଲ ପ୍ରବର୍ତ୍ତନ କରିବା ଦିଗରେ ଶ୍ରୀ ରାମଶେଷାୟୀଙ୍କ ବିଶେଷ ଅବଦାନ ରହିଛି ।

# ଯାତ୍ରାରମ୍ଭ

୧୯୩୪ ସାଲ ମେ ୯ ତାରିଖ ଯୁଗମାନବ ମହାତ୍ମାଗାନ୍ଧୀ ଶ୍ରୀକ୍ଷେତ୍ରରୁ ଯେଉଁ ପଦଯାତ୍ରା ଆରମ୍ଭ କଲେ, ତାହା କେବଳ ଓଡ଼ିଶାର ହରିଜନମାନଙ୍କ ଉଦ୍ଧାର ପାଇଁ ନୁହେଁ ବା ଓଡ଼ିଶାର ସାଧାରଣ ଜନତାର ଧର୍ମଜ୍ଞାନ ଉଦ୍ରେକ କରିବା ପାଇଁ ନୁହେଁ । ତାହା ଥିଲା ବାସ୍ତବରେ ହଜାର ହଜାର ବର୍ଷର ଏକ ପ୍ରାଚୀନ ସମାଜର ନବକଳେବର ଗଠନ ପାଇଁ ଏକ ଐତିହାସିକ ଅଭିଯାନ । ଜାତିପ୍ରଥା ଯେ କେତେ ପ୍ରାଚୀନ ତାହା କଳନା କରିହେବ ନାହିଁ । ବୌଦ୍ଧଙ୍କ 'ଧର୍ମପଦରୁ' ଆରମ୍ଭ କରି ଶ୍ରୀ ଚୈତନ୍ୟ ଚରିତାମୃତ ପର୍ଯ୍ୟନ୍ତ ସମସ୍ତ ଧର୍ମଶାସ୍ତ୍ରରେ ଜାତିପ୍ରଥାର ପ୍ରତ୍ୟକ୍ଷ ବା ପରୋକ୍ଷ ସମାଲୋଚନା କରାଯାଇଛି । କିନ୍ତୁ ମହାତ୍ମାମାନେ ଏ ପଥଟିକୁ ପସନ୍ଦ କରିନାହାନ୍ତି ଓ ଜାତି ପ୍ରଥାର ପରିଣାମ ଅସ୍ପୃଶ୍ୟତାକୁ ମଧ୍ୟ ସ୍ୱୀକାର କରି ନାହାନ୍ତି । କିନ୍ତୁ ଜାତିପ୍ରଥା ଓ ଅସ୍ପୃଶ୍ୟତା ବିରୁଦ୍ଧରେ ବିଧିବଦ୍ଧ ଯୋଜନା ପ୍ରଥମଥର ପାଇଁ [illegible] ଗାନ୍ଧୀଜୀ ଆରମ୍ଭ କଲେ ।

ସବର୍ଣ୍ଣମାନଙ୍କ ନିର୍ଦ୍ଦୟ ବ୍ୟବହାରରେ ନିପୀଡ଼ିତ ହୋଇ ନିମ୍ନବର୍ଣ୍ଣର ଲୋକେ ଶେଷରେ ମହାପ୍ରଭୁଙ୍କୁ ବୁଦ୍ଧର ଅବତାର ବୋଲି ଗ୍ରହଣ କଲେ ବୋଲି ପ୍ରାଚୀନ ବଙ୍ଗ ସାହିତ୍ୟରେ ବର୍ଣ୍ଣିତ ଅଛି । ଅନ୍ୟ ଦିଗରେ ହରିନାମରେ ଆସକ୍ତ ହୋଇ ବିଧର୍ମୀମାନେ ବୈଷ୍ଣବ ଧର୍ମ ଗ୍ରହଣ କରିଥିବାର ବୃତ୍ତାନ୍ତ ମଧ୍ୟ ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ମିଳେ । କିନ୍ତୁ ସନାତନ ସମାଜର ପୁନର୍ଗଠନ କାର୍ଯ୍ୟ ବୋଲି କେହିହେଲେ ହାତକୁ ନେଇ ନ ଥିଲେ । ରାମ, ଗୋପାଳ, କେଶବଚନ୍ଦ୍ର, ସ୍ୱାମୀ ଦୟାନନ୍ଦ ସମାଜର ପୂଜ୍ୟ ଓ ଆଧ୍ୟାତ୍ମିକ ଗୁରୁ ହେଲେ, ମାତ୍ର ସେମାନେ ସମାଜ ଭିତରେ ହୋଇ ରହିଲେ ନାହିଁ । ଗାନ୍ଧୀଜୀ ସମାଜ ଭିତରେ ରହି ଯେଉଁ ସାମାଜିକ ପୁନର୍ଗଠନ ଆରମ୍ଭ କଲେ ତାହା ଇତିହାସରେ ଏକ ଅଭୂତପୂର୍ବ ଉଦ୍ୟମ । ସନାତନ ସମାଜକୁ ଆଧୁନିକ ଯୁଗୋପଯୋଗୀ କରି ପୃଥିବୀର ପ୍ରତିଦ୍ୱନ୍ଦ୍ୱ କ୍ଷେତ୍ରରେ ଛିଡ଼ା କରାଇବାକୁ ହେବ—ଏହି ପ୍ରତିଜ୍ଞା ନେଇ ଗାନ୍ଧୀଜୀ ଯାତ୍ରା ଆରମ୍ଭ କଲେ । ଏହା

ଏକ ଅଭୂତପୂର୍ବ ଧାର୍ମିକ ଓ ସାମାଜିକ ବିପ୍ଳବର ସୂତ୍ରପାତ । ଯେଉଁ ଅଭିଯାନ ୧୯୩୪ର ଗ୍ରୀଷ୍ମ-ଋତୁରେ ଆରମ୍ଭ ହୋଇଥିଲା ତାହାର ପରିସମାପ୍ତି ଘଟିନାହିଁ । ପତନ ଉତ୍ଥାନର ବନ୍ଧୁର ପନ୍ଥା ମଧ୍ୟରେ ସେ ଗତି କରୁଛି । କିନ୍ତୁ ଯେଉଁ ତପସ୍ୟା ଉପରେ ସେ ଅଭିଯାନ ପ୍ରତିଷ୍ଠିତ ତାହା ନିଶ୍ଚୟ ଫଳବତୀ ହେବ । ପ୍ରଚଣ୍ଡ ଗ୍ରୀଷ୍ମ ମଧ୍ୟାହ୍ନର ଶତାଧିକ ମାଇଲ ପଦଯାତ୍ରା ଓ ପଥତଟ ବୃକ୍ଷତଳ ଓ ନିର୍ମଳ ଆକାଶ ତଳେ ରାତିଯାପନ ଏ ପ୍ରକାର କଠୋର ତପସ୍ୟା ଆଜି ସୁଦ୍ଧା କେତେ କଳ୍ପନାତୀତ । ସେହି ତପ ଆରମ୍ଭ ଶ୍ରୀ କ୍ଷେତ୍ରରେ । ତାହାର ସଫଳ ଅପେକ୍ଷା କରି ବସିଛନ୍ତି ପୃଥିବୀର ମାନବ ସମ ସ୍ୱର୍ଗର ଦେବତା ମଧ୍ୟ । ତାହାର ସ୍ମରଣ କରି ଆସ ହିନ୍ଦୁ ଆଜି ସେହି ଆରବ୍ଧ ତପସ୍ୟାରେ ଅଂଶ ଗ୍ର କରନ୍ତୁ ଓ ଏ ପ୍ରାଚୀନ ସମାଜରୁ ଶୁଦ୍ଧ ସଂସ୍କାର ପରିତ୍ୟାଗ କରି ବସନ୍ତ ଋତୁର ନବପଲ୍ଲବରେ ଶୋ କରନ୍ତୁ । ହଜାର ହଜାର ବର୍ଷର ଏ ସମାଜ ହଜାର ହଜାର ବର୍ଷର ଗୌରବମୟ ଅପୂର୍ବ ...

---

୨୦୭୯ ମଇ ୭, ୮ ଓ ୯ ତାରିଖରେ ପୁରୀଠାରେ ଅନୁଷ୍ଠିତ 'ଗାନ୍ଧିଜୀଙ୍କର ଐତିହାସିକ ପଦଯାତ୍ରା' ସମ୍ମିଳନୀ ଉପଲକ୍ଷେ ଡକ୍ଟର ହରେକୃଷ୍ଣ ମହତାବ ପଠାଇବା ବାର୍ତ୍ତାରୁ ଗୃହୀତ ।



ଉତ୍କଳ ପ୍ରସଙ୍ଗ, ଜୁନ୍-୧୯

ଚନ୍ଦ୍ରଶେଖର ମହାପାତ୍ର

# ଗାନ୍ଧୀ ସ୍ମୃତିରକ୍ଷାପାଇଁ ସ୍ଥାୟୀ ଉଦ୍ୟମ

ଗାନ୍ଧିଜୀଙ୍କର ଜନ୍ମ ଶତବାର୍ଷିକୀ ପାଳନ ଆରମ୍ଭରେ ପ୍ରଥମ ଗାନ୍ଧୀ ସ୍ମୃତିସ୍ତମ୍ଭ ବେଜଓ୍ୱାଡ଼ାଠାରେ ରାଷ୍ଟ୍ରପତି ଡକ୍ଟର ଜାକୀର ହୁସେନ ଗତ ଅକ୍ଟୋବର ମାସ ୨ ତାରିଖ ଉଦ୍‌ଘାଟନ କରିଥିଲେ । ଅବଶ୍ୟ ମହାତ୍ମା ଗାନ୍ଧୀ ସ୍ମୃତିସ୍ତମ୍ଭର ଘୋର ବିରୋଧୀ ଥିଲେ । ...ପୁର କଂଗ୍ରେସରେ ତାଙ୍କର ଗୋଟିଏ ପ୍ରସ୍ତରମୂ...ର୍ତ୍ତି ସ୍ଥାପନା ଉଦ୍ୟମ ହେବାରୁ ତା'ର ନିନ୍ଦାକରି ...ଥିପାଇଁ ସଂଗୃହୀତ ଅର୍ଥ ଦରିଦ୍ର ହରିଜନଙ୍କପାଇଁ ...ର୍ଚ୍ଚ ହେବ ବୋଲି ସେ ଜିଦ୍ କରିଥିଲେ । ତାଙ୍କର ...ତ ଗ୍ରହଣ କରି ନ ଗଲେ ସେ କଂଗ୍ରେସର ଅଧିବେଶନରେ ମଧ୍ୟ ଯୋଗ ଦେବେ ନାହିଁ ବୋଲି ...ଣ୍ୟରେ ଘୋଷଣା କରିଥିଲେ ।

...ମାତ୍ର ବେଜଓ୍ୱାଡ଼ାଠାରେ ଏହା କେବଳ ସ୍ମୃତିସ୍ତମ୍ଭ ...ନୁହେଁ, ଏହା ସହିତ ଏକ ପାଠାଗାର ଓ ସଭାଗୃହ ନିର୍ମାଣର ପ୍ରସ୍ତାବ ଅଛି । ଗାନ୍ଧୀ ସ୍ମାରକ ନିଧି ...ଷ୍ଠି ଦେଶରେ ପ୍ରଥମେ ଏହି ସ୍ମୃତିସ୍ତମ୍ଭ ନିର୍ମାଣ ...ଯାଇ ଏହାପରେ ଏହି ବର୍ଷକ ମଧ୍ୟରେ ଆଉ ୫ଟି ସ୍ଥାନରେ ଯଥା –ଗୁଜୁରାଟ, ମାନ୍ଦ୍ରାଜ, ବିହାର, ମଣିପୁର ଓ ମହାରାଷ୍ଟ୍ରରେ ମଧ୍ୟ ଏହିଭଳି ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ପ୍ରସ୍ତାବ ଅଛି । ପ୍ରତି ସ୍ମୃତିସ୍ତମ୍ଭ ସହିତ ପାଠାଗାର ଓ ସଭାଗୃହ ନିର୍ମାଣର ମଧ୍ୟ ପ୍ରସ୍ତାବ ଅଛି ।

ପୂର୍ବରୁ ଗାନ୍ଧିଜୀଙ୍କ ସ୍ମୃତି ରକ୍ଷାପାଇଁ ଆଞ୍ଚଳିକ ଭିତ୍ତିରେ ପଶ୍ଚିମ ବଙ୍ଗଳାର ବାରକ୍‌ପୁରଠାରେ ଗୋଟିଏ ଗାନ୍ଧୀ ସଂଗ୍ରହାଳୟ ନିର୍ମାଣ କରାଯାଇଅଛି । କଲିକତାଠାରୁ ପ୍ରାୟ ୨୫ କିଲୋମିଟର ଦୂରରେ ଗଙ୍ଗାନଦୀ କୂଳରେ ଏହି ସଂଗ୍ରହାଳୟ ଏକ ରମଣୀୟ ଉଦ୍ୟାନ ମଧ୍ୟରେ ମାର୍ବଲ ପଥରରେ ନିର୍ମାଣ କରାଯାଇଅଛି । ଏଠାରେ ଗାନ୍ଧିଜୀଙ୍କର ଓଡ଼ିଶା, ବଙ୍ଗଳା ଓ ଆସାମ ଗସ୍ତ ସମୟର କେତେକ ଫଟୋ ମଧ୍ୟ ସ୍ଥାୟୀଭାବେ ପ୍ରଦର୍ଶିତ ହୋଇଅଛି । ଗାନ୍ଧିଜୀଙ୍କର କେତେକ ଭାଷଣ ରେକର୍ଡିଂ କରାଯାଇ ଏଠାରେ ସଂରକ୍ଷିତ ହୋଇଅଛି । ଗାନ୍ଧିଜୀଙ୍କର ଲେଖାସବୁ ସମ୍ପାଦନା କରାଯାଇ ପ୍ରକାଶିତ ହୋଇ ପ୍ରାୟ ୮ ହଜାର

ବହି ଏଠାରେ ରଖାଯାଇଅଛି । ଗାନ୍ଧିଜୀଙ୍କ ଆଦର୍ଶ ଓ ସାଧନା ସମ୍ପର୍କରେ ଦେଶ ଓ ବିଦେଶର ବିଶିଷ୍ଟ ଲେଖକମାନଙ୍କ ଦ୍ୱାରା ପ୍ରଣୀତ ସହସ୍ରାଧିକ ପୁସ୍ତକ ମଧ୍ୟ ଏଠାରେ ଅଛି । ଗାନ୍ଧୀ ସ୍ମାରକ ନିଧି ଦ୍ୱାରା ଏହା ପ୍ରତିଷ୍ଠିତ ଓ ପରିଚାଳିତ ।

ମହାତ୍ମାଜୀଙ୍କର ଅସ୍ଥି ବିସର୍ଜନ ପରେ ପ୍ରସ୍ତାବ ହୋଇଥିଲା ଯେ ଯେଉଁସବୁ ସ୍ଥାନରେ ଅସ୍ଥି ବିସର୍ଜନ କରାଯାଇଅଛି ସେଠାରେ ମହାତ୍ମାଜୀଙ୍କର ସ୍ମୃତିରକ୍ଷା ନିମନ୍ତେ ଗୋଟିଏ ଲେଖାଏଁ ପାଠାଗାର ଓ ସଭାଗୃହ ନିର୍ମାଣ କରାଯିବ । ତଦନୁସାରେ ପୁରୀର ମହୋଦଧି କୂଳରେ ମଧ୍ୟ ଗୋଟିଏ ସଭାଗୃହ ଓ ପାଠାଗାର ନିର୍ମାଣର ପରିକଳ୍ପନା ଥିଲା । ମାତ୍ର ସେ ଦିଗରେ ଗତ ୨୦ ବର୍ଷ ମଧ୍ୟରେ କୌଣସି ଉଲ୍ଲେଖଯୋଗ୍ୟ ପଦକ୍ଷେପ ନିଆଯାଇ ପାରି ନାହିଁ ।

ଗାନ୍ଧୀ ଜନ୍ମ ଶତବାର୍ଷିକୀ ପାଳନ ସମୟରେ ଗାନ୍ଧିଜୀ ପରିଦର୍ଶନ କରିଥିବା ସମସ୍ତ ଗ୍ରାମ ଓ ଅନୁଷ୍ଠାନରେ କିଛିଟା ସ୍ମାରକୀ ରଖିବାର ପ୍ରସ୍ତାବ ଅଛି । ଆଉ ୬ ମାସ ମଧ୍ୟରେ ଏ ଦିଗରେ କେତେଦୂର ଅଗ୍ରଗତି ସମ୍ଭବ ହେବ କହି ହେଉନାହିଁ । କଟକର କୁଷ୍ଠାଶ୍ରମ ଓ ଅଲକାଶ୍ରମ ଗାନ୍ଧିଜୀ ପରିଦର୍ଶନ କରିଥିଲେ । କୁଷ୍ଠାଶ୍ରମକୁ ଦୁଇଥର ପରିଦର୍ଶନ କରିଥିଲେ । ଅନାଥାଶ୍ରମକୁ ଆଶୀର୍ବାଦ କରିଥିଲେ । ବର୍ତ୍ତମାନ ଏହି ଦୁଇଟି ଅନୁଷ୍ଠାନରେ ଗାନ୍ଧିଜୀଙ୍କର ସ୍ମରଣରେ କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟ କରାଯାଇପାରେ । କୁଷ୍ଠାଶ୍ରମରେ ପୂର୍ବପରି କୁଷ୍ଠରୋଗୀ ଏବେ ମଧ୍ୟ ଅଛନ୍ତି । ସେମାନଙ୍କ ପାଇଁ ଚିକିତ୍ସା ଓ ରହିବାର ବ୍ୟବସ୍ଥାରେ କେତେକ ଉନ୍ନତି ମଧ୍ୟ କରାଯାଇଅଛି ।

ଗାନ୍ଧିଜୀ ପ୍ରଥମେ ୧୯୨୧ ମସିହାରେ କଟକ ଆସି କାଠଯୋଡ଼ି କୂଳରେ ନଗରବାସୀ ସଭାରେ ଭାଷଣ ଦେଇଥିଲେ । ସେହି କାଠଯୋଡ଼ି କୂଳରେ ଅବସ୍ଥିତ ଏହି ଅନାଥାଶ୍ରମରେ ଗାନ୍ଧିଜୀଙ୍କ ସ୍ମୃତିରକ୍ଷା ପାଇଁ ଉପ... ବ୍ୟବସ୍ଥା କରିବା ବିଷୟ ବିଚାର୍ଯ୍ୟ । ବିଶେଷତଃ ... ଗାନ୍ଧିଜୀଙ୍କର ସ୍ମୃତିରକ୍ଷା ପାଇଁ ଏଠାରେ ... ପାଠାଗାର ଓ ସଭାଗୃହ ପ୍ରତିଷ୍ଠା ... ଆବଶ୍ୟକ । ଗାନ୍ଧିଜୀ ଓଡ଼ିଶାର ଅନ୍ୟ ... ଜିଲ୍ଲା ଅପେକ୍ଷା କଟକ ଜିଲ୍ଲାରେ ଅଧିକ ... କଟାଇଛନ୍ତି । କଟକ କେବଳ ଓଡ଼ିଶାର ... ସାରା ଭାରତରେ ସବୁ ପୁରାତନ ରାଜଧାନୀ ... ମାନଙ୍କମଧ୍ୟରେ ଅନ୍ୟତମ, ତେଣୁ ଏଠାରେ ଗାନ୍ଧ... ସ୍ମୃତିରକ୍ଷା ପାଇଁ କିଛି ଉନ୍ନତ ଧରଣର ... ହେବା ବିଧେୟ ।

ଗାନ୍ଧୀ ସ୍ମାରକ ନିଧି କେତେକ ସ୍ଥାନରେ ସ୍ମୃ... ନିର୍ମାଣ କରୁଛନ୍ତି । ଜନସାଧାରଣଙ୍କ ପକ୍ଷରୁ ... ଆରମ୍ଭ ହେଲେ କଟକରେ ମଧ୍ୟ ଏହିଭଳି ଏକ ସ୍ମୃ... ନିର୍ମାଣ କରିବା ସହଜସାଧ୍ୟ ହୁଅନ୍ତା ।

ଗାନ୍ଧିଜୀ ୧୯୦୩ରୁ ୧୪ ମସିହା ପର୍ଯ୍ୟନ୍ତ ... ଆଫ୍ରିକାରେ 'ଦି ଇଣ୍ଡିଆନ୍ ଓପିନିୟନ' ନାମ... ଏକ ପତ୍ରିକା ସଂପାଦନା କରିଥିଲେ । ଏହା ... ଆଫ୍ରିକାର ଭାରତୀୟମାନଙ୍କର ମୁଖପତ୍ର ... ଭାରତକୁ ଫେରିବା ପରେ ମହାତ୍ମାଜୀ ୧୯୧୯ ... ଆନିବେସାନ୍ତଙ୍କ ଦ୍ୱାରା ପ୍ରକାଶିତ 'ୟଙ୍ଗ ଇଣ୍ଡି...' ପତ୍ରିକାର ସମ୍ପାଦନା ଦାୟିତ୍ୱ ନେଇଥିଲେ । ... ୧୯୩୩ରୁ ୪୮ ପର୍ଯ୍ୟନ୍ତ ସେ 'ହରିଜ...' ପତ୍ରିକାର ଦାୟିତ୍ୱ ନେଇଥିଲେ । ଏହି ... ପତ୍ରିକା ମାଧ୍ୟମରେ ସେ ବିଶ୍ୱର ... ସମସ୍ୟାର ସତ୍ୟ ଓ ଅହିଂସା ମାର୍ଗରେ ସମାଧାନ ପାଇଁ ପଥ ପ୍ରଦର୍ଶନ କରୁଥିଲେ । ତାଙ୍କର ... ଲେଖା ଏବଂ ମୁଖ୍ୟ ଭାଷଣଗୁଡିକ ଏହି ... ମାଧ୍ୟମରେ ପ୍ରକାଶିତ ହୋଇଅଛି । ଏହିସବୁ ... ସଂଗ୍ରହ, ସମ୍ପାଦନା ଏବଂ ଅନୁବାଦ କରାଯାଇ ... କେବଳ ଭାରତୀୟ ଭାଷାମାନଙ୍କରେ ପ୍ରାୟ ୧୫ ...

(ଅବଶିଷ୍ଟାଂଶ ୧୪ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଗାନ୍ଧୀ ଶତବାର୍ଷିକୀ
# ସାମାଜିକ କାର୍ଯ୍ୟ ଉପସମିତି

ଓଡ଼ିଶା ରାଜ୍ୟ ଗାନ୍ଧୀ ଶତବାର୍ଷିକୀ କମିଟି ୧୯୬୭ ମସିହା ଅଗଷ୍ଟ ୨୬ ତାରିଖରେ ଭୁବନେଶ୍ୱରଠାରେ ଯୁବକ ଭବନରେ ଉଦ୍‌ଘାଟିତ ହୋଇସାରିବା ପରେ ଏହାର କାର୍ଯ୍ୟକାରୀ କମିଟିର ପ୍ରଥମ ବୈଠକ ସେପ୍ଟେମ୍ବର ୧୫, ୧୯୬୭ରେ ବସି କେତେଗୋଟି ଉପସମିତି ଗଠନ କରିବା ପାଇଁ ସ୍ଥିର କଲେ । ବର୍ତ୍ତମାନ ରାଜ୍ୟରେ ଥିବା ଆଠଗୋଟି ଉପସମିତି ମଧ୍ୟରୁ ସାମାଜିକ କାର୍ଯ୍ୟ ଉପସମିତି ଅନ୍ୟତମ ।

ଏହି ଉପସମିତି ପ୍ରଧାନତଃ ଦୁଇଟି କାର୍ଯ୍ୟକ୍ରମ ଉପରେ ଜୋର ଦେଇଛନ୍ତି । ସେ ଦୁଇଟି ହେଲା (୧) ଅସ୍ପୃଶ୍ୟତା ନିବାରଣ ଓ (୨) ନିଶା ନିବାରଣ । ପ୍ରଦେଶରୁ ସଂପୂର୍ଣ୍ଣ ରୂପେ ଅସ୍ପୃଶ୍ୟତା ନିବାରଣ ପାଇଁ, ସମସ୍ତ ସବୁ ଜାତିର ଲୋକେ ମନ୍ଦିର ଭିତରେ ପ୍ରବେଶ କରିବା ପାଇଁ ଏବଂ କୂଅ କମ୍ବା ପୋଖରୀର ପାଣି ଜାତି ଓ ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବ୍ୟବହାର କରିବାପାଇଁ ପଦକ୍ଷେପ ନିଆଯାଇଛି ।

ପ୍ରଦେଶରୁ ସଂପୂର୍ଣ୍ଣ ଭାବେ ନିଶା ନିବାରଣ ପାଇଁ ଗୋଟିଏ ଶିକ୍ଷାପ୍ରଦ ଅଭିଯାନ ନିଆଯାଇଛି । ବିଭିନ୍ନ ବେସରକାରୀ ସଂସ୍ଥା ଜରିଆରେ ଏହି ପ୍ରକାରର କାର୍ଯ୍ୟକ୍ରମ ଆଗେଇ ଚାଲିଛି । ସରକାରଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ ଓ ଗ୍ରାମମଙ୍ଗଳ ଏବଂ ଶ୍ରମ ପ୍ରଭୃତି ବିଭାଗମାନଙ୍କୁ ଲୋକଙ୍କର ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ଉନ୍ନତି ବିଷୟରେ ଶିକ୍ଷା ଦେବାକୁ ବିଶେଷ ଭାବରେ ଉପସମିତି ନିବେଦନ କରିଛନ୍ତି । ବିଭିନ୍ନ ଧର୍ମଗୁରୁଙ୍କର ନିଶା ଉପରେ ଥିବା ଅଭିମତକୁ ଏକତ୍ର କରାଯାଇ ଗୋଟିଏ ପ୍ରଚାର ପତ୍ର ଛାପିବାର ସ୍ଥିର ହୋଇଛି ।

ଅନ୍ୟାନ୍ୟ କାର୍ଯ୍ୟମାନଙ୍କ ମଧ୍ୟରେ ଭଙ୍ଗିମୁକ୍ତି, କୁଷ୍ଠ ରୋଗ ସମ୍ପର୍କରେ ଭ୍ରମ ଧାରଣା ଦୂର, ଆଦିବାସୀ ଓ ହରିଜନମାନଙ୍କ ପାଇଁ କାର୍ଯ୍ୟକ୍ରମ ଏବଂ ଅସାମାଜିକ କାର୍ଯ୍ୟକ୍ରମ ବନ୍ଦ କରିବା ମଧ୍ୟ ଏହି ଉପସମିତିର ଲକ୍ଷ୍ୟରେ ରହିଛି ।

ଗାନ୍ଧୀ ଶତବାର୍ଷିକୀ ବର୍ଷ ସମୟରେ ଭଙ୍ଗିମୁକ୍ତି କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ସମାଜରେ ପ୍ରଚଳିତ ଅସ୍ୱାସ୍ଥ୍ୟକର ବ୍ୟବସ୍ଥା ବନ୍ଦ କରିବା ଏବଂ ମେହେନ୍ତରମାନେ ମଇଳା ଟୋକେଇ ମୁଣ୍ଡରେ ନ ନେଇ, ପାଇଖାନାଗୁଡ଼ିକୁ ଆଧୁନିକ ଧରଣର ନିର୍ମାଣ କରିବାର ଚେଷ୍ଟା କରାଯାଉଛି । ଏ ସଂପର୍କରେ ହରିଜନ ସେବକ ସଂଘ ଏବଂ ଗାନ୍ଧୀ ସ୍ମାରକ ନିଧି ସକ୍ରିୟ ହୋଇ ଉଠିଛନ୍ତି । ଭାରତ ସରକାରଙ୍କର ସ୍ୱାସ୍ଥ୍ୟ, ପରିବାର ନିୟନ୍ତ୍ରଣ ଓ ସହର ଉନ୍ନୟନ ମନ୍ତ୍ରଣାଳୟ, ଏହି କାର୍ଯ୍ୟକ୍ରମରେ ସାହାଯ୍ୟ କରୁଛନ୍ତି । ଏହି ମନ୍ତ୍ରଣାଳୟ ପ୍ରାଦେଶିକ ସରକାର ଓ ବିଭିନ୍ନ ପୌର ସଂସ୍ଥାକୁ ନିମ୍ନମତେ ନିର୍ଦ୍ଦେଶ ଦେଇଛନ୍ତି :

୧—ନବ ନିର୍ମିତ କୋଠାବାଡ଼ିରେ ଆଧୁନିକ ଧରଣର ପାଇଖାନା ବ୍ୟବସ୍ଥା ରହିବ ।

୨—ଯେଉଁ ସ୍ଥାନମାନଙ୍କରେ ସୋରେଜ୍ ଅଛି, ସେଠାରେ ପାଇଖାନାଗୁଡ଼ିକ ସହିତ ବାଧ୍ୟତାମୂଳକ ଭାବେ ସଂଲଗ୍ନ କରିବାକୁ ହେବ ।

୩— ଯେଉଁଠି ସୋରେଜ୍ ନାହିଁ, ସେଠାରେ ଶୁଷ୍କ ପାଇଖାନା (ବରପାଲ) କରିବାକୁ ପଡ଼ିବ ।

ଏ ସଂପର୍କରେ କେନ୍ଦ୍ରୀୟ ଗାନ୍ଧୀ ଶତବାର୍ଷିକୀ କମିଟି ତରଫରୁ ବିଭିନ୍ନ ପ୍ରସ୍ତାବ ଆଦି ଦେଶସାରା ବଣ୍ଟାଯାଉଛି । ଏହି ବିଷୟରେ ଓଡ଼ିଶାର ସମସ୍ତ ପୌର ସଂସ୍ଥାମାନଙ୍କରେ ଏକ ସମ୍ମିଳନୀ ଖୁବ୍ ନିକଟରେ ରାଜ୍ୟ ଗାନ୍ଧୀ ଶତବାର୍ଷିକୀ ସାମାଜିକ କାର୍ଯ୍ୟକ୍ରମ ଉପସମିତି ତରଫରୁ ଆୟୋଜନ କରାଯାଉଛି ।

ଆମ ସମାଜରେ କୁଷ୍ଠରୋଗୀମାନଙ୍କ ପ୍ରତି ଯେପରି ଘୃଣ୍ୟ ମନୋଭାବ ରହିଛି, ତାହାର ଦୂରୀକରଣ ପାଇଁ ସାମାଜିକ କାର୍ଯ୍ୟ ଉପସମିତି ପକ୍ଷରୁ ପଦକ୍ଷେପ ନିଆଯାଉଛି ।

ଓ୍ୱାର୍ଦ୍ଧାସ୍ଥ ଗାନ୍ଧୀ ସ୍ମାରକ କୁଷ୍ଠସେବା ପ୍ରତିଷ୍ଠାନର ନିର୍ଦ୍ଦେଶକ ଆର୍: ଭି: ଓ୍ୱାର୍ଦ୍ଦେକାରଙ୍କ କୁଷ୍ଠରୋଗ ସଂପର୍କରେ ମୂଳ ଇଂରାଜୀ ଲେଖା ଦଶଟି ବହିର ଓଡ଼ିଆ ଅନୁବାଦ କରାଯାଉଛି ।

**ପୁସ୍ତକଗୁଡ଼ିକ ହେଲା—**

୧ । କୁଷ୍ଠରୋଗ ସମସ୍ୟାସହ ପ୍ରତ୍ୟେକ ନାଗରିକ ସଂପୃକ୍ତ ।

୨ । କୁଷ୍ଠରୋଗ ସଂକ୍ରମଣ ।

୩ । କୁଷ୍ଠରୋଗର ପ୍ରାଥମିକ ଚିହ୍ନ ।

୪ । କୁଷ୍ଠରୋଗର ସଂକ୍ରାମକତାର ସୀମିତ ଅଂଶ ।

୫ । କୁଷ୍ଠରୋଗର ବିକଳାଙ୍ଗ ଅବସ୍ଥା ।

୬ । କୁଷ୍ଠରୋଗ ଆରୋଗ୍ୟ ସାଧ୍ୟ ।

୭ । କୁଷ୍ଠଗ୍ରସ୍ତ ଭିକ୍ଷୁକ ସମସ୍ୟା ।

୮ । କୁଷ୍ଠରୋଗର ଆକ୍ରମଣରୁ ଆପଣଙ୍କ ନିରାପତ୍ତା ବ୍ୟବସ୍ଥା ।

୯ । କୁଷ୍ଠରୋଗୀମାନଙ୍କ ଚିକିତ୍ସା ମଣ୍ଡଳୀ ଉପରେ ଆପଣଙ୍କ ନିରାପତ୍ତା ନିର୍ଭର କରେ ।

୧୦ । ଜାତୀୟ କୁଷ୍ଠ ସମସ୍ୟା ସମାଧାନର ଉପାୟ ।

ଓଡ଼ିଶାର ଆଦିବାସୀ ଓ ହରିଜନମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଏହି ଉପସମିତି ବେ-ସରକାରୀ ସଂସ୍ଥାମାନଙ୍କ ଜରିଆରେ ଉଦ୍ୟମ କରୁଛନ୍ତି । ସେମାନଙ୍କର ବିଭିନ୍ନ ସମସ୍ୟା ଯଥା: ଶିକ୍ଷା, ସ୍ୱାସ୍ଥ୍ୟ, ଭୂମି ଇତ୍ୟାଦି ସମାଧାନ କରିବା ପାଇଁ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କର କର୍ମକର୍ତ୍ତାମାନଙ୍କୁ ନେଇ ସାମୟିକ ବୈଠକ କରାଯାଉଛି । ଗାନ୍ଧୀ ଶତବାର୍ଷିକୀରେ ଏହି ବେସରକାରୀ ସଂସ୍ଥାମାନଙ୍କର ସମନ୍ୱୟ ସ୍ଥାପନ କରିବା ପାଇଁ ଏମାନଙ୍କର ଗୋଟିଏ ସମ୍ମିଳନୀ ମେ' ମାସରେ ବସିବାର ସ୍ଥିର କରାଯାଇଛି ।

ଗତ ଜାନୁଆରୀ ମାସରେ ଭୁବନେଶ୍ୱରଠାରେ ଏହି ଉପସମିତି ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଗୋଟିଏ

ପୂର୍ଣ୍ଣକର୍ମୀ ସମାଜସେବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀକୁ ରାଜ୍ୟ ଗାନ୍ଧୀ ଶତବାର୍ଷିକୀ କାର୍ଯ୍ୟକାରୀ କମିଟିର ଅଧ୍ୟକ୍ଷ ଡଃ ହରେକୃଷ୍ଣ ମହତାବ ଉଦ୍‌ଘାଟନ କରିଥିଲେ ଓ ଉଦ୍‌ଯାପନ ଉତ୍ସବରେ ରାଜ୍ୟ ଆଦିବାସୀ ଓ ଗ୍ରାମମଙ୍ଗଳ ମନ୍ତ୍ରୀ ଶ୍ରୀ ଶାନ୍ତନୁକୁମାର ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଉପସମିତିର ସଭାପତି ଡଃ ସଦାଶିବ ମିଶ୍ର ଏବଂ ଗାନ୍ଧୀ ଶତବାର୍ଷିକୀ କମିଟିର ସଂପାଦକ ଶ୍ରୀ ହରମୋହନ ପଟ୍ଟନାୟକ ଯଥାକ୍ରମେ ଉଦ୍‌ଘାଟନ ଓ ଉଦ୍‌ଯାପନ ଉତ୍ସବ ଦିବସରେ ସଭାପତିତ୍ୱ କରିଥିଲେ । ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୪୦ ଜଣ ପ୍ରତିନିଧି ଏବଂ ରାଜଧାନୀର ବିଭିନ୍ନ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନର ପ୍ରତିନିଧିବୃନ୍ଦ ଯୋଗ ଦେଇଥିଲେ । ଆଦିବାସୀ ଓ ହରିଜନମାନଙ୍କର ଅର୍ଥନୈତିକ ଉନ୍ନତି ବ୍ୟବସ୍ଥା, ଭଙ୍ଗୀମୁକ୍ତି କାର୍ଯ୍ୟକ୍ରମ, ନିଶାନିବାରଣ, ଅସ୍ପୃଶ୍ୟତା ନିବାରଣ ସଂପର୍କରେ ବିଭିନ୍ନ ପ୍ରସ୍ତାବମାନ ଗୃହୀତ ହୋଇଥିଲା ।

ଗାନ୍ଧିଜୀଙ୍କର ଐତିହାସିକ ପଦଯାତ୍ରାର ସ୍ମରଣ ପାଇଁ ପୁରୀଠାରେ ଏକ ସମ୍ମିଳନୀ ମେ'ମାସରେ ଅନୁଷ୍ଠିତ ହେବ ବୋଲି ଠିକ ହୋଇଥିଲା ।

ରାଷ୍ଟ୍ରୀୟ ଗାନ୍ଧୀ ଶତବାର୍ଷିକୀ ସାମାଜିକ କାର୍ଯ୍ୟକ୍ରମ ଉପସମିତି ତରଫରୁ ଭାରତ ବର୍ଷର ବିଭିନ୍ନ ପ୍ରଦେଶରେ ଶିବିରମାନ ଅନୁଷ୍ଠିତ ହୋଇସାରିଛି । ୧୯୬୮ ମସିହା ୨୩ ତାରିଖଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାରେ ଏକ ଶିବିର ଅନୁଷ୍ଠିତ ହୋଇସାରିଛି ।

ରାଷ୍ଟ୍ରୀୟ ଉପସମିତି ତରଫରୁ ଅସ୍ପୃଶ୍ୟତା ନିବାରଣ, ଭଙ୍ଗୀମୁକ୍ତି, ସଫେଇ ଇତ୍ୟାଦି ସଂପର୍କରେ ନଅଗୋଟି ଚିତ୍ର ପ୍ରଚାର ପଟ୍ଟ ଉତ୍କଳ ହରିଜନ ସେବକ ସଂଘ ଜରିଆରେ ଓଡ଼ିଶାକୁ ଆସିଛି ଏବଂ ସେସବୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରଚାର ଚାଲିଛି ।

ରାଜ୍ୟ ସମାଜ ସେବକ ସମ୍ମିଳନୀ ଓ ବେସରକାରୀ ସଂସ୍ଥାମାନଙ୍କର ସମ୍ମିଳନୀ ପରେ ରାଜ୍ୟ ପୌର ସଂସ୍ଥା ସମ୍ମିଳନୀ, ନିଶା ଓ ଅସ୍ପୃଶ୍ୟତା ନିବାରଣ ପାଇଁ ଆଲୋଚନା ଚକ୍ର, ବିଭିନ୍ନ ତାଲିମ ଶିବିର, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଇତ୍ୟାଦି ହେବାର ସ୍ଥିର କରାଯାଇଛି ।

ଓଡ଼ିଶା ରାଜ୍ୟ ଗାନ୍ଧୀ ଶତବାର୍ଷିକୀ କମିଟିର ମୁଖପତ୍ର "ବାର୍ତ୍ତାବହ" ଏହି ଉପସମିତି ତରଫରୁ ପ୍ରକାଶ ପାଉଛି । ଏଥିରେ ଗାନ୍ଧୀ ଶତବାର୍ଷିକୀ କମିଟିର କାର୍ଯ୍ୟକ୍ରମ ତଥା ଏ ସମ୍ପର୍କୀୟ ଆବଶ୍ୟକୀୟ ସମ୍ବାଦ ପ୍ରକାଶ ପାଉଛି । ନିଶା ନିବାରଣ ଓ ଅସ୍ପୃଶ୍ୟତା ନିବାରଣ ସମ୍ପର୍କରେ ଗାନ୍ଧିଜୀଙ୍କ ବାଣୀ ଏବଂ ଲେଖାସବୁ ବିଶେଷ ଭାବରେ ସ୍ଥାନ ପାଉଛି । ଗତ ୧୯୬୮ ମସିହା ଅକ୍ଟୋବରଠାରୁ ଏହି ପତ୍ରିକା ପ୍ରକାଶ ପାଇ ଆସୁଛି ଓ ବିନା ମୂଲ୍ୟରେ ବଣ୍ଟାଯାଉଛି ।

---

# ଦୁର୍ଦ୍ଦିନର ମୁକାବିଲା କରିବା ପାଇଁ ସଂଚୟ କରନ୍ତୁ

ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କରେ ଆଜି ଫିକ୍ସଡ ଡିପୋଜିଟ୍ ଏକାଉଣ୍ଟ ଖୋଲନ୍ତୁ ।

*ଏହି ଏକାଉଣ୍ଟରେ ଟ ୫୦.୦୦ କରି ଜମା ଦିଆଯାଇ ପାରିବ

*ଜଣକିଆ ଏକାଉଣ୍ଟରେ ଟ ୨୫,୦୦୦ ଓ ଯୁଗ୍ମ ଏକାଉଣ୍ଟରେ ଟ ୫୦,୦୦୦ ଜମା ଦିଆଯାଇ ପାରିବ ।

*ପ୍ରତି ଟ ୫୦.୦୦ ଜମା ଉପରେ ୫ ବର୍ଷ ପରେ ଟ ୭୨.୫୦ ପଇସା ମିଳିବ ।

ଜମା ଟଙ୍କାରୁ ମିଳୁଥିବା ଲାଭ ଉପରେ ଆୟକର ପଡ଼େ ନାହିଁ ।

ବିଶେଷ ବିବରଣୀ ପାଇଁ ନିକଟତମ ଡାକଘରେ ଅନୁସନ୍ଧାନ କରନ୍ତୁ ।

ଲୋକ ସଂପର୍କ ନିର୍ଦ୍ଦେଶାଳୟ
ଭୁବନେଶ୍ୱର

# ଶ୍ରମ ଏବଂ ଉତ୍ପାଦିକା ଶକ୍ତି : ଏକ ଆଲୋଚନାଚକ୍ର

କିଛିକାଳ ପୂର୍ବେ ବଡ଼ବିଲଠାରେ ଓଡ଼ିଶା ଶ୍ରମ କମିଶନଙ୍କ ଆନୁକୂଲ୍ୟରେ 'ଶ୍ରମ ଏବଂ ଉତ୍ପାଦିକା ଶକ୍ତି' ସଂପର୍କରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରରେ ବିଭିନ୍ନ ବକ୍ତା ଦେଇଥିବା ବକ୍ତୃତାରୁ ସଂକଳିତ ।

## ଶ୍ରମ ଏବଂ ଉତ୍ପାଦିକା ଶକ୍ତି

ଆଜି ଦେଶର ଅଗ୍ରଗତିରେ ଉତ୍ପାଦିକା ଶକ୍ତିର ବୃଦ୍ଧିକରଣ ଯେପରି ଜରୁରୀ ସମସ୍ୟା ରୂପେ ଅନୁଭୂତ ହେଉଛି, ତାହା ଅନ୍ୟ କୌଣସି ସମୟରେ ସେପରି ଭାବେ ଅନୁଭୂତ ହୋଇ ନ ଥିଲା । ଦ୍ୱିତୀୟ ଓ ତୃତୀୟ ପଞ୍ଚବାର୍ଷିକ ଯୋଜନାମାନଙ୍କରେ ଏ ସମସ୍ୟା ସଂକ୍ରାନ୍ତରେ ବହୁଳଭାବେ ଆଲୋଚନା କରାଯାଇଛି । ଯଦିଓ ଆମେ ଯୋଜନାର ତ୍ରୁଟିବିଧାନ (କିମ୍ବା ଏଥିଯୋଗୁ ଆମେ ଶଙ୍କାକ୍ରାନ୍ତ) ଅନୁଭବ କରୁଛୁ ତଥାପି ଏ ବିଷୟ-ବସ୍ତୁର ଗୁରୁତ୍ୱ କୌଣସିମତେ ମ୍ରିୟମାଣ ବା ହ୍ରାସ ହୋଇପାରିବ ନାହିଁ । ବିଭିନ୍ନ ମଜୁରିବୋର୍ଡ଼ର ପ୍ରଶ୍ନମାଳାମାନଙ୍କରେ ଏହି ଉତ୍ପାଦିକା ଶକ୍ତି ଉପରେ ବାର ବାର ପ୍ରଶ୍ନ ଉତ୍‌ଥାପିତ କରାଯାଇଛି । କେତେକ ମଜୁରି ବୋର୍ଡ଼ ମଧ୍ୟ, ମଜୁରି ନିର୍ଦ୍ଧାରଣ ସମସ୍ୟାରେ ଉତ୍ପାଦିକା ଶକ୍ତିକୁ ଏକ ଉପାଦାନରୂପେ ଗ୍ରହଣ କରିଥାଆନ୍ତି । ଏ ହେଲେ ମଧ୍ୟ କେଉଁ ନିର୍ଦ୍ଦିଷ୍ଟଭାବେ ଯେଉଁଗୁଡ଼ିକ ଉପରେ ସଂଲଗ୍ନ କରାଯିବ, ତା ଉପରେ ମତାମତ ମଧ୍ୟ ଦେଇ ନାହାନ୍ତି । ପୁଣି ଉତ୍ପାଦିକା ଶକ୍ତିର ବାର୍ତ୍ତା ପ୍ରସାର ଓ ପ୍ରଚାର କରାଇବାରେ ଦେଶର ବହୁ ଉତ୍ପାଦିକା ସମିତି ଭଲ ଭାଗନେଇ କରୁଛନ୍ତି । ଦେଶର ଶିଳ୍ପପତିମାନେ ସଦାସର୍ବଦା ଉତ୍ପାଦିକା ଶକ୍ତିର ବୃଦ୍ଧିକରଣ ଉପରେ ବିଶେଷକରି ଦେଶ ଅର୍ଥନୀତିର ସୁରକ୍ଷାପାଇଁ ଗୁରୁତ୍ୱ ଆରୋପ କରିଥାଆନ୍ତି । କେତେକ ଦାୟିତ୍ୱସଂପନ୍ନ ଶ୍ରମ ସଂଗଠନକୁ ଛାଡ଼ିଦେଲେ ଅନ୍ୟ ଶ୍ରମ ସଂଗଠନଗୁଡ଼ିକର ସଂକୋଚନ ରହିଛି । ଏହାହିଁ ହେଉଛି ବର୍ତ୍ତମାନର ପରିସ୍ଥିତି ବା ଭୂମିକା ଏବଂ ଏହାର

ତତ୍ତ୍ୱାତ୍ମକ ଆଲୋଚନା ଆଜିକାର ବିଷୟବସ୍ତୁ ଉପରେ ଆମେ କରିବାକୁ ଯାଉଛି ।

ଉତ୍ପାଦିକା ଶକ୍ତିର ସଂଜ୍ଞା ବିଭିନ୍ନ ପ୍ରକାରରେ ନିର୍ଦ୍ଦେଶିତ ହୋଇଛି । ମୌଳିକ ଏବଂ ବ୍ୟାପକ ଅର୍ଥରେ ଉତ୍ପାଦିକା ଶକ୍ତିର ବୃଦ୍ଧିକରଣ କହିଲେ ବୁଝାପଡ଼ୁଛି ଯେ, ଉତ୍ପାଦନର ସମସ୍ତ ଶକ୍ତି ଯଥା— ମଣିଷ ଶକ୍ତି, ଅର୍ଥ ବା ପୁଞ୍ଜି, ଯନ୍ତ୍ରପାତି, କଞ୍ଚାମାଲ ଏବଂ ବଜାର ହାଟ ପ୍ରଭୃତିକୁ ଦକ୍ଷତାର ସହିତ ନିୟନ୍ତ୍ରିତ କରିବା ଏବଂ ଅଳ୍ପ ଖର୍ଚ୍ଚରେ ଭଲ ଜିନିଷ ତିଆରି କରି ତାକୁ ବିକ୍ରୀ କରିବା । ତେଣୁ ଏହି ପ୍ରଣାଳୀରେ ସଂପୃକ୍ତଥିବା ପାଞ୍ଚଗୋଟି ମୁଖ୍ୟ ଭାଗିଦାର ହେଲେ—ଶ୍ରମ, ପୁଞ୍ଜି, ଶିଳ୍ପ ସରକାର ଏବଂ ସର୍ବୋପରି ଖାଉଟି । ଯାହାହେଉ ଆଜିର ଆଲୋଚନା ଚକ୍ରରେ ଶ୍ରମ ସଂକ୍ରାନ୍ତରେ ଉତ୍ପାଦିକାଶକ୍ତି ବିଷୟରେ ଗୁରୁତ୍ୱଟିକୁ ଆଲୋଚନା କରୁଛୁ । ତେଣୁ ସ୍ୱତଃ ପ୍ରଶ୍ନ ଉଠୁଛି ଯେ, ମଣିଷ ଶକ୍ତିର କିପରିଭାବେ ଦକ୍ଷ ବିନିଯୋଗ କରାଯାଇପାରିବ ।

ଅନ୍ୟାନ୍ୟ ମାନବିକ ସମସ୍ୟା ପରି ଏହି ସମସ୍ୟା-ଜନିତ ଗୋଟିଏ ପ୍ରଶ୍ନର ଗୋଟିଏ ଉତ୍ତର ନାହିଁ । କିନ୍ତୁ ଏହା କୁହାଯାଇପାରେ ଯେ, ମନସ୍ତତ୍ତ୍ୱମୂଳକ, ଶାରୀରିକମୂଳକ ଓ ଅର୍ଥନୀତିମୂଳକ ତିନୋଟି ଉପାଦାନହିଁ ସାଧାରଣତଃ ଉତ୍ପାଦିକା ଶକ୍ତିକୁ ପ୍ରଭାବିତ କରିଥାଏ । ତେଣୁ କେତେକ ଉପାଦାନର ସଂକ୍ଷିପ୍ତ ଆଲୋଚନା କରିବାରେ ନିମ୍ନରେ ପ୍ରୟାସ କରା-ଯାଇଛି ।

ପ୍ରଥମ ପଦକ୍ଷେପ ହେଲା ଉତ୍ପାଦିକା ଶକ୍ତିର ସଚେତନତାକୁ ରକ୍ଷା କରିବାପାଇଁ ସୁସ୍ଥ ବାୟୁମଣ୍ଡଳ ସୃଷ୍ଟି କରିବା । ତେଣୁ ଉଭୟେ ମାଲିକ ଓ ଶ୍ରମିକଙ୍କ ପାଇଁ ଏହାର କି ପ୍ରକାର ଉପାଦେୟତା ଅଛି, ତାହା ପ୍ରଥମେ ବର୍ଣ୍ଣାଇବାକୁ ପଡ଼ିବ । ଫଳରେ ଏହା ସେମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇ ଉତ... ଶକ୍ତିର ଲକ୍ଷ୍ୟ ହାସଲରେ ବିଶେଷ ସହାୟକ ହେବ । ତେଣୁ ସ୍ୱାର୍ଥର ପାରସ୍ପରିକ ବୁଝାମଣାକୁ ହିଁ ... କରିବାକୁ ପଡ଼ିବ ।

ନୂତନ ନୂତନ ଭାବନାପ୍ରସୂତ ଅବସ୍ଥା... ପାରମ୍ପରିକ ନୀତିଗୁଡ଼ିକୁ ତ୍ୟାଗ କରିବା ଅନ... ଏହି ଦୁଇଟି ମନସ୍ତାତ୍ତ୍ୱିକ ଉପାଦନର ଅନ... ବର୍ତ୍ତମାନ ଯୁଗରେ ଉତ୍ପାଦନ ଶୈଳୀର ପ୍ର... ପରିବର୍ତ୍ତନ ଓ ଖାଉଟି ଶ୍ରେଣୀର ଅଭାବଧାରା ପରି... ଯଦି ମାଲିକ, ତଦାରଖକାରୀ ଓ ଶ୍ରମିକମାନେ ଏ... ସବୁ ପରିବର୍ତ୍ତନଗୁଡ଼ିକୁ ସ୍ୱେଚ୍ଛାରେ ଓ ବୁଝିକ ଗ୍ର... କରନ୍ତି, ତା'ହେଲେ ଉତ୍ପାଦିକା ଶକ୍ତିର ... ବୃଦ୍ଧିକରଣ କରାଯାଇପାରିବ । ତଦନୁଯାୟୀ କର୍ମ... ପୁରୁଣା ଅଭ୍ୟାସଗୁଡ଼ିକ ତ୍ୟାଗ କରିବା ... ବାଞ୍ଛନୀୟ । ଯଦି ଓ ବର୍ତ୍ତମାନ ପରିସ୍ଥିତିରେ ... ଭଲ ଅଭ୍ୟାସଗୁଡ଼ିକ ଅଚଳନ୍ତି ବୋଲି ଜଣାପଡ଼ୁଛି ତା'ହେଲେ ସେ ଅଭ୍ୟାସଗୁଡ଼ିକ ମଧ୍ୟ ଗ୍ରହଣ କରାଯାଇ-ପାରେ । ଏ ସଂକ୍ରାନ୍ତରେ ଦୁଇଟି ଉଦାହରଣ ଦିଆଯାଇପାରେ । ସାଧାରଣତଃ ଦିନରେ କାମ କରି... ଯୁକ୍ତିଯୁକ୍ତ ବୋଲି ମନେ ହୋଇଥାଏ । କି... ଯନ୍ତ୍ରପାତିର ରକ୍ଷଣାବେକ୍ଷଣପାଇଁ ଯଦି ସଂଧ୍ୟା ପରେ କା... କରିବାକୁ ଦରକାର ପଡେ, ତା'ହେଲେ ପରିବର୍ତ୍ତି... କାର୍ଯ୍ୟର ସମୟ ବା ପାଳିକୁ ହିଁ ଗ୍ରହଣ କରିବାକୁ ... ହୋଇଥାଏ । ଯଦି ଏହା ନ କରାଯାଏ ତା'ହେଲେ କାଳକ୍ରମେ ଯନ୍ତ୍ରପାତି ପରିଚାଳନାରେ ମଣିଷ ଶ... ତାହାର ଦକ୍ଷତା ହରାଇ ବସିବ । ପ୍ଲେନ୍ କାରବୋ... (Plain Carbon) ଯେତେବେଳେ ଗୋଟି... ଖାଉଛି ଆଲୋୟ ଷ୍ଟିଲ୍ (Alloy Steel) ... ମିଶ୍ରିତ ଇସ୍ପାତର ସ୍ଥିରତା ନେଉଛି, ସେତେବେଳେ ସ୍ଥିରତା ନ ଥିବା (Plain Carbon Steel) ପ୍ଲେ... କାରବୋନ୍ ଷ୍ଟିଲ୍‌ର ଉତ୍ପାଦନ କରାଯାଉ...

ସମସ୍ୟାର ଆଦୌ ସମାଧାନ ହୋଇପାରିବ ନାହିଁ । ତେଣୁ ପରିବର୍ତ୍ତନଗୁଡ଼ିକ କାର୍ଯ୍ୟକାରୀ କରିବାକୁ ହେଲେ ଗୋଟିଏ ଜିନିଷ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ ଏବଂ ସେ ବିଷୟଟି ହେଲା—ପରିବର୍ତ୍ତିତ ଶୈଳୀର ଉତ୍ତମ କାର୍ଯ୍ୟକାରୀ ପନ୍ଥା ଅବଲମ୍ବନ ପାଇଁ ସଂପୃକ୍ତ ଶକ୍ତିମାନଙ୍କର ସହଯୋଗ ଓ ସଦିଚ୍ଛା କାମନା ଏକାନ୍ତ ଜରୁରୀ । ଏହା ନିଶ୍ଚିତ ଯେ ବିଭିନ୍ନ ଉପାଦାନ ଓ ପରିସ୍ଥିତି ଉପରେହିଁ ମିଳିତ ବୁଝାମଣା ନିର୍ଭର କରିଥାଏ । ତଥାପି ଏହା ନିଃସନ୍ଦେହ ଯେ, ଯେ କୌଣସି ପରିବର୍ତ୍ତିତ ଶୈଳୀର ଉତ୍ତମ ପ୍ରଚଳନପାଇଁ ପୂର୍ଣ୍ଣ ସହଯୋଗ ଏକାନ୍ତ କାମ୍ୟ ।

ଉତ୍ପାଦନ ଶକ୍ତିର ବୃଦ୍ଧି ପାଇଁ ଶୃଙ୍ଖଳାହିଁ ଆଉ ଗୋଟିଏ ଉପାଦାନ । ତେଣୁ ବର୍ତ୍ତମାନ ବିଚାର କରିବା, ଶୃଙ୍ଖଳା କହିଲେ କ'ଣ ବୁଝା ପଡ଼ୁଛି ? ଏହି ଶୃଙ୍ଖଳାହିଁ ମନରେ ଏକ ମନୋଭାବ, ଯାହା ଅନୁସାରେ କି ଏକ ବ୍ୟକ୍ତିବିଶେଷ ନିଜକୁ ପୂର୍ଣ୍ଣ ଭାବରେ ସଂଘ ଓ ସଂଘର ଦରକାରଜନିତ ଅବସ୍ଥାରେ ଆତ୍ମପ୍ରକାଶ କରିଥାଏ । ଏହି ଶୃଙ୍ଖଳା ଗୁଣ ଯୋଗୁଁ, ସେ ଯେଉଁ କାର୍ଯ୍ୟରେ ବାହାଲ ହୋଇଥାଉ ନା କାହିଁକି, ସେଥିରେ ସେ ଦକ୍ଷତା ପ୍ରକାଶ କରିଥାଏ । ଏହା କେବଳ ଶ୍ରମିକମାନଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ, ବରଂ ଅପର ପକ୍ଷରେ ଏହା ତଦାରଖକାରୀ ମାଲିକ ଗୋଷ୍ଠୀ ପରିଚାଳନା ପକ୍ଷ ତଥା ଅନ୍ୟମାନଙ୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ ହୋଇଥାଏ ।

ଆମୋଦପୂର୍ଣ୍ଣ କାର୍ଯ୍ୟ ପରିବେଶହିଁ ଶ୍ରମିକର ତା କାର୍ଯ୍ୟ ପ୍ରତି ମନୋନିବେଶ କରାଇବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ଶାରୀରିକ ଉପାଦାନ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । କଦର୍ଯ୍ୟ ପରିବେଶ ପ୍ରତିଷ୍ଠାନର ସମତଳ ଚଟାଣ ଓ ଧୂଳି ଧୂସରିତ ଆବହାଓ୍ୱା । ଶ୍ରମିକ ମନରେ ଅସନ୍ତୋଷ ଜନ୍ମାଇଥାଏ ଏବଂ କାର୍ଯ୍ୟ-କରିବାର ଇଚ୍ଛାକୁ ବ୍ୟାହତ କରିଥାଏ ।

ଶାରୀରିକ ପରିସ୍ଥିତି ସହିତ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହି ସୁରକ୍ଷା ଓ ସ୍ୱାସ୍ଥ୍ୟର ଅକ୍ଷତ ଓ ଅବ୍ୟାହତରେହିଁ ବହୁଳ ଉତ୍ପାଦନ ଶକ୍ତି ବୃଦ୍ଧି ପାଇଥାଏ । ଶ୍ରମିକର କଦର୍ଯ୍ୟ ସ୍ୱାସ୍ଥ୍ୟ, ଉତ୍ପାଦିକା ଶକ୍ତି ସେହିଁ ପରିମାଣରେ ହାସଲ ହେବା ତଥା ଆଶାଠାରୁ ନିମ୍ନ ସ୍ତରରେ ରହିଥାଏ । ଏହା ଶିଳ୍ପ ଅନୁପସ୍ଥିତିର ଅନ୍ୟତମ କାରଣ ହୋଇଥାଏ ଏବଂ ଫଳରେ ଏହା ଉତ୍ପାଦନକୁ ବ୍ୟାହତ କରିଥାଏ । ତେଣୁ ଏ ସବୁର ନିରାକରଣ ପାଇଁ ସୁରକ୍ଷା ଏବଂ ଦୁର୍ଘଟଣା ନିରାକରଣ ଯୋଜନା ଏବଂ ଡାକ୍ତରୀ ଚିକିତ୍ସାର ବହୁଳ ପରିବର୍ତ୍ତନ ଏକାନ୍ତ ବାଞ୍ଛନୀୟ ।

ମଙ୍ଗଳଜନକ ବ୍ୟବସ୍ଥା ଯଥା—କ୍ୟାଣ୍ଟିନ୍, ଶିକ୍ଷା, ଗୃହ ଓ ଅନ୍ୟାନ୍ୟ ଆମୋଦପ୍ରମୋଦ ବ୍ୟବସ୍ଥାମାନଙ୍କର ପ୍ରଚଳନ କେବଳ ପ୍ରତିଷ୍ଠାନ-ମାନଙ୍କର ସହୃଦୟପୂର୍ଣ୍ଣ ବାତାବରଣ ଖେଳାଏ ନାହିଁ ବରଂ ଅନ୍ୟ ପକ୍ଷରେ ପ୍ରତିଷ୍ଠାନମାନଙ୍କରେ ଏକ ସ୍ଥାୟୀ, ସନ୍ତୁଷ୍ଟ ଓ ଉତ୍ପାଦନକ୍ଷମ ଶ୍ରମିକ ସମାଜ ଗଢ଼ି ଉଠିଥାଏ । ଶିଳ୍ପ ପ୍ରତିଷ୍ଠାନମାନଙ୍କର ଅବସ୍ଥିତିକୁ ନେଇ ଏହି ସବୁ ମଙ୍ଗଳଜନକ ବ୍ୟବସ୍ଥାମାନ ଗ୍ରହଣ କରାଯାଇଥାଏ । ଉଦାହରଣସ୍ୱରୂପ କୁହାଯାଇପାରେ ଯେ, ଯଦି ଗୋଟିଏ ଶିଳ୍ପ ପ୍ରତିଷ୍ଠାନ ନଗର କିମ୍ବା ସହର ନିକଟରେ ଅବସ୍ଥିତ, ସେପରି ସ୍ଥଳେ ପର୍ଯ୍ୟାପ୍ତ ଭାବେ ଶିକ୍ଷା ଓ ଗୃହ ସୁବିଧା ସେପରେ ଦରକାର ନାହିଁ । କିନ୍ତୁ ସହର ଠାରୁ ବହୁଦୂର ସ୍ଥାନମାନଙ୍କରେ ଶ୍ରମିକମାନଙ୍କ ପାଇଁ ସମସ୍ତ ପ୍ରକାର ମଙ୍ଗଳଜନକ ବ୍ୟବସ୍ଥା ସେମାନେ ବ୍ୟକ୍ତିଗତ ବା ସାମୂହିକ ଭାବେ କରିବା ଉଚିତ ।

ଶେଷ ଉପାଦାନ ହେଲା ଅର୍ଥନୀତି—ଏ ସଂକ୍ରାନ୍ତରେ ସବୁଠାରୁ ଗୋଳମାଳିଆ ପରିସ୍ଥିତି ହେଲା ଯେ, ଉତ୍ପାଦନ ଶକ୍ତିର ଲାଭ ଉପରେ କିଏ ଅଂଶୀଦାର ହେବେ ? ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ଲାଭଖୋର

ସମତା, ଯାହାକ ଅଗ୍ରୁ ବର୍ଣ୍ଣନା କରାଯାଇଛି, ତାହା ସଦା ସର୍ବଦା ଏକ ଯୁକ୍ତିମୂଳକ ବିଷୟ ହୋଇଥାଏ । କୌଣସି ଯନ୍ତ୍ରପାତି ଓ ନକ୍ସ ଆଦିର ପରିବର୍ତ୍ତନ ନ କରାଯାଇ ଯଦି ସେପରି ଅବସ୍ଥାରେ ଶ୍ରମିକମାନେ ଉତ୍ପାଦିକା ଶକ୍ତିର ବୃଦ୍ଧି କରନ୍ତି; ତା'ହେଲେ ମୁଖ୍ୟ ଲାଭାଂଶ ସେମାନଙ୍କ ନିକଟକୁ ଯିବା ଦରକାର । କିନ୍ତୁ ଯଦି ନୂତନ ନୂତନ ଯନ୍ତ୍ରପାତିର ପ୍ରଚଳନ ଫଳରେ ମୁଣ୍ଡପିଛା ଉତ୍ପାଦନ ବୃଦ୍ଧି ପାଏ, ତା'ହେଲେ ମାଲିକ ପକ୍ଷ ବହୁଳ ଲାଭାଂଶର ଅଂଶୀଦାର ହୋଇଥାନ୍ତି ।

ମଜୁରିକୁ ଉତ୍ପାଦିକା ଶକ୍ତି ସହିତ ସାମିଲ କରିବାର ଯେଉଁ ଗୁରୁତର ପ୍ରଶ୍ନ ରହିଛି, ତାହା ଏ ପର୍ଯ୍ୟନ୍ତ ଉତ୍ପାଦମୂଳକ ବୋନସ ପ୍ରଦାନ ପଦ୍ଧତିର ମାଧ୍ୟମରେ ହିଁ ରହିଆସିଛି, ଯେଉଁ ଯେଉଁ ସ୍ଥାନରେ କି ଏପ୍ରକାର ଯୋଜନାର ପ୍ରଚଳନ ଅଛି । ସାଧାରଣତଃ ମୂଳ ମଜୁରି ଓ ମହଙ୍ଗାଭତ୍ତା ଉତ୍ପାଦିକା ଶକ୍ତି ସହିତ ମଜୁରିକୁ ସାମିଲ କରୁନାହିଁ କିନ୍ତୁ ଏହା ଜୀବନଧାରଣ ବ୍ୟୟମାନ ସହିତ ସଂପୃକ୍ତ ବା ସାମିଲ ହେଉଛି । ଜୀବନ ଧାରଣର ବ୍ୟୟମାନ ସହିତ ମଜୁରିକୁ ସାମିଲ କରିଦେବା ଫଳରେ, ବର୍ତ୍ତମାନର ମୂଲ୍ୟ ଅନୁବୃଦ୍ଧିର ସମୟରେ ତାହା ମୁଦ୍ରାସ୍ଫୀତି ଆଡ଼କୁ ମୁହାଁଇଦେଉଛି । ତେଣୁ ଏହାର ସୁସମାଧାନ କରିବାକୁ ହେଲେ ଆମକୁ ଜୀବନଧାରଣର ବ୍ୟୟମାନ ସହିତ ମଜୁରିକୁ ସାମିଲ ନ କରି, ତାହାକୁ ଉତ୍ପାଦିକା ଶକ୍ତି ସହିତ ସାମିଲ କରିବାକୁ ପଡ଼ିବ । ବ୍ୟକ୍ତିଗତ ପ୍ରତିଷ୍ଠାନକୁ ଏହାର ହିସାବ ନିକାଶ ପାଇଁ ଛାଡ଼ିଦେବା ବାଞ୍ଛନୀୟ କାରଣ ହୁଏତ ପରିସ୍ଥିତି କେବେ ଏପରି ନୁହଁନ୍ତି । ଯାହାହେଉ ଏହି ପଦ୍ଧତିର ପ୍ରଚଳନ ପୂର୍ବରୁ ବର୍ତ୍ତମାନର ପ୍ରଚଳିତ ଯନ୍ତ୍ରପାତି ସହିତ ଉତ୍ପାଦନରେ କେତେ ଲୋକ ନିଯୁକ୍ତ ହେବେ ଓ ଆଉ କି କି ସୁବିଧାମାନ ସେମାନଙ୍କୁ ପ୍ରଦାନ କରାଯାଇ ପାରିବ, ତାହା ମଧ୍ୟ ପ୍ରମାଣୀକରଣ କରିବା ଉଚିତ । ତା'ହେଲେ ଏହି ପ୍ରାମାଣିକ ଶ୍ରମଶକ୍ତି



ଉତ୍ପାଦିକା ଶକ୍ତିର ବୃଦ୍ଧିକରଣରେ ମଜୁରିଭାଗ ପାଇବାରେ ହକ୍‌ଦାର ହେବେ ।

ଏ ସଂସ୍ଥାନରେ ଉତ୍ପାଦିକା ଶକ୍ତି ସହିତ ବା ବୋନସ ସାମିଲ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟର ବିବେଚନା ବିଷୟ । ଶ୍ରମିକ ଓ ଶ୍ରମିକ ସଂଗଠନର ବର୍ତ୍ତମାନ ହୁଏତା ଉଠୁଛି ଯେ, ବୋନସ ପ୍ରଦାନ ଅଧି ପରିବର୍ତ୍ତନ କରାଯାନ୍ତୁ । ତା'ହେଲେ ଏହି ଅଧି ଯୁକ୍ତିଯୁକ୍ତ ଧାରାଗୁଡ଼ିକ ଯାହାକି ସର୍ବୋଚ୍ଚ ନ୍ୟାୟା ଦ୍ୱାରା ପୁଣି ଥରେ ଆଇନର ପର୍ଯ୍ୟାୟ ପରିସର ଅନ୍ତର୍ଭୁକ୍ତ ହୋଇ ପାରିବ ଯଦି କୌଣସି ସମୟ ଏ ଆଇନର କିଛି ପରିବର୍ତ୍ତନ କରାଯାଏ ତା'ହେଲ ଏହା ଏପରି ସ୍ଥିର କରାଯିବା ଉଚିତ ଯେ, ହେଉ ଲାଭରେ ବାର୍ଷିକ ବୋନସର ସଂପୃକ୍ତ ବା ସାମି ଛଡ଼ା ଏହାକୁ ଉତ୍ପାଦିକା ଶକ୍ତି ସହିତ ସାମି କରିବାକୁ ପଡ଼ିବ । ପ୍ରକୃତରେ ଦେଶର ବହୁ ପ୍ରଗତିଶୀ ଶିଳ୍ପ ପ୍ରତିଷ୍ଠାନମାନ ଗୋଟିଏ ବର୍ଷର ପ୍ରକୃତ ଉତ୍ପାଦିକା ଶକ୍ତିର ହିସାବ ଉପରେ ସେମାନଙ୍କ ଶିଳ୍ପରେ ନିୟୋଜିତ ଶ୍ରମିକମାନଙ୍କୁ ବାର୍ଷିକ ବୋନସ ପ୍ରଦାନ କରୁଅଛନ୍ତି । ତେଣୁ ଆଜି ଏ ସଂସ୍ଥାନରେ ଉଭୟ ଲାଭ ତଥା ଉତ୍ପାଦିକା ଶକ୍ତି ଅନୁପାତ ବୋନସ ପ୍ରଦାନ ଛଡ଼ା ଯେଉଁ କଥାକୁ ସୂଚାଇ କରାଯାଇଛି ତାହା ନୂଆ କଥା ନୁହେଁ ।

ଅର୍ଥନୈତିକ ଓ ସୁରକ୍ଷା ଆଉ ଗୋଟିଏ ଉପାଦାନ, ଯେଉଁଥିରେ କି ଶ୍ରମିକ ତଥା ତାଙ୍କର ଅନୁଷ୍ଠାନମା ସଂପୃକ୍ତ, "ସେମାନେ ଭୟ କରନ୍ତି ଯେ, ଉତ୍ପାଦ ଶକ୍ତିର ବୃଦ୍ଧିକରଣ ଅଗ୍ରେ ଆଗ୍ରେ ଶ୍ରମିକମାନଙ୍କୁ [illegible] ବହିଷ୍କାର କରିଥାଏ ।" କେତେକ ସ୍ଥ ଛଳରେ କହିପାରନ୍ତି ଯେ, ଏହା ଗୋଟିଏ ଦୂରଦୃଷ୍ଟି ସଂପନ୍ନ ମତାମତ ଏବଂ ଏହାର ସୁଦୂରପ୍ରସାରୀ ଫଳପ୍ର ହେଲା ଉଚ୍ଚ ଜୀବନଧାରଣ ଏବଂ ବହୁଳ ନିଯୁକ୍ତି ସୁଯୋଗର ସୃଷ୍ଟି । କିନ୍ତୁ ଗୋଟିଏ ସାଧାରଣ ଶ୍ରମି [illegible] କାର୍ଯ୍ୟାନୁଷ୍ଠାନର ବିଶେଷଭାବେ ସଂପୃ

ତେଣୁ ମାଲିକ ଓ ଶ୍ରମିକମାନଙ୍କ ମନରୁ ଭୟ ଦୂର କରିବା ସଙ୍ଗେ ସଙ୍ଗେ କେଉଁଠା ବାସ୍ତବ ବା ଅବାସ୍ତବ ତାହା ମଧ୍ୟ ଦର୍ଶାଇବା ଉଚିତ । ଯଦି ଏହା ପ୍ରକୃତରେ ଶ୍ରମିକ ଅମଙ୍ଗଳରେ ସାହାଯ୍ୟ କରୁଛି ତା'ହେଲେ ଏହାର ନବୀକରଣ ପାଇଁ ଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ।

ଏ ପର୍ଯ୍ୟନ୍ତ ଶ୍ରମିକ ଓ ମାଲିକମାନଙ୍କ ମଧ୍ୟରେ ଉତ୍ପାଦିକା ଶକ୍ତିର ବୃଦ୍ଧି କରଣରେ ଉଭୟଙ୍କର କି କି ଦାୟିତ୍ୱ ରହିଛି, ତାହାହିଁ ଆଲୋଚନା କରାଗଲା । ସରକାର କେତେକ ଦାୟିତ୍ୱ ବହନ କରିବା ଉଚିତ ଏବଂ ଏ ସଂପର୍କରେ ଭାରତ ସରକାରଙ୍କ ଶ୍ରମ ନିଯୁକ୍ତି ମନ୍ତ୍ରଣାଳୟ ଯୋଜନା କମିଶନଙ୍କୁ ସୁପାରିଶ କରିଥିଲେ ଯେ, ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ବହୁବିଧ କର୍ମ ଯୋଗାଣାଭିମୁଖି ଶିଳ୍ପାନୁଷ୍ଠାନଗୁଡ଼ିକ ବ୍ୟତିବ୍ୟସ୍ତ ଅବସ୍ଥାରେ ରହିଛନ୍ତି ନୂଆ ନୂଆ ଶିଳ୍ପାନୁଷ୍ଠାନମାନ ପ୍ରତିଷ୍ଠା କଲାବେଳେ ନିଯୁକ୍ତିର ସମ୍ଭାବନାକୁ ହିଁ ବିଶେଷ ଭାବେ ବିସ୍ତୃତ ବିବେଚନା କରିବା ଉଚିତ । କିନ୍ତୁ ତଦନୁଯାୟୀ ଏକ ସମାନ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦିକା ଶକ୍ତିକୁ ବାଦ ଦେଲେ ଚଳିବ ନାହିଁ । ଅନ୍ୟ ପକ୍ଷରେ ଦେଶରେ ନୂଆ ନୂଆ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେଉଥିଲା-ବେଳେ ସେଗୁଡ଼ିକ କେବଳ ନିଯୁକ୍ତି ସମସ୍ୟାକୁ ବିଚାର କରି ସ୍ଥାପନ ହେବା ଉଚିତ ହେବ ନାହିଁ । ବରଂ ସେମାନଙ୍କର ଉତ୍ପାଦିକା ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଅଭିମୁଖ୍ୟ ରହିବା ବାଞ୍ଛନୀୟ । ଉଚ୍ଚ ଉତ୍ପାଦିକା ଶକ୍ତି ଥିବାରେ ହିଁ ଦେଶର ବିପୁଳ ସମ୍ପତ୍ତି ସୃଷ୍ଟି ହୋଇ ପାରିବ ଏବଂ ଏହାହିଁ ଆମର ଲୋକ ପ୍ରଚଳିତ ପ୍ରଥାରେ ରହି ଆସିଛି ଯେ, ଉତ୍ପାଦିକା ଶକ୍ତିହିଁ ସମୃଦ୍ଧିର ମୂଳାଧାର । ତେଣୁ ଯଦି ଏହି ଉତ୍ପାଦିକା ଶକ୍ତିର ଗୁରୁତ୍ୱ ଅନୁଭବ କରାହୁଏ, ତା'ହେଲେ ବର୍ତ୍ତମାନ ଏ ସଂପର୍କରେ ଯେଉଁ ସବୁ ସମସ୍ୟାମାନ ମୁଣ୍ଡଟେକୁଛି ସେହି ସମସ୍ୟା ହିଁ ନୂଆ ନୂଆ ଶିଳ୍ପାନୁଷ୍ଠାନ ଗଢ଼ିଉଠିଲା ବେଳେ ରହିବ ହିଁ ରହିବ ।

ଏଠାରେ ସରକାରଙ୍କ ସମସ୍ତ ଦାୟିତ୍ୱ ଶେଷ ହୋଇ ଯାଉନାହିଁ । ତେଣୁ ସରକାର ନୂଆ ହୋଇ ଗଢ଼ି ଉଠୁଥିବା ଶିଳ୍ପାନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା ଉପରେ ବିଶେଷ ଭାବେ ଦୃଷ୍ଟି ଦେବା ବାଞ୍ଛନୀୟ । ତା'ହେଲେ ନୂଆ ନୂଆ ଶିଳ୍ପାନୁଷ୍ଠାନମାନ ଯେକୌଣସି ସମୟରେ ସେମାନେ ସେମାନଙ୍କର ପ୍ରାକୃତିକ କାରଣ ମାନ କାର୍ଯ୍ୟବନ୍ଦ କରିବାର ସୁଯୋଗ ପାଇବେ । ଏହାଛଡ଼ା ସେମାନେ ଶିଳ୍ପର ବିଭିନ୍ନ ବିଭାଗରେ ଶୃଙ୍ଖଳା ରକ୍ଷା କରିବାରେ ଅଧିକ ଉଦ୍ୟମଶୀଳ ହେବେ କାରଣ ଏହି ଶୃଙ୍ଖଳା ଜ୍ଞାନ ଜରିଆରେ ହିଁ ଶିଳ୍ପରେ ଉତ୍ପାଦିକା ଶକ୍ତି ବିଶେଷଭାବେ ବୃଦ୍ଧି ପାଇଥାଏ ।

ଉପରେ ଶ୍ରମ ଏବଂ ଉତ୍ପାଦିକା ଶକ୍ତି ସମ୍ପର୍କରେ କେତେକ ତଥ୍ୟ ବର୍ଣ୍ଣନା କରାଗଲା । ଯଦି ଶିଳ୍ପର ତଦାରଖକାରୀ ଓ ପରିଚାଳକବର୍ଗ ଶିକ୍ଷିତ ଏବଂ ଉପଯୁକ୍ତ ତାଲିମପ୍ରାପ୍ତ ନ ହୁଅନ୍ତି, ପରିବର୍ତ୍ତିତ ଯାନ୍ତ୍ରିକ କୌଶଳର ଉପସ୍ଥିତି ଉପଲବ୍ଧି ନ କରନ୍ତି, ତା'ହେଲେ ଉତ୍ପାଦିକା ଶକ୍ତିର ବୃଦ୍ଧି କରଣ ଧାରାବାହିକ ଭାବେ ହୋଇପାରିବ ନାହିଁ, ସର୍ବୋପରି ଶିଳ୍ପରେ ପରିଚାଳକବର୍ଗଙ୍କ ସାମାଜିକ ଦାୟିତ୍ୱ ଏକ ଜରୁରୀ ଉପାଦାନ କିନ୍ତୁ କେତେକ ମାଲିକ ଏ ସମସ୍ୟାଗୁଡ଼ିକୁ ଆଦୌ ଦୃଷ୍ଟିରେ ରଖନ୍ତିନାହିଁ । ବର୍ତ୍ତମାନ ଏହା ସ୍ୱୀକୃତ ଯେ, କେତେକ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠାନମାନ ବିନା ଅପର୍ଯ୍ୟାପ୍ତ ତାଲିମପ୍ରାପ୍ତ ପରିଚାଳକବର୍ଗଙ୍କ ଛଡ଼ା ଅନ୍ୟାନ୍ୟ କାରଣ ଯୋଗୁଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିପାରୁ ନାହାନ୍ତି ଏବଂ ପରିଚାଳକବର୍ଗଙ୍କର ଦାୟିତ୍ୱ ଗ୍ରହଣର [illegible]ନୀତିକୁ ଗ୍ରହଣ କରିବାରେ ବିଫଳ ହେଉଛନ୍ତି । ଏପରିକି ଯେଉଁମାନେ ଜାତୀୟକରଣର ଦାବୀ ଉଠାଉଛନ୍ତି, ସେମାନେ ସେହିଭଳିରେ ସୂକ୍ଷ୍ମ

ବୁଝୁଛନ୍ତି ଯେ, ଜାତୀୟକରଣ ଦ୍ୱାରା ସାରା ଦେଶରେ ତୁଷ୍ଟି ଘୋଷଣା କରାଯିବ । କାରଣ ସେମାନେ ଉପଲବ୍ଧି କଲେଣି ଯେ, ଆଜି ଯେଉଁସବୁ ଅବସ୍ଥାରେ ଜାତୀୟକରଣ ପ୍ରତିଷ୍ଠାନମାନ ରହିଛି, ସେମାନଙ୍କର ପର୍ଯ୍ୟାପ୍ତଭାବେ ତାଲିମପ୍ରାପ୍ତ ପରିଚାଳକବର୍ଗ ନାହାନ୍ତି । ପୁଣି ବର୍ତ୍ତମାନ ଅନୁଭୂତ ହେଲାଣି ଯେ, ଉତ୍ପାଦିକା ଶକ୍ତି ବୃଦ୍ଧିକରଣର ସର୍ବଶେଷ ସମାଧାନ ହେଲା— ପରିଚାଳନାବର୍ଗଙ୍କର ଦକ୍ଷତା, ବୈଜ୍ଞାନିକ ଦୃଷ୍ଟିକୋଣ, ନୂତନତାର ଅନୁସନ୍ଧାନ ଓ ସର୍ବଶେଷରେ ଦ୍ରୁତ ପରିବର୍ତ୍ତନର ସମୀକରଣ ।

ଏ ପର୍ଯ୍ୟନ୍ତ ଆମେ ଶ୍ରମ ଏବଂ ଉତ୍ପାଦିକା ଶକ୍ତି ସମ୍ପର୍କରେ କେତୋଟି କଥା ଆଲୋଚନା କଲେହେଁ ଏହା କେବଳ ଉତ୍ପାଦନରେ ନିଯୁକ୍ତ ଥିବା ଶିଳ୍ପ ସମ୍ପର୍କରେ ଆଲୋଚନା ହେଲା । ବର୍ତ୍ତମାନ ସମୟ ଆସିଛି, ଯେତେବେଳେ ଆମେ କୃଷି ସମ୍ବନ୍ଧରେ ଚିନ୍ତା କରିବା ଏବଂ ଏହି କୃଷିହିଁ ଭାରତରେ ଏକ ମୁଖ୍ୟ ଶିଳ୍ପ । ଏ ବର୍ଷର ବିପୁଳ ଉତ୍ପାଦନ ଯୋଗୁଁ କୃଷିଜାତ ଦ୍ରବ୍ୟ ଦର କମିବାର ସମ୍ଭାବନା ରହିଛି । ଉତ୍ତମ ପ୍ରାକୃତିକ ଅବସ୍ଥା ଯୋଗୁଁହିଁ ଅତ୍ୟଧିକ କୃଷି ଉତ୍ପାଦନ ହୋଇଥିଲା କିନ୍ତୁ ସେଗୁଡ଼ିକ ଯଦି ଆହୁରି ଉତ୍ତମରୂପେ ଉପଯୋଗ ହୋଇ ପାରନ୍ତା, ତା'ହେଲେ କୃଷି ଉତ୍ପାଦନ ଅଧିକ ବୃଦ୍ଧି ପାଇପାରନ୍ତା । ତେଣୁ ଶିଳ୍ପର ଉତ୍ପାଦିକା ଶକ୍ତି ଉପରେ ଗୁରୁତ୍ୱ ଆରୋପ କରିବା ସଙ୍ଗେ ସଙ୍ଗେ କୃଷି ଉତ୍ପାଦିକା ଶକ୍ତିରେ ସଚେତନତା ଆଣିବା ପାଇଁ ଉପଯୁକ୍ତ ପନ୍ଥା ସ୍ୱୀକୃତ ହେବା ଉଚିତ୍ ।

---

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ପୁସ୍ତକ ରଚିତ ହେଲାଣି । ଓଡ଼ିଆ ଭାଷାରେ ଗାନ୍ଧିଜୀଙ୍କ ଲେଖାର ଅନୁବାଦ ସମେତ ତାଙ୍କର ଜୀବନ ଦର୍ଶନର ବିଭିନ୍ନ ଦିଗ ବିଷୟରେ ଶତାଧିକ ପୁସ୍ତକ ପ୍ରଣୟନ କରାଯାଇଛି । ଏହି ଜନ୍ମ ଶତବାର୍ଷିକୀ ସମୟରେ ମଧ୍ୟ ଅନେକଗୁଡ଼ିଏ ପୁସ୍ତକ ଅନୁବାଦିତ ହୋଇ ପ୍ରକାଶିତ ହେବାର ସମ୍ଭାବନା ଅଛି । ଗାନ୍ଧିଜୀଙ୍କ ଲେଖା ଏବଂ ତାଙ୍କର ଜୀବନୀ ଓ ଜୀବନଦର୍ଶନ ସମ୍ପର୍କରେ ଅନ୍ୟମାନଙ୍କ ଲେଖା ପ୍ରାୟ ୪ ହଜାର ଇଂରାଜୀ ପୁସ୍ତକ ପ୍ରଣୟନ କରାଯାଇଅଛି । ସାରା ବିଶ୍ୱରେ ଅନ୍ୟ କାହା ବିଷୟରେ ଏତେ ଅଧିକ ପୁସ୍ତକ ପ୍ରଣୟନ କରାଯାଇ ଥିବାର ଜଣାଯାଏ ନାହିଁ ।

ଓଡ଼ିଶାରେ ଗାନ୍ଧିଜୀ ପ୍ରଥମେ ମହୁଡ଼ି ଓ ବନ୍ୟା ଅଞ୍ଚଳରେ ସୂତାକଟାର ପ୍ରସାର ଦ୍ୱାରା ବିପନ୍ନ ଲୋକଙ୍କୁ କାମ ଯୋଗାଇବା ପାଇଁ ପରୀକ୍ଷା ଆରମ୍ଭ କରି ବହୁ ପରିମାଣରେ ସଫଳ ହୋଇଥିଲେ ।

ଓଡ଼ିଶାରେ ହିଁ ଗାନ୍ଧିଜୀ ଅସ୍ପୃଶ୍ୟତା ଦୂରୀକରଣ ପାଇଁ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ । ଓଡ଼ିଶାର ଉନ୍ନତି ଦ୍ୱାରା ଭାରତର ଉନ୍ନତି ସମ୍ଭବ ହୋଇ ପାରେ ବୋଲି କହୁଥିଲେ । ଏପରି ଅବସ୍ଥାରେ ଗାନ୍ଧିଜୀଙ୍କ ସ୍ମୃତିରକ୍ଷା ପାଇଁ ଓଡ଼ିଶାବାସୀଙ୍କର ଅଧିକ ଆଗ୍ରହ ଓ ଉତ୍ସାହ ପ୍ରକାଶ ପାଇବା କଥା । ଓଡ଼ିଶା ସରକାର ଏ ଦିଗରେ ସବୁମତେ ସାହାଯ୍ୟ କରୁଥିଲେ ହେଁ ଜନସାଧାରଣଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଉଦ୍ୟମ ଆରମ୍ଭ ହେବା ଉଚିତ ।

ଗାନ୍ଧୀ ଶତବାର୍ଷିକୀ ପାଳନ ସମୟରେ ଓଡ଼ିଶାରେ ଗାନ୍ଧୀ ବିଚାରର ଅନ୍ତତଃ ଅଧ୍ୟୟନ ଓ ଗବେଷଣା ପାଇଁ ଏକ ସ୍ଥାୟୀ ଅନୁଷ୍ଠାନ ପ୍ରତିଷ୍ଠା ଦିଗରେ ଉଦ୍ୟମ ଆରମ୍ଭ ନ ହେଲେ ଭବିଷ୍ୟତରେ ତାହା କେତେଦୂର ସଫଳ ହେବ ସେ ବିଷୟରେ ସନ୍ଦେହ ଓ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ ।

# ଉତ୍ପାଦିକା ଶକ୍ତି : ଶ୍ରମିକ ଶିକ୍ଷାର ଭୂମିକା

ଏ. ଏମ୍. ଶର୍ମା
ଶିକ୍ଷା ଅଫିସର, ଶ୍ରମିକ ଶିକ୍ଷାକେନ୍ଦ୍ର, ରାଉରକେଲା

...ବର୍ଷ ତଳେ ଜଣେ ଦାର୍ଶନିକ କହିଥିଲେ ଯେ, "ଅଜ୍ଞତା ଓ ମୂର୍ଖତା ଜୀବନର ଯେକୌଣସି ...ରେ ଏକ ଅଭିଶାପ ।" ଉତ୍ପାଦିକା ଶକ୍ତିର ...ରେ ନିଯୁକ୍ତ ଶ୍ରମିକମାନେ ଅଧିକନ୍ତୁ ଏହି ...କୁ ମିଳିତ କଣ୍ଠରେ ସ୍ୱୀକାର କରିଥାନ୍ତି ।

ଅଧୁନିକ ଶିଳ୍ପ ପ୍ରଣାଳୀ ଆରମ୍ଭ ହେବା ଦିନଠାରୁ ...ର ଅଧିକାଂଶ ରାଷ୍ଟ୍ର ବହୁବାର ଶ୍ରମ ଅଶାନ୍ତି, ...ଷ୍ଟ ଓ ବିପ୍ଳବର ସୃଷ୍ଟିପାତ ପ୍ରଭୃତିର ବିଶୃଙ୍ଖ... ...ବସ୍ଥାରେ ଗତି କରି ଉତ୍ପାଦନ ହ୍ରାସ ଓ ତଜ୍ଜନିତ ...ସୁବିଧାମାନ ସମସ୍ତ ଦେଶବାସୀଙ୍କୁ ଭୋଗ କରାଇଥାନ୍ତି । ...ଦେଶରେ ଶିକ୍ଷା ମାଧ୍ୟମରେ ଉପଯୁକ୍ତ ... ...ଭୂ କରାଯାଇ ଥାଏ ।

...ଷ୍ଟ୍ରର ବିପୁଳ ଉନ୍ନତି ଓ ସମୃଦ୍ଧ ବିକାଶ ଗୁଡ଼ିକ ...ର୍ଣ୍ଣ ଶିକ୍ଷା ମାଧ୍ୟମରେ ହିଁ ଉପଲବ୍ଧି ହୋଇଥାଏ । ...ର୍ଥନୈତିକ ଉନ୍ନତି ଓ ତାର ବିକାଶ ମାନବ ସମ୍ବଳ ...ରେ ଆରେକ ତରେ ବୃଦ୍ଧି ପାଇଥାଏ ଏବଂ ଏହା ...ନବ ମନୋବୃତ୍ତିର ଲକ୍ଷଣ ବୋଲି ଅଭିହିତ ...ରୁ ବ ଶିକ୍ଷାର ଗୁଣାତ୍ମକ ବିକାଶ ହେଲା ...ତାନ୍ତ୍ରିକ ସମାଜ ବୋଲି ବୁଝାଯାଇଥାଏ । ଏହି ...ର ହିଁ ଶାସ୍ତ୍ର ପଞ୍ଚବାର୍ଷିକ ଯୋଜନାର ଲକ୍ଷ୍ୟ । ...ୟ ପଞ୍ଚବାର୍ଷିକ ଯୋଜନାରେ ମଧ୍ୟ କୁହାଯାଇଛି ..., ଦ୍ରୁତ ଅର୍ଥନୈତିକ ବିକାଶ ଓ ସ୍ୱାଧୀନତାର ମାନ ...ରେ ଗଠିତ ବୈଜ୍ଞାନିକ ଉନ୍ନତି, ସାମାଜିକ ଧାରା, ...ତ ନ୍ୟାୟ ଓ ଆର୍ଥିକ ସମତା କେବଳ ମାତ୍ର ...ଯୁକ୍ତ ଶିକ୍ଷା ଦ୍ୱାରା ସମ୍ଭବ ହୋଇପାରିବ । ଏହା ... ଯେ, କୌଣସି ରାଷ୍ଟ୍ର ଆବଶ୍ୟକୀୟ ଶିକ୍ଷା ନ ... ସୁଶୃଙ୍ଖଳିତ ଶୈଳ୍ପିକ ସମାଜ ଗଢ଼ିବା ...ଷତ । ଅତଏବ ଶୈଳ୍ପିକ ଅବସ୍ଥାରେ ଶ୍ରମିକ ଶିକ୍ଷାର ଯେ, ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏହା କହିଲେ ଅତ୍ୟୁକ୍ତି ହେବନାହିଁ ।

୧୮୩୧ ମସିହାରେ ପ୍ରତିଷ୍ଠିତ ରାଜକୀୟ ଶ୍ରମ କମିଶନ (ହ୍ୱିଟ୍ଲି) ଶ୍ରମିକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ମତାମତ ବ୍ୟକ୍ତ କରିଥିଲେ ଯେ, ଭାରତବର୍ଷରେ ପ୍ରାୟ ସମସ୍ତ ଶ୍ରମିକ ଯେ ଦୁଃସ୍ଥ ଓ ନିରକ୍ଷର ଏହା ଅନ୍ୟାନ୍ୟ ଯେକୌଣସି ଶିଳ୍ପ ଉନ୍ନତ ରାଷ୍ଟ୍ରମାନଙ୍କୁ ଅଗୋଚର । ଏସବୁ ଦୁଃସ୍ଥ ପରିସ୍ଥିତିକୁ ବଡ଼ ଆକାରରେ ଦେଖାଇବା ଅସମ୍ଭବ, ଯାହାକି ମଜୁରି, ସ୍ୱାସ୍ଥ୍ୟ ଓ ଉତ୍ପାଦକାଶକ୍ତି ଏବଂ ଏପରି କି ଏହା ବହୁ ପରିମାଣରେ ଅନ୍ତର୍ଭୁକ୍ତ ବୋଲି ପରିଷ୍କାର ଭାବେ କୁହାଯାଇ ପାରେ । ଅଧୁନାତନ ଯାନ୍ତ୍ରିକ ଶିଳ୍ପ କର୍ମଚାରୀମାନଙ୍କର ଶିକ୍ଷା ଉପରେ ନିର୍ଭର କରେ ।

ଶିଳ୍ପ ବହୁଳତା ଓ ଶିକ୍ଷାର ମାନ ଉପରେ ନିର୍ଭର କରି ବିଭିନ୍ନ ରାଷ୍ଟ୍ରରେ ଶ୍ରମିକ ଶିକ୍ଷା, ବିଭିନ୍ନ ଭାବରେ ପ୍ରତିପାଳିତ ହୋଇଥାଏ । ଉନ୍ନତ ରାଷ୍ଟ୍ରମାନଙ୍କରେ ଏହା ଶ୍ରମିକ ସଂଘ ଶିକ୍ଷା ସଙ୍ଗେ ସମାନ ଥାଏ । ଏହାର ଅର୍ଥ ହେଲା ଭାରତ ଭଳି ବିକାଶୋନ୍ମୁଖୀ ରାଷ୍ଟ୍ରରେ ସାମାଜିକ ଶିକ୍ଷା ସହ ଶ୍ରମିକ ସଂଘର ଗଠନ ଓ ଦର୍ଶନକୁ ବିଶେଷ ଭାବେ ଜୋର ଦିଆ ଯାଇଥାଏ ।

ସାଧାରଣ ଅର୍ଥରେ, ଉତ୍ପାଦିକା ଶକ୍ତି ଦକ୍ଷତାକୁ ବୁଝାଇଥାଏ କିମ୍ବା ପ୍ରାପ୍ୟ ସମ୍ବଳ ଶ୍ରମ ଓ ପୁଞ୍ଜିର ସୁବ୍ୟବସ୍ଥିତ ବିନିଯୋଗକୁ ବୁଝାଇଥାଏ । ଉତ୍ପାଦିକା ଶକ୍ତି ହିଁ ବହୁଳତା ଓ ବିକାଶର ମୂଳଦୁଆ । ଏହା ସର୍ବବାଦ-

ସମ୍ଭବ ଯେ ଯନ୍ତ୍ରକୌଶଳ ମାନବର ଗୁରୁତ୍ୱ ଯନ୍ତ୍ରଠାରୁ ଉଚ୍ଚରେ ଯାହାପାଇଁ ପ୍ରବାଦ ଅଛି କି "ମଣିଷ ଦକ୍ଷତାରେ ଯନ୍ତ୍ର କାମ କରେ ।" ଏହା ଅଧିକରୁ ଅଧିକ ପ୍ରତ୍ୟକ୍ଷ ଅନୁଭୂତ ହୁଏ ଯେ, ଶ୍ରମକୁ କେନ୍ଦ୍ର କରି ଉତ୍ପାଦିକାଶକ୍ତିର ପରିବର୍ତ୍ତନ ହୋଇଥାଏ । ଶ୍ରମିକ ତାର ମାଲିକ, ଶିଳ୍ପ ଓ ସମାଜ ପ୍ରତି ଦାୟିତ୍ୱ ଓ କର୍ମମନୋଭାବ ବୃଦ୍ଧି କରିବା ଉଚିତ୍ । ତେଣୁ ଉତ୍ପାଦିକାଶକ୍ତି ଦକ୍ଷତା, ଅଭ୍ୟାସ, କର୍ମନୈପୁଣ୍ୟ ଓ ତାର ପୁରସ୍କାରର ସର୍ବଶେଷ ଲକ୍ଷ୍ୟ ସମ୍ବନ୍ଧ ଅଙ୍ଗାଙ୍ଗୀଭାବେ ଜଡ଼ିତ । ଶ୍ରମିକ ଶିକ୍ଷା, ଶ୍ରମିକମାନଙ୍କ ମନରେ ବାସ୍ତବ ମନୋଭାବ ଆଣିବାରେ ସାହାଯ୍ୟ କରିଥାଏ ।

ଏହା ନିଃସନ୍ଦେହ ଯେ ମାନବ ଜାତିର ସମ୍ବଳରେ ଶ୍ରମିକ ଶିକ୍ଷା ବିନିଯୋଗ ଓ ପ୍ରଦତ୍ତ ହୋଇଥାଏ । ପରିଶେଷରେ ଏହାର ବିକାଶ, ମାନବ ଓ ତାର ବ୍ୟକ୍ତିତ୍ୱକୁ ପରିପୂର୍ଣ୍ଣ ଓ ପରିପ୍ରକାଶ କରେ ଯଦିଓ ଯୋଜନା ଆର୍ଥିକ ସମ୍ବଳ ବିନିଯୋଗରେ ଜଡ଼ିତ ତଥାପି ଏହାକୁ ଆହୁରିମଧ୍ୟ ମଣିଷ ସମାନ୍ତରରେ ବିନିଯୋଗ କରିବା ଗୁରୁତ୍ୱପୂର୍ଣ୍ଣ । ଶ୍ରମିକ ଶିକ୍ଷା ଶ୍ରମିକର ମାନସିକ, ଦୈହିକ, ବୁଦ୍ଧି ଓ ନୈତିକତାର ପରିପ୍ରକାଶରେ ନିର୍ଦ୍ଦେଶିତ, ଯାହାକି ବାସ୍ତବରେ ରାଷ୍ଟ୍ର ଧନ ବୃଦ୍ଧି କରିବାରେ ପ୍ରଧାନ ଉପାଦାନ ଅଟେ ।

ବ୍ୟବସାୟ, କର୍ମସ୍ଥଳୀ ଓ ରାଷ୍ଟ୍ର ନିମନ୍ତେ ଶ୍ରମିକମାନଙ୍କର ପରିଚାଳନା ସମ୍ବନ୍ଧିତ ସହଯୋଗ ସ୍ଥାପନ ଉତ୍ପାଦିକାଶକ୍ତିକୁ ବୃଦ୍ଧି କରିବାରେ ବିଶେଷ ସାହାଯ୍ୟ କରିବ ।

ଉପଯୁକ୍ତ ତାଲିମ ବ୍ୟତୀତ ଶ୍ରମିକମାନଙ୍କର ପରିଚାଳନା ସହିତ କର୍ମଠ ସହଯୋଗ ନିଶ୍ଚିତ ହୋଇପାରେ ନାହିଁ ।

ଆମ ଦେଶରେ ଯୋଜନା ଆରମ୍ଭ ହେବାଠାରୁ ଶ୍ରମିକମାନଙ୍କ ଦେଶ ଉନ୍ନତିପାଇଁ ଉପଯୁକ୍ତ ପରି... ବ୍ୟବସ୍ଥା ଦେଶ ଉପଲବ୍ଧ କରିବ, ... ସେମାନଙ୍କୁ ପରିଚାଳନା ସହିତ ସହଯୋଗ ... ଧାରାରେ ପ୍ରରୋଚିତ କରିବ । ଶ୍ରମିକ ତାର ... ଦାୟିତ୍ୱ ଓ ନାଗରିକତ୍ୱ, ଶିଳ୍ପ ପ୍ରତିଷ୍ଠାନ, ... ଓ ଦେଶର ଉନ୍ନତିପାଇଁ ହୃଦୟଙ୍ଗମ କରିବା ... ଦେଶରେ ଅର୍ଥନୈତିକ ବିକାଶ ଘଟିବ ।

ଶ୍ରମିକ, ଶିଳ୍ପରେ ତାର ଭୂମିକା—ଶ୍ରମିକ ... ପାଇଁ ତାର କାର୍ଯ୍ୟ କଳାପ, ଶ୍ରମ ଆଇନର ... ବସ୍ତୁ, ଶିଳ୍ପରେ ଶୃଙ୍ଖଳାଧାରା ଏବଂ ଏହା ମଧ୍ୟ ଶ୍ରମିକ ଓ ସରକାର ଉପରେ କି ପ୍ରକାର ଦାୟିତ୍ୱ ଆରୋପ କରେ, ତାହା ମଧ୍ୟ ବୁଝିବା ଉଚିତ୍

ଉତ୍ପାଦନର ଲକ୍ଷ୍ୟ ହାସଲ ନିମନ୍ତେ ଏକ ... ଦାୟିତ୍ୱସମ୍ପନ୍ନ ଓ ଗଣତାନ୍ତ୍ରିକ ପରମ୍ପରାରେ ପ୍ରଶିକ୍ଷିତ ଶ୍ରମିକ ସଂଘ ଅତ୍ୟନ୍ତ ଅପରିହାର୍ଯ୍ୟ । ଶ୍ରୀ ଭି. ଭି. ଗିରିଙ୍କ ଭାଷାରେ "ଏହିପରି ଭାବରେ ଯଦି ଶ୍ରମିକ ସଂଗଠନ କରାଯାଇପାରେ ତାହାହେଲେ ଶ୍ରମିକ ଓ ମାଲିକ ଶତ୍ରୁପକ୍ଷଭୁକ୍ତ ହେବେ ଏହା ନିଶ୍ଚିତ କଥା ... ଏହା ଆହୁରିମଧ୍ୟ ବାସ୍ତବ ଔଦ୍ୟୋଗିକ ପରିସ୍ଥିତିରେ ଶିଳ୍ପ ଶାନ୍ତି ପ୍ରତିଷ୍ଠା କରିପାରିବ । ଶ୍ରମିକ ଶିକ୍ଷା ମାଧ୍ୟମରେ ବଳିଷ୍ଠ ଓ ଶିକ୍ଷିତ ଶ୍ରମିକ ଆନ୍ଦୋଳନ ଦେଖାଦେବା ପରେ ଏହା ଫଳରେ ଔଦ୍ୟୋଗିକ ଗଣତନ୍ତ୍ର, ଶିଳ୍ପଶାନ୍ତି ଓ ସନ୍ଧିଚୁକ୍ତିମାନ ... ସ୍ଥାପନ କରିବ । ଏହିସବୁ ପରିଶେଷରେ ମାଲିକ ଓ ଶ୍ରମିକମାନଙ୍କ ଭିତରେ ସୁସମ୍ପର୍କ ପ୍ରତିଷ୍ଠା କରିବ ସଙ୍ଗେ ସଙ୍ଗେ ଏହା ଉତ୍ପାଦିକାଶକ୍ତିର ବୃଦ୍ଧି କରିବାରେ ବିଶେଷ ସହାୟକ ହେବ" ।

ତାଲିମପ୍ରାପ୍ତ ବଳିଷ୍ଠ ଓ କର୍ମଠ ସଂଗଠନ ଶ୍ରମିକମାନଙ୍କ ମଧ୍ୟରୁ ନେତୃତ୍ୱର ବିକାଶ, ଗଣତାନ୍ତ୍ରିକ...

ସ୍ତରୀୟ ପର୍ଯ୍ୟବସିତ ଶ୍ରମିକ ସଂଘ ଗଠନ ଓ ଶ୍ରମର ଉପଯୁକ୍ତ ସ୍ଥାନ, ସମାଜିକ, ଆର୍ଥିକ, କ୍ରିୟାକଳାପ ଓ ପ୍ରବୃତ୍ତି ଏବଂ ଶ୍ରମିକମାନଙ୍କ ଭିତରେ ଉପଯୁକ୍ତ ସମସ୍ୟା ସମାଧାନରେ ଭାବର ଆଦାନପ୍ରଦାନର ବାତାବରଣ ଓ ଦେଶର ସଭ୍ୟ କର୍ମୀ ଓ ନାଗରିକ ଅଧିକାର ସମ୍ବନ୍ଧୀ ଓ ସଚେତନ କରିବାପାଇଁ ଶ୍ରମିକ ଶିକ୍ଷା ଯୋଜନା ୧୯୫୮ ରେ ବିସ୍ତୃତ କରି, ସରକାର ଏହାକୁ କାର୍ଯ୍ୟକାରୀ କରିଥିଲେ ।

ଏହି ଯୋଜନାର କାର୍ଯ୍ୟକାରିତାରେ ବର୍ତ୍ତମାନ ୩୭ ଆଞ୍ଚଳିକ ଶିକ୍ଷାକେନ୍ଦ୍ର ଖୋଲାଯାଇଛି ଓ ୧୭,୭୭୮ ଶ୍ରମିକ ଶିକ୍ଷକ ଓ ୬୨୫,୧୭୭ ଶ୍ରମିକ ଫେବୃଆରୀ ୨୮ ଶେଷ ସୁଦ୍ଧା ଏହି କେନ୍ଦ୍ର ଜରିଆରେ ତାଲିମ ପାଇ ସାରିଲେଣି ।

୧୯୫୮ ରେ ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରମିକ ଶିକ୍ଷାର କେନ୍ଦ୍ର ବୋର୍ଡ଼ ଏକ ଅର୍ଦ୍ଧ ସ୍ୱୟଂଶାସିତ ଅନୁଷ୍ଠାନବିଶେଷ, ଯାହାକି ଶ୍ରମ ସଙ୍ଗଠନ ମାଲିକ, ଶିକ୍ଷାନୁଷ୍ଠାନ ଓ ସରକାରଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ଗଠିତ ।

ପରିଚାଳନା ଓ ଶ୍ରମିକ ସଂଘଗୁଡ଼ିକ ଏହି ଯୋଜନାର ଲୋକପ୍ରିୟତା ଅର୍ଜନ କରିବାପାଇଁ ସରକାରଙ୍କ ସହିତ ହାତ ମିଳାଇ ଚାଲିବା ଉଚିତ । ବାସ୍ତବରେ ଏହି ମହାନ ଯୋଜନାର ସାର୍ଥକତା ସମସ୍ତ ଦଳର ଆନ୍ତରିକ ହାର୍ଦ୍ଦିକ ସହଯୋଗ ଉପରେ ନିର୍ଭର କରେ ।

ଜବାହାରଲାଲ ନେହେରୁଙ୍କ ଭାଷାରେ, "ଶେଷ ପର୍ଯ୍ୟାୟରେ ମୋର ବିଶ୍ୱାସ ଯେ, ଯେ କୌଣସି ରାଷ୍ଟ୍ରରେ ତାଲିମପ୍ରାପ୍ତ ମାନବ ସମାଜ ଏକ ମୌଳିକ ସମ୍ବଳ । ସମସ୍ତ କ୍ରିୟାକଳାପ ସେହିଠାରୁ ହିଁ ନିଃସୃତ । ଅବଶ୍ୟ ଅନ୍ୟାନ୍ୟ ସମ୍ବଳ ସବୁ ଦରକାର, ତଥାପି ତାଲିମପ୍ରାପ୍ତ ଶିକ୍ଷିତ ମାନବ ସମାଜ ରାଷ୍ଟ୍ରର ମୂଳ ଓ ମୌଳିକ ଉପାଦାନ" ।

# ଶ୍ରମ ଏବଂ ଉତ୍ପାଦନ ଶକ୍ତି

ଶ୍ୟାମବନ୍ଧୁ ମିଶ୍ର
ଜେନେରାଲ ସୁପରିଣ୍ଟେଣ୍ଡେଣ୍ଟ,
ଇଣ୍ଡିଆନ୍ ଆଲୁମିନିୟମ୍ କମ୍ପାନୀ, ଲିଃ, ହୀରାକୁଦ

ଯଦ୍ୟପି ଶିଳ୍ପ ଏବଂ କୃଷିକ୍ଷେତ୍ରରେ ଆମେ ସ୍ୱାଧୀନତା ଠାରୁ ଆଶାନୁରୂପ ଅଗ୍ରଗତି କରିଛୁ ତଥାପି ଆମର ଅର୍ଥନୈତିକ ପ୍ରଗତି ଏସିଆରେ ସର୍ବନିମ୍ନ । ଉତ୍ପାଦନର ମୂଲ୍ୟ ଏତେ ଅଧିକ ଯେ, ଆନ୍ତର୍ଜାତିକ ବଜାରରେ ଆମର ଉତ୍ପାଦନ ବିକିବାକୁ ଆମେ ଅକ୍ଷମ ବା ଅସମର୍ଥ । ବର୍ତ୍ତମାନ ଆମ ଦେଶ ପାଖରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ ହେଲା ଆମ ସ୍ଥିତିର ସ୍ୱାର୍ଥପାଇଁ ଆମର କୃଷି ଏବଂ ଶିଳ୍ପର ବିକାଶ କରିବା । ବୈଷୟିକ କ୍ଷେତ୍ରରେ ଅନ୍ୟାନ୍ୟ ଉନ୍ନତ ରାଷ୍ଟ୍ର ତୁଳନାରେ ଆମ ଦେଶର ଶ୍ରମ ଉତ୍ପାଦିକାଶକ୍ତି ଖୁବ୍ କମ । ଆମ ଦେଶରେ ଜଣେ ଲୋକଦ୍ୱାରା ଗୋଟିଏ ବର୍ଷରେ ୩୩ ଟନ୍ ଆଲୁମିନିୟମ୍ ଉତ୍ପାଦନ ହେଉଛି କିନ୍ତୁ ସେହି ତୁଳନାରେ କାନାଡାରେ ୧୨୫ ଟନ୍, ସୁଇଜରଲାଣ୍ଡରେ ୧୨୧ ଟନ୍ ଏବଂ ଜାପାନରେ ୭୫ ଟନ୍ । ସିମେଣ୍ଟ ଉତ୍ପାଦନ ଭାରତରେ ଟନ୍ ପିଛା ୧୦.୧୮ ମାନବ କାର୍ଯ୍ୟ-ଘଣ୍ଟା ବ୍ୟବହାର ହେଉଛି ସେତେବେଳେ ଏହା ଆମେରିକାରେ ୧.୫, ଇଂଲଣ୍ଡରେ ୧.୮, ବେଲଜିୟମରେ ୧.୫୧, ଜାପାନରେ ୧.୨୫ ଏବଂ ଜର୍ମାନୀରେ ୨.୭୫ । ଜାପାନର ୧୦ ଅୟୁତ ଲୋକଙ୍କର ଜାତୀୟ ଆୟ ଆମ ଦେଶର ୪୬୦ ଅୟୁତ ଲୋକଙ୍କର ଜାତୀୟ ଆୟ ସହିତ ସମାନ ଯାହାର ମାନେ ହେଲା ସେମାନଙ୍କର ଉତ୍ପାଦନ ଆମଠାରୁ ୪.୫ ଗୁଣ ଅଧିକ । ଯୁକ୍ତରାଷ୍ଟ୍ରର ୧୮୫ ଅୟୁତ ଲୋକେ ଯେ କି ବିଶ୍ୱ ଜନସଂଖ୍ୟାର ୭ %, ସେମାନେ ସ୍ୱାଧୀନ ବିଶ୍ୱ ଉତ୍ପାଦନର ୫୦% ଉତ୍ପାଦନ କରନ୍ତି । ୧୯୫୫ ଏବଂ ୧୯୬୭ ଭିତରେ ପଶ୍ଚିମ ଜର୍ମାନୀ ଗୋଟିଏ ଘଣ୍ଟାରେ ଜଣ ପିଛା ପ୍ରାୟ ଦୁଇଗୁଣ ଉତ୍ପାଦନ ବଢ଼ାଇଛି । ଏପରି କି ଏହିସବୁ ଦେଶରେ ଆନ୍ତର୍ଜାତିକ ବଜାରର ପ୍ରତିଯୋଗିତାକୁ ସମ୍ମୁଖୀନ ହେବାପାଇଁ ଦର କମାଇବାକୁ ଧାରାବାହିକ ଉଦ୍ୟମ କରୁଛନ୍ତି । ଏସବୁ ଦେଶ କୃଷି କ୍ଷେତ୍ରରେ ପ୍ରଭୂତ ବିକାଶ ଘଟିଛି । ଯୁକ୍ତରାଷ୍ଟ୍ରର ଗୋଟିଏ କ୍ଷେତ ଶ୍ରମିକ ନିଜ ଉତ୍ପାଦନରେ ନିଜକୁ ଏବଂ ଅନ୍ୟ ୩୩ ଜଣ ଲୋକଙ୍କୁ ଅନ୍ନବସ୍ତ୍ର ଯୋଗାଏ । ୧୯୫୫ ରେ ଏହା ୧୪ ଜଣଙ୍କୁ ଏବଂ ୧୯୩୨ ରେ ଏହା ୧୦ ଜଣଙ୍କୁ ଥିଲା । ସେତେବେଳେ ଜଣ ପିଛା ଉତ୍ପାଦନ ଏଭଳି ଉପାୟରେ ବୃଦ୍ଧି ପାଇଛି ସେତେବେଳେ ଗତ ୨୫ ବର୍ଷ ଭିତରେ କାର୍ଯ୍ୟ ସମୟ ପ୍ରାୟ ଅଧା କମିଯାଇଛି । ଯଦି ଅନ୍ୟ ଦେଶରେ ଏହା ହୋଇ ପାରିଲା, ତେବେ ଆମ ଦେଶରେ କାହିଁକି ହୋଇ ପାରିବନାହିଁ ?

ଲୋକଶକ୍ତି, ଭୂମି, କଞ୍ଚାମାଲ ଏବଂ ମୂଳଧନର ଅର୍ଥନୈତିକ ତଥା ସର୍ବଶ୍ରେଷ୍ଠ ବିନିଯୋଗର ବେଳ ଆମ ଦେଶରେ ଦେଖାଦେଲାଣି । ଆମର ଉତ୍ତର ପୂର୍ବ ସୀମାନ୍ତ ଉପରେ ୧୯୬୨ ଏବଂ ଚୀନର ଅଭିଯାନ, ୧୯୬୫ ରେ ପାକିସ୍ତାନୀ ଅଭିଯାନ ଫଳରେ ଗୋଟିଏ ଜାତୀୟ ଉତ୍ପାଦନ କମିଟି ଆନ୍ଦୋଳନ ଆରମ୍ଭ ହୋଇଛି । ଯାହାଦ୍ୱାରା କି ଉତ୍ପାଦନ କ୍ଷେତ୍ରରେ ଶ୍ରମିକ ଏବଂ ମାଲିକର ମିଳିତ ଚେଷ୍ଟାରେ ଆମର ଅର୍ଥନୀତି ସ୍ୱାବଲମ୍ବୀ ତଥା ଦୃଢ଼ ହୋଇପାରିବ । ଏହି ଆନ୍ଦୋଳନର ଲକ୍ଷ୍ୟ ବହୁଳ ଉତ୍ପାଦନ ଏବଂ ନଷ୍ଟ ନ କରିବା, କମ ଅନୁପସ୍ଥିତି, ଅଳସ ଶକ୍ତିର ପୂର୍ଣ୍ଣ ଉପଯୋଗ, ଯନ୍ତ୍ରପାତି ରକ୍ଷଣାବେକ୍ଷଣ ଏବଂ ଉତ୍ପାଦନର ଗୁଣାତ୍ମକ ନିୟନ୍ତ୍ରଣ ମାଧ୍ୟମରେ ଦରହ୍ରାସ କରିବା, ଏବଂ ଯାନ୍ତ୍ରିକରଣରେ ଜୋରଦେଇ ନ ଥିଲେ ସେମିତି

ଯୁଦ୍ଧକାଳୀନ ପରିସ୍ଥିତିରେ କଟାଇଆସିଥିଲା । ସେହିଠା- ହେଲେ ଅଧୁନାତନ ଯନ୍ତ୍ରପାତି ତଥା ଉପକରଣ ବିଦେଶରୁ ଆମଦାନୀ କରିବା ମଧ୍ୟ ସମ୍ଭବ ହୋଇ ନ ଥିଲା । ତଥାପି ଏହି ଆନ୍ଦୋଳନ ଫଳପ୍ରଦ ହୋଇ- ଥିଲା । ଉଭୟେ ଶ୍ରମିକ ଏବଂ ମାଲିକ, ଆନ୍ଦୋଳନକୁ ପୂର୍ଣ୍ଣ ସହଯୋଗରେ ଗ୍ରହଣ କଲେ ଏବଂ ସେଉଁଠାରେ ଅଧିକ ଶ୍ରମ ବ୍ୟୟିତ ଉତ୍ପାଦନ ବୃଦ୍ଧି ପାଇଛି ତାହାର ମୂଳ ପ୍ରମାଣ ଦର୍ଶାଗଲା । ନିକଟରେ ୧୦ ବର୍ଷର ର୍ଯ୍ୟକ୍ରମ ପୂରଣ କରିଥିବା ଜାତୀୟ ଉତ୍ପାଦନ ସଂସ୍ଥା ଉତ୍ପାଦକାଶକ୍ତି ଉପରେ ଶିକ୍ଷିତ କରାଇବା ଏବଂ ଉପଦେଶ ଦେବାରେ ଅଗ୍ରଣୀ ହୋଇଉଠିଲା । ଏହି ସଂସ୍ଥାର ବିଭିନ୍ନ ଶାଖା ସ୍ତରରେ କେନ୍ଦ୍ରମାନ ରହିଛି ଏହା ଉକ୍ତ ଉତ୍ପାଦକାଶକ୍ତିର ଚେତନା ସୃଷ୍ଟିବାରେ ବିଶେଷ ସଫଳକାମ ହୋଇଛନ୍ତି । ୟ ପଞ୍ଚବାର୍ଷିକ ଯୋଜନାର ସମୀକ୍ଷାରୁ ଜଣାଯାଏ ଯେ, (୧) ଖାଦ୍ୟର ଅଭାବ, (୨) ଆଶା କରାଯାଇ- ଥିବାଠାରୁ କମ ଶିଳ୍ପ ଉତ୍ପାଦନ, (୩) ମୂଲ୍ୟ ବୃଦ୍ଧି ଘଟି ଥିଲା ଯେ ଜୀବନର ମାନରକ୍ଷା କରିବା ଶ୍ରମିକ ପକ୍ଷରେ ବଡ଼ କଷ୍ଟକର ହୋଇଥିଲା ।

ଦରଦାମ ଖୁବ ବୃଦ୍ଧି ପାଇବା ଫଳରେ ପ୍ରକୃତ ମଜୁରିର ଶୂନ୍ୟତାକୁ ପୂରଣ କରିବାପାଇଁ ଉଚ୍ଚ ମଜୁରି ଦାବୀ କରାଗଲା । ଆମ ଦେଶର ଶ୍ରମପନ୍ଥ ମୁଖ୍ୟତଃ ଗୋଟିଏ ସାମ୍ୟବାଦୀ ଢାଞ୍ଚା ସମାଜ ପ୍ରତିଷ୍ଠା କରିବାକୁ ସାମାଜିକ ମଙ୍ଗଳ ହାସଲରେ ସହିଷ୍ଣୁକର ଏବଂ ବିଶ୍ୱ ବଜାରରେ ଉତ୍ପାଦନ ମୂଲ୍ୟ ତୁଳନାରେ ...ଲ ମୂଲ୍ୟ ବଢ଼ିପଡ଼ୁଛି । ତେଣୁ ବର୍ତ୍ତମାନ ଆମ୍ଭେମାନେ ମୂଲ୍ୟବୃଦ୍ଧିରେ ମଜୁରିର ଖାପଯୋଗ୍ୟ ଗୋଟିଏ ଦ୍ୱନ୍ଦରେ ପଡ଼ିଛୁ । ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପରସନାଲ୍ ମ୍ୟାନେଜମେଣ୍ଟର ଗତ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ କରୁଥିବାବେଳେ ଭାରତର ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରି ମତ ବ୍ୟକ୍ତ କରିଥିଲେ ଯେ, "ଶ୍ରମିକମାନଙ୍କୁ ପ୍ରଚୁର ମଜୁରି ଦେବା ଏକାନ୍ତ ବାଞ୍ଛନୀୟ ; କିନ୍ତୁ ବର୍ତ୍ତମାନ ଅବସ୍ଥାରେ ଶ୍ରମିକମାନଙ୍କୁ ଅଧିକ ମଜୁରି ଦେବାକୁ ମାଲିକମାନେ ସେମାନଙ୍କର ଶକ୍ତିର ବାହାରେ ବୋଲି କହୁଛନ୍ତି । ଉତ୍ପାଦନ ବୃଦ୍ଧି ଦ୍ୱାରାହିଁ ଏହି ଦ୍ୱନ୍ଦର ସମାଧାନ ହୋଇ ପାରିବ । ଏହା ପାଶ୍ଚାତ୍ୟ ଦୁନିଆରେ ଭଲ ଭାବରେ ପ୍ରମାଣିତ ହୋଇପାରିଛି । ଭାରତ ଭଳି ଏକ ଅନୁନ୍ନତ ରାଷ୍ଟ୍ରରେ ଯେ କି ଅର୍ଥନୈତିକ ଚକାଭଉଁରିରେ ଗତି କରୁଛି ସେଠାରେ ଏ ପ୍ରକାର ଯୁକ୍ତିର ଉପାଦେୟତା ରହିଛି" । ଉତ୍ପାଦନର ପାର୍ଶ୍ୱ ମୂଲ୍ୟ କମାଇବାକୁ ଏବଂ ପ୍ରକୃତ ମଜୁରିର ପ୍ରଚଳନ ପାଇଁ ମାନସ୍ତର ସ୍ଥିର କରିବା ଏକମାତ୍ର ଉତ୍ତର ହେଲା ଉତ୍ପାଦକା- ଶକ୍ତି । ମୂଲ୍ୟ ଏବଂ ଅନ୍ୟାନ୍ୟ ଜିନିଷ ଦ୍ୱାରା ପ୍ରଭାବିତ ନ ହୋଇ ଗୋଟିଏ ସ୍ୱାଧୀନ ବଜାରରେ ଉତ୍ପାଦକା- ଶକ୍ତି ଏବଂ ମୂଲ୍ୟ ଭିତରେ ସମ୍ପର୍କ ରହେ । ମଜୁରି ଦରମା ଜନିତ ମୂଲ୍ୟବୃଦ୍ଧି ବହୁଳ ଉତ୍ପାଦନପାଇଁ ବୈଷୟିକ ଆବିଷ୍କାର ଏବଂ ଯାନ୍ତ୍ରୀକରଣଦ୍ୱାରା ଠିକ୍ କରାଯାଇ ପାରିବ । ଉତ୍ପାଦକଶକ୍ତି ଉତ୍ପାଦନ ସହିତ ଗଣ୍ଡଗୋଳ ସୃଷ୍ଟି କରିବା ଠିକ୍ ନୁହେଁ, ଯେତେବେଳେ ଉତ୍ପାଦନ ଜିନିଷର ଉତ୍ପାଦନକୁ ବୁଝାଏ ସେତେବେଳେ ଉତ୍ପାଦକା- ଶକ୍ତି ଉତ୍ପାଦନ ଜିନିଷ ଏବଂ ସମ୍ପଦ ଭିତରେ ସମ୍ପର୍କ ଯଥା:—ଶ୍ରମ, କଞ୍ଚାମାଲ, ମୂଳଧନ ଏବଂ ବିଶେଷଜ୍ଞ ଶକ୍ତିକୁ ବୁଝାଏ । ବର୍ତ୍ତମାନ ଧାରାରେ ଆମକୁ ଶ୍ରମର ଉତ୍ପାଦକା- ଶକ୍ତି ଉପରେ ଆଲୋଚନା କରିବାକୁ ପଡ଼ିବ । ଗୋଟିଏ ଶ୍ରମିକଦ୍ୱାରା ଉତ୍ପାଦନର ପରିମାଣ ଶ୍ରମ ଉତ୍ପାଦକାଶକ୍ତିର ମାପ । ଏହା ନିଃସନ୍ଦେହ ଯେ; ଯାନ୍ତ୍ରୀକରଣ ଏବଂ କଞ୍ଚା ମାଲର ଗୁଣାତ୍ମକ ରୂପ ଏହା ଉପରେ କେତେକ ପରିମାଣରେ ନିର୍ଭର କରେ ।

ଯଦିଓ ଯାନ୍ତ୍ରୀକରଣ ଇତ୍ୟାଦି ଦ୍ୱାରା ବହୁଳ ଉତ୍ପାଦନ ହାସଲ କରାଯାଇ ପାରିବ ତଥାପି ଏହାଦ୍ୱାରା

ବହୁଳ ଉତ୍ପାଦନପାଇଁ ଶ୍ରମ ଉତ୍ପାଦିକାଶକ୍ତି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ଏବଂ ଶ୍ରମିକ ସହଯୋଗ ଏ କ୍ଷେତ୍ରରେ ଏକାନ୍ତ ଆବଶ୍ୟକ । ଶ୍ରମିକମାନଙ୍କ ମନୋବୃତ୍ତିକୁ ଅଧିକ ଉତ୍ପାଦନକ୍ଷମରେ ଆଗ୍ରହୀ କରିବାକୁ ପ୍ରାରମ୍ଭିକ ଆବଶ୍ୟକତା ହେଲା ସୁସ୍ଥଶ୍ରମିକ ମାଲିକ ସମ୍ପର୍କ । ପରେ ଉତ୍ପାଦନର ଧାରଣା ଭଲଭାବେ ବୁଝାହୋଇ ପାରିଲେ, ଏହା ସାଧାରଣ ଭାବେ ଏହି ଦିଗରେ କାର୍ଯ୍ୟ କରିବ । ଆବଶ୍ୟକ ବାୟୁମଣ୍ଡଳ ସୃଷ୍ଟି କରିବାକୁ ନିମ୍ନଲିଖିତ ଦୁଇଟି ଜିନିଷ ପ୍ରତି ଧ୍ୟାନ ଦେବାକୁ ପଡ଼ିବ :—

(୧) ବହୁଳ ଉତ୍ପାଦନର ଫଳାଫଳ ଛଟେଇରେ ପର୍ଯ୍ୟବସିତ ନହେଁ ।

(୨) ଅଧିକ ଉତ୍ପାଦନର ଲଭ୍ୟାଂଶରେ ଶ୍ରମିକମାନଙ୍କ ଭାଗ ରହିବ ।

ଗତ ବିଶ୍ୱଯୁଦ୍ଧ ପରେ ଆମଦେଶରେ ଲୁଗାକଲମାନଙ୍କରେ ବ୍ୟାପକ ଶିଳ୍ପୀକରଣ କାର୍ଯ୍ୟକାରୀ ହୋଇଥିଲା, ଫଳରେ ବହୁଶ୍ରମିକ ବେକାର ହୋଇଥିଲେ । ଗୋଟିଏ ତ୍ରିପକ୍ଷୀୟ ଶ୍ରମ ସମ୍ମିଳନୀରେ ଶିଳ୍ପୀକରଣ ପାଇଁ ଗୋଟିଏ ଉପଯୁକ୍ତ ପନ୍ଥା ଗ୍ରହଣ କରାଯାଇଥିଲା । ପ୍ରାଥମିକ ସ୍ତରରେ ଏହା ଗ୍ରହଣ କରାଯାଇଥିଲା ଯେ, ଶିଳ୍ପୀକରଣ ଫଳରେ ଛଟେଇ ବା ବେରୋଜଗାରି ହାନି ହେବା ଉଚିତ୍ ନୁହେଁ ଏବଂ ଶ୍ରମ ଉତ୍ପାଦିକାଶକ୍ତିର ଲଭ୍ୟାଂଶ ପୁଞ୍ଜି ଶ୍ରମ ଏବଂ ଖାଉଟିମାନଙ୍କ ଭିତରେ ସମବଣ୍ଟନ ହେବା ଉଚିତ । ଏହି ସମ୍ପର୍କରେ ସ୍ପଷ୍ଟ ଗଣ୍ଡଗୋଳର ସମାଧାନପାଇଁ ମଧ୍ୟ ଏହା ଗୋଟିଏ ପନ୍ଥା ନିର୍ଦ୍ଦେଶ କରିଥିଲା । ସାଧାରଣତଃ ଏହି ସୁପାରିଶଗୁଡ଼ିକ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ, ତଥାପି ଏ ନ ହେଲେ ମଧ୍ୟ ଶ୍ରମ ଉତ୍ପାଦିକାଶକ୍ତିରେ ସେମାନଙ୍କର ଭାଗ ରହିଛି ଏହି ବିଶ୍ୱାସ ଶ୍ରମିକମାନଙ୍କ ମନରେ ସୃଷ୍ଟି କରିବାର କଥା ସମସ୍ତଙ୍କ ଦ୍ୱାରା ସ୍ୱୀକୃତ ହେବା ଆବଶ୍ୟକ ।

ଶ୍ରମର ଉତ୍ପାଦିକାଶକ୍ତି ବଢ଼ାଇବାରେ ବହୁ ବାଟ ରହିଛି । ସେଥିରୁ ମୁଖ୍ୟ ଦୁଇଟି ହେଲା (୧) କାର୍ଯ୍ୟ ସମ୍ପର୍କରେ ଶିକ୍ଷା ଏବଂ (୨) ଉତ୍ସାହ ଯୋଜନା । କାର୍ଯ୍ୟ ସମ୍ପର୍କୀୟ ଶିକ୍ଷା ହେଲ କାର୍ଯ୍ୟ ଅନୁଶୀଳନ ଏବଂ ଉପଯୁକ୍ତ ଅନୁଶୀଳନ, ଏହା ପ୍ରାକ୍ତନ ଦୁନିଆଁରେ ପରିବର୍ତ୍ତନ ସନ୍ଧି ହିସାବରେ ସ୍ୱୀକୃତ, ଏହି କୌଶଳ ଶ୍ରମିକମାନଙ୍କ ଦ୍ୱାରା ଅଶାନ୍ତ ବାଧା ମନୋବୃତ୍ତି ସୃଷ୍ଟି କରେ । କିନ୍ତୁ ଯେତେବେଳେ ଏହା ନିୟୋଜିତ ହୁଏ ସେତେବେଳେ ଶ୍ରମ ଉତ୍ପାଦିକାଶକ୍ତି ବୃଦ୍ଧିର ସମ୍ଭାବନା ବୃଦ୍ଧି କରେ । ଯେ କୌଣସି କାର୍ଯ୍ୟ ଅନୁଶୀଳନ ଭୁଲିଯିବା ଉଚିତ ନୁହେଁ ଯେ, (୧) ନୂଆ ପ୍ରଥା ନିର୍ଣ୍ଣୟ କାର୍ଯ୍ୟକାରୀ ହେବ, (୨) ଏହା ପରିବର୍ତ୍ତନକୁ ସୁହାଉଥିବ ଏବଂ (୩) ଏହା ଶ୍ରମିକମାନଙ୍କୁ ମଧ୍ୟ ସୁହାଉଥିବ । ବୈଜ୍ଞାନିକ ବିଶ୍ଳେଷଣାତ୍ମକ ଏବଂ ପ୍ରଶ୍ନବାଚୀ ମାଧ୍ୟମରେ ହୋଇଥିବା କାର୍ଯ୍ୟ ଅନୁଶୀଳନ ଉତ୍ପାଦ ମାନ ଏବଂ ଶ୍ରମିକଙ୍କୁ ସୁହାଇବା ଭଳି ବାୟୁମଣ୍ଡଳ ସୃଷ୍ଟି କରିଥାଏ ।

ଜଣକର ଫଳାଫଳରୁ ଦେୟ ବା ବନ୍ଦୋବସ୍ତ କାର୍ଯ୍ୟଉପରେ ପ୍ରତିଷ୍ଠିତ ଉତ୍ସାହମୂଳକ ମଜୁରି ଯୋଜନା ବହୁଳ ଶ୍ରମ ଉତ୍ପାଦିକାଶକ୍ତିକୁ ଅଗ୍ରସର ଦେବ । ଗୋଟିଏ ଆର୍ଥିକ ଉତ୍ସାହ ଯୋଜନା ଶ୍ରମିକମାନଙ୍କଠାରୁ ନିଶ୍ଚିତ ସହଯୋଗ ପାଇବ । ବହୁଳ ଉତ୍ସାହ ଅର୍ଥପାଇଁ ଉତ୍ପାଦନ କରିବାକୁ ସେମାନଙ୍କର ସାଧାରଣ ପ୍ରଚେଷ୍ଟା ବ୍ୟତୀତ, ଏହା ଶ୍ରମିକମାନଙ୍କ ମନରେ ଅଧିକ ଉତ୍ପାଦନ କରିବାକୁ ଉପାୟ ବାହାର କରିବା ଧାରଣା ସୃଷ୍ଟି କରେ । ସାଧାରଣତଃ ଉତ୍ସାହ ସୃଷ୍ଟିର ଯୋଜନା ପ୍ରତ୍ୟକ୍ଷ ଭାବେ ଶ୍ରମିକମାନଙ୍କ ସହ ସମ୍ପୃକ୍ତ । ଏଣୁ ଏଥିରେ ଶ୍ରମିକମାନଙ୍କର ଅଶାନ୍ତ ଉତ୍ପାଦନରେ ଉତ୍ପନ୍ନ ହୁଏନାହିଁ । ଉତ୍ସାହ ସୃଷ୍ଟି କରିବାର ଯୋଜନା

ସ୍ଥଳରେ କାର୍ଯ୍ୟ ତଦାରଖ ଏଡ଼ାଯାଇପାରେ । ଠିକ କାର୍ଯ୍ୟ ଅନୁଶୀଳନକୁ ସଫଳ କରିବାରେ ମାନ ସ୍ଥିର କରିବାକୁ ପଡ଼ିବ; ନ ହେଲେ ଭଲ ଫଳାଫଳ ବଦଳରେ ଏହା କାର୍ଯ୍ୟକାରିତାକୁ ବିପରୀତମୁଖୀ କରାଯାଇପାରେ ।

ତେବେ ଶିଳ୍ପର ବହୁଳ ତଥା ସର୍ବୋତଭାବେ ଉତ୍ପାଦନ ସ୍ତର ହାସଲପାଇଁ ଉତ୍ସାହ ସୃଷ୍ଟିକାରୀ ବୋନସ ଯୋଜନା କାର୍ଯ୍ୟକାରୀ ହେଉଛି । ଏହା ସାଧାରଣ ମଜୁରି ଶ୍ରେଣୀଠାରୁ ଉପରେ ଯେତେବେଳେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି, ସେତେବେଳେ ଗୋଟିଏ ଆବଶ୍ୟକୀୟ ସ୍ତର ସ୍ଥିର କରିବାକୁ ପଡ଼ିବ ଏବଂ ବୋନସ ଟଙ୍କା ସରଳଭାବେ ଆକର୍ଷଣୀୟ ହେବା ଫଳରେ କେବଳ ଶ୍ରମିକ ଉଚ୍ଚ ଆୟ ପାଇଁ ଝୁଣ୍ଟିବେ ନାହିଁ । ସେମାନେ ମଧ୍ୟ ଅନୁଭବ କରିବେ ଯେ, ଶ୍ରମିକ ଅଶାନ୍ତି ଯୋଗୁ କୌଣସି ଆଳସ୍ୟ ସେମାନଙ୍କ ଆର୍ଥିକ ଦିଗରେ କ୍ଷତିଗ୍ରସ୍ତ କରିବ । କେତେକ ଶିଳ୍ପରେ କର୍ମଚାରୀ ଲାଭ ପରିବର୍ତ୍ତେ ବାର୍ଷିକ ଉତ୍ପାଦନ ଉପରେ ବାର୍ଷିକ ବୋନସ ସ୍ଥିର କରାହୋଇଥାଏ । ଅଧିକନ୍ତୁ ଲାଭାଂଶ ଉପରେ ପ୍ରତିଷ୍ଠିତ ସୂତ୍ର ଭିତ୍ତିରେ ବୋନସ ଦିଆଯିବା ପାଇଁ ୧୯୬୫ର ବୋନସ୍ ଆଇନ୍ ସ୍ଥିର ହୋଇଛି, ତଥାପି ସେଠି କାରଖାନାରେ ବାର୍ଷିକ ବୋନସ୍ ଯୋଜନା "ଉତ୍ପାଦନ ସହିତ ସଂଯୁକ୍ତ ସେଗୁଡ଼ିକୁ ଗ୍ରହଣ କରିବାକୁ ଏହା କେତେକ ପ୍ରସ୍ତାବ କରିଛି ।"

ଶେଷ ଦୁଇଟି ଦୁର୍ଭିକ୍ଷ ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ଫଳପ୍ରଦ ନ ହେବା ଏବଂ ଦେଶରେ ନିମ୍ନମୁଖୀ ଅର୍ଥନୈତିକ ଧାରାହେତୁ ଦେଶରେ ଗୋଟିଏ ବିରୂପ ଅବସ୍ଥା ସୃଷ୍ଟି ହୋଇଛି । ଦରବୃଦ୍ଧି ଅତ୍ୟଧିକ ହୋଇଛି, ଉତ୍ପାଦନର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି ଏବଂ ବସ୍ତୁବାର ମାନ ସ୍ଥିର କରିବାକୁ ଶ୍ରମିକମାନଙ୍କ ତରଫରୁ ମଜୁରି ବୃଦ୍ଧିରେ ଜାତିଗୁଣ୍ଡ ହେଉଛି, ସେହେତୁ ପ୍ରକୃତ ମଜୁରି ଏବଂ ରୋଜଗାର ମଜୁରି ଭିତରେ ବହୁ ଶୂନ୍ୟତା ରହିଯାଉଛି । ପଶ୍ଚିମ-ଉତ୍ତର ପ୍ରଦେଶ ଉତ୍ପାଦନ କାଉନ୍‌ସିଲର ଅଧ୍ୟକ୍ଷ ମିଷ୍ଟର କେ. ଏମ୍. ମୋଦି ଏହାର ଗତ ବାର୍ଷିକ ସମ୍ମିଳନୀରେ କହିଥିଲେ, "ମଜୁରି ବୃଦ୍ଧିର ଦାବି ଲାଗି ରହିଛି । ଉତ୍ପାଦନ ସହିତ ସମ୍ପୃକ୍ତ ନ ଥିବା ମଜୁରି ବୃଦ୍ଧି, ଉତ୍ପାଦନର ଉଚ୍ଚ ମୂଲ୍ୟ ବୃଦ୍ଧିଆଡ଼କୁ ଆଗେଇ ନେଉଛି । ତେଣୁ ଉତ୍ପାଦନ ବୃଦ୍ଧି ନ ହୋଇ ମଜୁରି ବୃଦ୍ଧି ସମ୍ଭବ ନୁହେଁ । ଅର୍ଥନୈତିକ ଏବଂ ବୈଜ୍ଞାନିକ ଗବେଷଣା ସଂସ୍ଥା ଦ୍ୱାରା ନିକଟରେ ହୋଇଥିବା ଅନୁଶୀଳନରେ ମନ୍ତବ୍ୟ ପ୍ରକାଶ ପାଇଛି ଯେ, ଆମର ପ୍ରତ୍ୟେକ ଅର୍ଥନୈତିକ ଯାହା ସାଧାରଣତଃ କୃଷି ଉପରେ ନିର୍ଭର କରେ ସେଠାରେ ତାହାର ମୁଣ୍ଡପିଛା ଆୟଠାରୁ ଶିଳ୍ପ କ୍ଷେତ୍ରରେ ମଜୁରିକୁ ଅଧିକ କରିବାର ସମସ୍ତ ପ୍ରଚେଷ୍ଟାକୁ ନିରୋଧ କରିବା ସଙ୍ଗେ ସଙ୍ଗେ ମୁଦ୍ରାସ୍ଫୀତି ଘଟାଇବ । ଉତ୍ପାଦନ ସହିତ ସମ୍ପୃକ୍ତ ମଜୁରିବୃଦ୍ଧି ବିଭିନ୍ନ ମଜୁରି ବୋର୍ଡ ବା ଶିଳ୍ପ ଅଦାଲତ ଦ୍ୱାରା ଗୃହୀତ ହୋଇନାହିଁ । ଯାହାକି ବର୍ତ୍ତମାନ ମୂଲ୍ୟ ସ୍ଥିର ସଙ୍ଗେ ସଙ୍ଗେ ମୁଦ୍ରାସ୍ଫୀତି ରୋକିବାକୁ ଅତ୍ୟନ୍ତ ଦରକାରୀ ଅଟେ । ଯୌଥ ଚୁକ୍ତି ମାଧ୍ୟମରେ ଉତ୍ପାଦନକୁ ଭିତ୍ତିକରି ମଜୁରି ବଢ଼ିବାର ଉଦାହରଣ ରହିଛି । ଆମ ଦେଶରେ ଏପରିକି ଶିଳ୍ପୀ କରଣ ବ୍ୟବସ୍ଥା ବା କାର୍ଯ୍ୟପନ୍ଥାରେ ଆଖିଦେଖାଣିଆ ପରିବର୍ତ୍ତନ ନ କରି; ଛୁଟିଦିନ, ଅନୁପସ୍ଥିତ ଏବଂ ଅବଶ ବା ଅଳସ ସମୟ କମାଇ ଶ୍ରମ-ଉତ୍ପାଦକା-ଶକ୍ତି ବଢ଼ାଯାଇପାରେ । ଏହା ପ୍ରଥମ ପନ୍ଥା ଏବଂ ଏହି ଉତ୍ପାଦକାଶକ୍ତି ବଢ଼ାର ସୁଫଳରେ ଶ୍ରମିକମାନେ ଭାଗିଦାର ହେବା ଉଚିତ୍ ।

ଉତ୍ପାଦକାଶକ୍ତି ଅଭିବୃଦ୍ଧିରେ ଶ୍ରମିକ ସଂସ୍ଥାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତାଙ୍କର

ଅର୍ଥନୀତିର ବୃହତ୍ତର ସ୍ୱାର୍ଥରେ ବହୁଳ ଉତ୍ପାଦନ ପାଇଁ ସୃଷ୍ଟିତ ବହୁଳ ପ୍ରଣାଳୀ ଦ୍ୱାରା ଉଦ୍ଭବ ସାମାଜିକ ଅର୍ଥନୈତିକ ସମସ୍ୟାଗୁଡ଼ିକୁ ଶ୍ରମିକସଂସ୍ଥା ବୁଝିବା ଉଚିତ୍ । ଏଥିରୁ ସୃଷ୍ଟି ହୋଇଥିବା ସମସ୍ୟାଗୁଡ଼ିକୁ ବୁଝିବାପରେ ଶ୍ରମିକସଂସ୍ଥା ସେମାନଙ୍କର ସଭ୍ୟମାନଙ୍କୁ ଶିକ୍ଷିତ ଏବଂ ସଚେତନ କରିବା ଉଚିତ । ଫଳରେ ସର୍ବାଂଶରେ ଶ୍ରମିକର ଘର ଉପରେ ଯୌଥ ଚୁକ୍ତି ପାଇଁ ଆବଶ୍ୟକ ବାୟୁମଣ୍ଡଳ ସୃଷ୍ଟି ହୋଇପାରିବ । ପାଶ୍ଚାତ୍ୟ ଦେଶମାନଙ୍କରେ ଶ୍ରମିକସଂସ୍ଥାଗୁଡ଼ିକ ବହୁଳ ଉତ୍ପାଦନ ପ୍ରଣାଳୀ ଉପରେ ସଭ୍ୟମାନଙ୍କପାଇଁ ତାଲିମ କାର୍ଯ୍ୟକ୍ରମର ବହୁମୁଖୀ ବନ୍ଦୋବସ୍ତ କରିଥାନ୍ତି । ଆମ ଦେଶରେ ଶ୍ରମିକମାନଙ୍କ ଭିତରେ ଏ ପ୍ରକାର ଚିନ୍ତା ଏବଂ କର୍ତ୍ତବ୍ୟ ସୃଷ୍ଟି କରିବାକୁ ଶ୍ରମିକସଂସ୍ଥାମାନଙ୍କର ସୁବିଧା ରହିଛି । ଯେଉଁ ଯେଉଁ ଅସୁବିଧାଗୁଡ଼ିକ ବହୁଳ ଉତ୍ପାଦନର ଶତ୍ରୁ, ସେଗୁଡ଼ିକର ମୂଳୋତ୍ପାଟନ ପାଇଁ ଶ୍ରମିକସଂସ୍ଥାର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ ରହିଛି । ଉଦାହରଣ ସ୍ୱରୂପ ଡେଲ୍‌ଗରମାନଙ୍କର ସଂସ୍ଥା ଅପ୍ରଚଳିତ ନୂତନ ଏବଂ ଉତ୍ପାଦନ ଦର୍ଶନର ବିରୋଧୀ ମଧ୍ୟ । ସେଥିପାଇଁ ବହୁଗାମୀ ଗଣ୍ଡଗୋଳ ବିଶେଷ କରି ଦୈନନ୍ଦିନ କାର୍ଯ୍ୟରେ ପରିଚାଳନା ଏବଂ କାର୍ଯ୍ୟକାରୀ ସଂସ୍ଥାମାନଙ୍କ ଭିତରେ ଗଣ୍ଡଗୋଳକୁ ସର୍ବଶେଷ ଲକ୍ଷ୍ୟ ପାଇଁ ଦମନ କରାଯିବା ଉଚିତ ଏବଂ ସମସ୍ତ ଉତ୍ପାଦନଶକ୍ତିର ସର୍ବୋଚ୍ଚତରେ ସଦ୍‌ବ୍ୟବହାର କାର୍ଯ୍ୟ କରିବା ଉଚିତ । ଶ୍ରମିକସଂସ୍ଥାଗୁଡ଼ିକ ଏଭଳି ବାୟୁମଣ୍ଡଳ ସୃଷ୍ଟି କରିବା ଉଚିତ ଯେ, ଉତ୍ପାଦନ ବିଷୟରେ ମାଲିକ ଏବଂ ଶ୍ରମିକର ମିଳିତ ସ୍ୱାର୍ଥ ରହିଛି କିନ୍ତୁ ସଂଘର୍ଷର ସ୍ୱାର୍ଥ ନାହିଁ ।

ଏହା ସର୍ବବାଦୀସମ୍ମତ ଯେ, ମାଲିକ, ଶ୍ରମିକ ଓ ଗୋଷ୍ଠୀର ସାଧାରଣ ସୁବିଧାପାଇଁ ଉତ୍ପାଦନ ବଢ଼ାଇବାକୁ ମାଲିକ ସହିତ ଶ୍ରମିକର ସମ୍ପର୍କ ଆବଶ୍ୟକ । ସରକାର ମଧ୍ୟ ଉତ୍ପାଦନ ବୃଦ୍ଧି ପାଇଁ ସହଯୋଗମୂଳକ ଭୂମିକା ଗ୍ରହଣ କରିବା ଉଚିତ । ଉତ୍ପାଦନ ଏବଂ ଉତ୍ପାଦ ଉପରେ ଜାତୀୟ ଶ୍ରମ କମିଶନ ଦ୍ୱାରା ପ୍ରତିଷ୍ଠିତ ଅନୁଧ୍ୟାନକାରୀ ଦଳ ସୁପାରିଶ୍, "ଆଜି ଶ୍ରମିକମାନଙ୍କ ଭିତରେ ଗୋଟିଏ ବ୍ୟାପକ ଭାବନା ରହିଛି, ସେ ଭାବନା ହେଉଛି ଶିଳ୍ପାନୁଷ୍ଠାନରେ ମାଲିକାନାର ଖସଡ଼ା ଏବଂ ଶିଳ୍ପ ପରିଚାଳନା ଦେଖା ହୋଇଛି ଯେ, ଅଧିକ ଉତ୍ପାଦନରେ ବଡ଼ ବଡ଼ ପରିମାଣରେ ଶ୍ରମିକ ସ୍ୱାର୍ଥରେ ଲାଗ ପାଉନାହିଁ । ଏହା ଆହୁରି ଦର୍ଶାଯାଇଛି ଯେ, ଆବଶ୍ୟକ ଗତି ଏବଂ ସେଗୁଡ଼ିକର ସୁଯୋଗ୍ୟ କାର୍ଯ୍ୟକାରିତା ପାଇଁ ରାଜନୈତିକ ଏବଂ ଅର୍ଥନୈତିକ ପରିବେଶ ଯୋଗାଇବା ସରକାରଙ୍କର ଦାୟିତ୍ୱ ।"

# ଓଡ଼ିଶାରେ କିପରି ଶ୍ରମ ଉତ୍ପାଦିକାଶକ୍ତି ବର୍ଦ୍ଧିତ କରାଯାଇ ପାରିବ

ଫକୀର ଚରଣ ପାଣିଗ୍ରାହୀ
ଜେନେରାଲ ମ୍ୟାନେଜର
କଳିଙ୍ଗ ଆଇରନ୍ ୱାର୍କସ୍, ବଡ଼ବିଲ

ବ୍ୟାବହାରିକ ଅର୍ଥନୀତି ଗବେଷଣାର ଜାତୀୟ ପରିଷଦ ଦ୍ୱାରା ବୈଷୟିକ ଅର୍ଥନୀତି ସର୍ବେକ୍ଷଣରୁ ଜଣାଯାଇ ଅଛି ଯେ, ଓଡ଼ିଶାର ଶ୍ରମ ଉତ୍ପାଦିକାଶକ୍ତି ତୁଳନାତ୍ମକ ଭାବରେ କମ୍ । ୧୯୫୬-୫୭ ପରିସଂଖ୍ୟାନ ଦ୍ୱାରା ସେମାନେ ଜଣାନ୍ତି, ଓଡ଼ିଶାର ପ୍ରତ୍ୟେକ ଶ୍ରମିକଙ୍କର ନୀଟ୍ ଉତ୍ପାଦନ ଶକ୍ତି କାରଖାନା ଶିଳ୍ପରେ ଟ୧,୫୦୦, ଅନ୍ୟ ଶିଳ୍ପରେ ଟ୪୯୪ ଓ କୃଷିରେ ଟ୩୦୦୯ ଥିଲା । କିନ୍ତୁ ଏହା ସାରା ଭାରତବର୍ଷର ହାରହାରି ଟ୨,୧୦୦୯, ଟ୭୯୦୯ ଏବଂ ଟ୫୦୦୯ ଠାରୁ କମ ଶ୍ରମିକଙ୍କର ଉତ୍ପାଦନ ଶକ୍ତି ରହିଥିଲା । ସେମାନେ ଆହୁରିମଧ୍ୟ ଜଣାଇଛନ୍ତି ଯେ, ଏହି କମ୍ ଶ୍ରମ ଉତ୍ପାଦିକାଶକ୍ତିର ପ୍ରଧାନ କାରଣ ହେଲା ଶିଳ୍ପୀମାନଙ୍କର ଅଶିକ୍ଷିତପଣିଆ, ପରିବହନ ଓ ଯାତାୟାତର ଅଭାବ, ବହୁଳ ଆଦିବାସୀ ଜନବସତି, ଲୋକଙ୍କର ଦୁର୍ବଳ ସ୍ୱାସ୍ଥ୍ୟ । ଏହି ଗତ ଦଶବର୍ଷ ଭିତରେ ଉତ୍ପାଦିକାଶକ୍ତିର ଅଗ୍ରଗତି ହୋଇଛି କି ନାହିଁ, ତାହା ଜଣାନାହିଁ । ୧୯୫୬-୫୭ ପରଠାରୁ ଓଡ଼ିଶାରେ କାରଖାନାଗୁଡ଼ିକ ବଢ଼ି ଚାଲିଛି । ରାଉରକେଲାର ଇସ୍ପାତ କାରଖାନା ସ୍ଥାପିତ ହୋଇଅଛି । ଶିଳ୍ପୀମାନଙ୍କର ଅଗ୍ରଗତି ହୋଇଅଛି । ଶିଳ୍ପ ସଂକ୍ରାନ୍ତୀୟ ଶିକ୍ଷା ପ୍ରଦାନ କରାଯାଉଅଛି । ଅନେକଗୁଡ଼ିଏ ଶିଳ୍ପ ସଂସ୍ଥାମାନ ଏବଂ ବହୁ ପଲିଟେକନିକସ୍ ଓ ଇଞ୍ଜିନିୟରିଙ୍ଗ୍ ସଂସ୍ଥା ସବୁ ସ୍ଥାପନ କରାଯାଇଅଛି । ଯାତାୟାତର ଅଗ୍ରଗତି ହୋଇଅଛି । ବହୁଳ ଆଦିବାସୀମଙ୍ଗଳ କାର୍ଯ୍ୟ କରାଯାଇଅଛି । ବିଶେଷତଃ ନିମ୍ନ ଶ୍ରେଣୀ ସଂକ୍ରାନ୍ତରେ ଆମେ ତାଙ୍କର ସାଧାରଣ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ଖାଦ୍ୟର ଅଗ୍ରଗତି କରିଅଛୁ । ଏହି ସମସ୍ତ ଅଗ୍ରଗତି ସତ୍ତ୍ୱେ, ସାଧାରଣ ମତ ପ୍ରକାଶ ପାଉଛି ଯେ, ଶ୍ରମ ଉତ୍ପାଦିକାଶକ୍ତି ନିମ୍ନରେ ରହିବାର ଲକ୍ଷ୍ୟ କରାଯାଉଛି । ଏହାକୁ କେବଳ ସଂପୂର୍ଣ୍ଣ ଅଧ୍ୟୟନ, ପ୍ରମାଣ ବା ଖଣ୍ଡନ କରାଯାଇବ । ଯାହାହେଉନା କାହିଁକି ଏହା ବିନା ଆପତ୍ତିରେ କୁହାଯାଇପାରେ ଯେ, ଉତ୍ପାଦନର ଉନ୍ନତ ପରିମାଣରେ ଲକ୍ଷ୍ୟ କରାଯାଇ ପାରେ । ଏହା ଉପରେ ନିର୍ଭରିବ ତାହା ମଧ୍ୟ ଜଣାଯିବା ଉଚିତ ।

ଆମେ ଉତ୍ପାଦନର କାରଣକୁ ଖୋଜିବାକୁ ଆରମ୍ଭ କରିବା ପୂର୍ବରୁ ଓ ତାର ଉନ୍ନତି କଥା ଭାବିବା ପୂର୍ବରୁ ମୁଁ କହିବାକୁ ଚାହେଁ ଯେ ଓଡ଼ିଶାରେ ଶ୍ରମ ଉତ୍ପାଦିକାଶକ୍ତି ବିଷୟରେ ଆମର ମତ ସଂପୂର୍ଣ୍ଣ ଭାବରେ ଠିକ୍ ହୋଇ ନ ପାରେ । କାରଣ ଓଡ଼ିଶାରେ ପ୍ରତ୍ୟେକ ଶ୍ରମିକଙ୍କର ନୀଟ୍ ଉତ୍ପାଦିକା ଶକ୍ତି ସାରା ଭାରତର ହାରହାରି ତୁଳନାରେ କମ୍ । ଏହାର ମାନେ ନୁହେଁ ଯେ, ଶ୍ରମ ଉତ୍ପାଦିକାଶକ୍ତି ଆବଶ୍ୟକ ଭାବରେ କମ୍ । ଉତ୍ପାଦନର ଏହି ନିମ୍ନହାର, ହୁଏତ ଉପଯୁକ୍ତ ଯନ୍ତ୍ରପାତି ଅଭାବରୁ ହୋଇଥାଏ କିମ୍ବା କୃଷିକ୍ଷେତ୍ରରେ ଏହା ପୁରାତନ ପ୍ରଣାଳୀ ଯୋଗୁଁ ହୋଇଥାଏ । ମୋର କେତେକ ଶିଳ୍ପଉପଦେଷ୍ଟା, ଯେଉଁମାନେ କି ଆମ ଦେଶର କାରଖାନାମାନଙ୍କରେ କାର୍ଯ୍ୟ କରୁଥିଲେ ସେମାନଙ୍କୁ ଜାଣିବାର ସୌଭାଗ୍ୟ ହୋଇଥିଲା । ଯନ୍ତ୍ର ସାମଗ୍ରୀ, ସିମେଣ୍ଟ, କାଗଜ, ରିଫ୍ରାକ୍‌ଟୋରସ୍, ଲୁଗା, ଲୌହ ଓ ଇସ୍ପାତର ବ୍ୟବହାର ନେଇ ଶିଳ୍ପକାରଖାନାମାନଙ୍କରେ ଶିକ୍ଷା ଦିଆଯାଉଅଛି । ଏହି ଅଧ୍ୟୟନ ଉତ୍ପାଦନର ବିଭିନ୍ନ ସ୍ତର ବିଷୟରେ ଅନୁଧ୍ୟାନ କରେ କିନ୍ତୁ ଶ୍ରମ ସମ୍ପର୍କୀୟ ଉତ୍ପାଦିକାଶକ୍ତି ପୂର୍ଣ୍ଣଭାବରେ ନିମ୍ନସ୍ତରରେ ଥିଲା ସତ ମନେହୁଏ ନାହିଁ । ଆମେ ଯେତେବେଳେ କହୁ ଯେ ଶ୍ରମ ଉତ୍ପାଦିକାଶକ୍ତି ନିମ୍ନସ୍ତରରେ, ଆମେ

ସମ୍ଭବତଃ ସରକାରୀ କାର୍ଯ୍ୟାଳୟକୁ ଲକ୍ଷ୍ୟ କରି ସେଠାକାର ଅକ୍ଷମତାର କାରଣର କଥା ଚିନ୍ତା କରୁ। ସରକାରୀ କାର୍ଯ୍ୟାଳୟରେ ଅକ୍ଷମତାର କାରଣ ଏହି କାର୍ଯ୍ୟାଳୟର ନିଯୁକ୍ତ କର୍ମଚାରୀବୃନ୍ଦଙ୍କ ଯୋଗୁଁ ହୋଇ ନ ଥାଏ କିନ୍ତୁ ଅପରପକ୍ଷରେ ସମ୍ଭବତଃ ଏହି ଭ୍ରମପୂର୍ଣ୍ଣ ପ୍ରଣାଳୀ ଉପଯୁକ୍ତ ଭାବରେ ଅସ୍ଥବନ୍ତ ସଂଗଠିତ ହୋଇଥାଏ। ଯେତେବେଳେ ଆମେ ଜାଣୁଁ ଯେ, କୃଷିର ଶ୍ରମ ଉତ୍ପାଦିକାଶକ୍ତି ନିମ୍ନ ସ୍ତରରେ ସେତେବେଳେ ଆମକୁ ବିସ୍ତୃତକୁ ନେବାକୁ ହେବ ଯେ ସେହି ପ୍ରତିଷ୍ଠାନମାନଙ୍କରେ ମଜୁରି ହାର ମଧ୍ୟ ଅତି ନିମ୍ନ। ଯଦି ଉତ୍ପାଦନର ଉନ୍ନତି ହେବ, ତେବେ କୃଷିଶ୍ରମ ଅତି ଅଳ୍ପ ଲାଭବାନ ହେବ। ସମାଜର ପରିବର୍ତ୍ତନରେ ସେ ମଧ୍ୟ କ୍ଷତିଗ୍ରସ୍ତ ହେବ ଯେଉଁ ସାମାଜିକ ପରିବର୍ତ୍ତନ କି, ଗ୍ରାମାଞ୍ଚଳରେ ଚଳିତ ଶୃଙ୍ଖଳା ଓ ପରିବାର ଶାସନ ପଦ୍ଧତିକୁ ଦୁର୍ବଳ କରି ଦେଉଛି; କୃଷିଶ୍ରମ ସାଧାରଣତଃ ଏହି ପରିବର୍ତ୍ତନର ସୁବିଧା ନେଇଅଛି ଓ ସ୍ୱଳ୍ପକାର୍ଯ୍ୟ ସମ୍ପାଦନ କରୁଅଛି। କିନ୍ତୁ ଯେତେବେଳେ ଅନ୍ୟ କୃଷକଙ୍କଦ୍ୱାରା ସେମାନେ ମଜୁରି ଲାଗନ୍ତି, ତେବେ ସେମାନେ ବେଶି କାମ କରିଥାଆନ୍ତି। ଯେହେତୁ ସେତେବେଳେ ଉତ୍ପାଦନରେ ସେମାନଙ୍କର ସଂକଟାପନ୍ନ ଅବସ୍ଥା ଉପୁଜିଥାଏ। ଜମି ସଂସ୍କାରର ବିତର୍କମୂଳକ ବିଷୟକୁ ନଯାଇ, ବିଶେଷଜ୍ଞର ତଥ୍ୟ ଭିତ୍ତିରେ ଆମେ କହିପାରୁ ଯେ, ନିଜେ ଚାଷ କରୁଥିବା ଚାଷୀ ଅନ୍ୟଦ୍ୱାରା ମଜୁରିରେ ନିଯୁକ୍ତ ଶ୍ରମିକ ଅପେକ୍ଷା ବେଶୀ ଉତ୍ପାଦନ କରେ। ଏହି ଉଦାହରଣରେ ମୁଁ ମୋର ଅନୁଭୂତି ବର୍ଣ୍ଣନା କରିବି। ମୁଁ ଯେଉଁ କାରଖାନାର ମ୍ୟାନେଜର, ସେହି କାରଖାନାର ଶ୍ରମିକମାନେ ଆନ୍ଦୋଳନ କରନ୍ତି। ଥରକୁଥର ସେମାନେ ମଧ୍ୟ ଅନେକଗୁଡ଼ିଏ ଦାବି ଉପସ୍ଥାପିତ କରନ୍ତି। ଯାନ୍ତ୍ରିକ ଜଞ୍ଜାଳ ସେଥିରେ ଅଛି। ଏହା ଶ୍ରମିକ ସଂଘ ଗଢ଼ିବାର ଏବଂ ଦେଶରେ ପ୍ରଚଳିତ ସାମାଜିକ ମନସ୍ତାତ୍ତ୍ୱିକ ଯୋଗୁଁ ସଂଗଠିତ ହୋଇଥାଏ। କିନ୍ତୁ ଆମେ ସେତେବେଳେ ଦୃଷ୍ଟିକୋଣରୁ ଶ୍ରମ ଉତ୍ପାଦିକା ଶକ୍ତିର ବିସ୍ତାରକୁ ନେଉ, ସେତେବେଳେ ସଂପର୍କରେ ଶ୍ରମିକର କାର୍ଯ୍ୟ କ୍ଷମତା, ମନୋବୃତ୍ତିକୁ ଦୋଷ ଦେବାରେ ମୋ ତଥ୍ୟ ଅଛି। ଯଦି ତାକୁ ସଠିକ୍ ତାହାହେଲେ ସେମାନେ ବିନିଯୋଗ କରି ପାରିବେ। ଏହି ବିଷୟକୁ କରିବାକୁ ଏତିକିମାତ୍ର କୁହାଯାଇପାରେ। ତା' ଆମେ ଏହାର କାରଣକୁ ବିସ୍ତୃତକୁ ନେବା, ବିଶେଷତଃ ଆମଦେଶପାଇଁ ପ୍ରଯୁଜ୍ୟ।

ଉତ୍ପାଦିକାଶକ୍ତି ଗୋଟିଏ ବ୍ୟାପକ ଶବ୍ଦ। ସଂକ୍ଷେପରେ ବିସ୍ତାର କଲେ, ଏହା ଧନ ଉତ୍ପାଦନର ଉତ୍ପତ୍ତି, ଯାହାକି ଉତ୍ପାଦନ ପ୍ରକ୍ରିୟାରେ ଏହା ତାହାର ମଧ୍ୟରେ ଗୋଟିଏ ହାର। ଉତ୍ପାଦିକା ଶକ୍ତିକୁ ବର୍ଦ୍ଧିତ କରିବାକୁ ହେଲେ, ଅଳ୍ପ ଖର୍ଚ୍ଚରେ ବେଶି ଜିନିଷ ଉତ୍ପାଦନ କରିବାକୁ ଓ ଆମକୁ ସମସ୍ତ ପ୍ରକାର କାର୍ଯ୍ୟକ୍ଷମ ବ୍ୟବହାର କରିବାକୁ ପଡ଼ିବ। ଏହି ଉପାଦାନଗୁଡ଼ିକ ହେଲା ଶ୍ରମ, କଞ୍ଚାମାଲ, ଯନ୍ତ୍ରପାତି, ଶକ୍ତି, ଜାଳେଣି ଓ ମୂଳଧନ। ଏଠାରେ ଆମେ ଶ୍ରମ ଉତ୍ପାଦିକାଶକ୍ତି ବିଷୟରେ ସଂପୂର୍ଣ୍ଣ ଭାବରେ ଚର୍ଚ୍ଚା କରୁଅଛୁ। ବିସ୍ତୃତ ଭାବେ ଶ୍ରମ ଉତ୍ପାଦିକାଶକ୍ତିକୁ କରାଯାଏ ଏବଂ ଯଦି ଏହାକୁ ଆମେ ବର୍ଦ୍ଧିତ କରିବାକୁ ଇଚ୍ଛା କରୁ, ତେବେ ଆମକୁ କେତେଗୁଡ଼ିଏ ମତାମତ ନେଇ କାର୍ଯ୍ୟ କରିବାକୁ ପଡ଼ିବ। ଏହା ସଂଖ୍ୟାରେ ୫ ହୋଇପାରେ। ଆମର ପ୍ରଥମ ହେଲା, ପ୍ରଚଳିତ ଶିଳ୍ପ ଅବସ୍ଥାରେ କାର୍ଯ୍ୟ କଲାବେଳେ ଆମକୁ ଉଚ୍ଚ ଶ୍ରମ କୌଶଳର ହାସଲ କରିବାକୁ ପଡ଼ିବ। ଦ୍ୱିତୀୟରେ ଶ୍ରମିକମାନେ ଅନ୍ୟାନ୍ୟ ଉପାଦାନର ସୁଲଭ ବ୍ୟବହାର

ଅଧିକ ଦକ୍ଷତାର ଓ କୌଶଳତାର ସହିତ କାମ କଲେ, ଶ୍ରମ ଶକ୍ତି ଭାବରେ ମାନ୍ୟଗଣ ଚିତ୍ର ଉପକରଣଗୁଡ଼ିକ ଅଧିକ ପରିମାଣ ବଢ଼ିଯିବ । ତୃତୀୟତଃ ଶ୍ରମିକମାନେ ସମୟର ଅଧିକ ଅଂଶକୁ ନେଇ ଫଳପ୍ରଦ ଉତ୍ପାଦନରେ ସାହାଯ୍ୟ କରିବେ । ଅର୍ଥରେ ବୈଜ୍ଞାନିକ ବିନ୍ୟାସକରଣଦ୍ୱାରା, ଅଦରକାରୀ କାମଗୁଡ଼ିକ ବାଦ ଦେଇ ଓ ଉପାଦାନ ରୂପାନ୍ତରୀକରଣ କରି କାମର ପରିସ୍ଥିତିର ପରିବର୍ତ୍ତନ ଅଣାଇବ । ଫଳରେ ଅନେକ ଶ୍ରମିକ ସଂଖ୍ୟାର ମାନକୁ ବର୍ଦ୍ଧିତ କରିଦେବା । ଏହା ବର୍ତ୍ତମାନ ଦେଖାଗଲା ଯେ ଶ୍ରମ ଉତ୍ପାଦିକାଶକ୍ତି ବୃଦ୍ଧିର ଏହି ପଥ ମଧ୍ୟରୁ ଶ୍ରମିକମାନଙ୍କର ଦାନ ପ୍ରଥମ ଉଦୋଟି ବିଷୟରେ ଏବଂ ଶେଷ ଦୁଇଟି ମାଲିକମାନଙ୍କ ଉପରେ ନିର୍ଭର କରେ । ଆମେ ଅଧିକ ଉତ୍ପାଦିକାଶକ୍ତି ଅନେଷଣ କଲେ ଦେଖିବେ ଆମକୁ ମାଲିକ ଓ ଶ୍ରମିକମାନଙ୍କ ମଧ୍ୟରେ କି କି ବ୍ୟତିକ୍ରମ ଉଦ୍ଭବ ହୋଇଛି, ତାହା ବିଚାରକୁ ନେବାକୁ ପଡ଼ିବ ।

ଏହା ଉପରେ ବର୍ଣ୍ଣିତ ହୋଇଛି ଯେ, ଯଦି ଶ୍ରମ ଅନୁସନ୍ଧାନୀକାକୁ କେତେକ ଉତ୍ପାଦନର ପରିବର୍ତ୍ତନଦ୍ୱାରା କିମ୍ବା କେତେକ ବୈଜ୍ଞାନିକ ବିନ୍ୟାସକରଣଦ୍ୱାରା ହ୍ରାସ କରିଯିବ, ଏହା ମାଲିକଙ୍କଦ୍ୱାରା ହିଁ କେବଳ ହୋଇପାରିବ । ବିଶେଷତଃ ଓଡ଼ିଶାରେ ଯେଉଁଠି ଶ୍ରମିକର ଧୈର୍ଯ୍ୟଶକ୍ତି ଅତି ସ୍ୱଳ୍ପ ଓ ଶାରୀରିକ ଶକ୍ତିର ହ୍ରାସ କରିଦେବାକୁ ପଡ଼ୁଥାଏ, ସେଠାରେ ମାଲିକମାନଙ୍କୁ ନୂଆ ପଥ ଓ ଉପାୟ ଉଦ୍ଭାବନ କରିବାକୁ ପଡ଼ିବ । ଦ୍ୱିତୀୟତଃ ନିଷ୍ଫଳ କାର୍ଯ୍ୟ ତୁଳନାରେ ତଥା ଫଳପ୍ରଦ କାର୍ଯ୍ୟ ଅନୁପାତରେ ଶ୍ରମିକଙ୍କର ସଂଖ୍ୟା ଦାର କମାଇବାରେ ମାଲିକପକ୍ଷ ସମର୍ଥ ହେବେ । ସାଧାରଣ ଅର୍ଥରେ ଏହା ବୁଝାଯାଏ ଯେ, କେତେକସଂଖ୍ୟକ ଲୋକ କାର୍ଯ୍ୟାଳୟରେ ନିଯୁକ୍ତ ହୋଇଛନ୍ତି, କେତେକସଂଖ୍ୟକ ଲୋକଙ୍କ ସହରରେ ଦସ୍ତଖତ ଭଳି ବାନ୍ଧିବନ୍ଧ ନିୟମ ନିଯୁକ୍ତ ଓ କେତେକ ସଂଖ୍ୟକ ଲୋକଙ୍କ ଅନ୍ୟାନ୍ୟ ସାଧାରଣ କାର୍ଯ୍ୟରେ ନିଯୁକ୍ତ ସଂଖ୍ୟାକୁ କମ ରଖିବାକୁ ହେବ । ଆଉମଧ୍ୟ ପର୍ଯ୍ୟବେକ୍ଷକ, ଯେଉଁମାନେ ଶ୍ରମିକମାନଙ୍କ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରନ୍ତି ତାଙ୍କର ସଂଖ୍ୟା ମଧ୍ୟ ହ୍ରାସ କରିବାକୁ ପଡ଼ିବ । ଏହି ବିଷୟରେ ଶ୍ରମିକମାନଙ୍କର ବକ୍ତବ୍ୟ ଅତି ସ୍ୱଳ୍ପ । ଏହି ସଂସ୍କାରରେ ଉନ୍ନତମୂଳକ କାର୍ଯ୍ୟ କରିବା ପ୍ରଧାନତଃ ପରିଚାଳକବର୍ଗଙ୍କ ଉପରେ ନିର୍ଭର କରେ ।

ଦୁର୍ଭାଗ୍ୟବଶତଃ କାର୍ଯ୍ୟ ନିର୍ବାହୀମାନଙ୍କର ନିପୁଣତାକୁ ବଢ଼ାଇବାକୁ ଅନେ ଯଥେଷ୍ଟ ଯୋର ଦେଇନାହୁଁ । ଠିକ ଭାବରେ କି ଭୁଲଭାବରେ ହେଉ ଆମ ଦେଶରେ ଗୋଟିଏ ଶ୍ରେଣୀ ଦେଖାଯାଏ ଯେଉଁମାନେ କି ଏହି ପରିଚାଳକବର୍ଗ ଶ୍ରେଣୀର ଅନ୍ତର୍ଭୁକ୍ତ ଏବଂ ଅନ୍ୟ ଗୋଟିଏ ଶ୍ରେଣୀ ଯେଉଁମାନେ କି ଶ୍ରମିକ ଶ୍ରେଣୀର ଅନ୍ତର୍ଭୁକ୍ତ । ସ୍ଥୂଳତଃ ଏହି ଦୁଇଶ୍ରେଣୀ ଗୋଟିଏ ସିଧା ଧାଡ଼ିରେ ଅଲଗା ଅଲଗା ହୋଇଥାଆନ୍ତି । ଯେଉଁ ଶ୍ରେଣୀ ସିଧା ଧାଡ଼ିର ତଳେରେ ଅଛନ୍ତି, ସେମାନେ ଧର୍ମଘଟ କରିବାରୁ କ୍ଷାନ୍ତ ଓ ସେମାନେ କୌଣସି ଶ୍ରମିକ ଆଇନକାନୁନ ଦ୍ୱାରା ସଂରକ୍ଷିତ ନୁହନ୍ତି । ଏହି ଶ୍ରେଣୀ ଅନ୍ତର୍ଭୁକ୍ତ ବ୍ୟକ୍ତିମାନେ ହେଉଛନ୍ତି, ପରିଚାଳକ, ସହକାରୀ ପରିଚାଳକ ବା ନିର୍ଦ୍ଦେଶକ । ଯନ୍ତ୍ରୀମାନେ; ଯେଉଁମାନେ କି ଶ୍ରମିକମାନଙ୍କର କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରନ୍ତି, ସେମାନେ ମଧ୍ୟ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ବୈଜ୍ଞାନିକ ପରିଚାଳନାର ଗୁଣମାନ ଏହି ସମସ୍ତ ଶ୍ରେଣୀରେ ସ୍ଥାପନ କରିବାକୁ ପଡ଼ିବ । ଓଡ଼ିଶାରେ ପରିଚାଳକ ଶ୍ରେଣୀ ଅତି ଦରିଦ୍ର । ଆମର ବାଣିଜ୍ୟ, ଶିଳ୍ପ ଓ ଅନ୍ୟାନ୍ୟ ବ୍ୟବସାୟର କିଛି ପରମ୍ପରା ନାହିଁ । ଗୋଟିଏ ନୂଆ ବଂଶ ପରମ୍ପରା ଜନ୍ମ ନେଉଛି, ଯେଉଁଥିର କି ଆମ ଲୋକମାନେ ବାଣିଜ୍ୟ ଓ ଶିଳ୍ପ କାର୍ଯ୍ୟରେ ବିଶେଷ ଆଗ୍ରହୀ ହେବେ । ଗୋଟିଏ ସାଧାରଣ ଯନ୍ତ୍ରୀ, ଯାହାର କି ଯାନ୍ତ୍ରିକ ଜ୍ଞାନରେ ପାରଦର୍ଶିତା ରହିଛି ଯେ ଯେ ପରିଚାଳନାରେ ଗୋଟିଏ ସଫଳକାମୀ ପୁରୁଷ

ହେବ ତା'ର କଥା ମାନେ ନାହିଁ । ଶାସକ ଓ ସାଧାରଣ ସଂଗଠନଙ୍କ ଭିତରେ ଏ ପ୍ରକାର ଧାରଣା ମଧ୍ୟ ସତ୍ୟ । ଉଦ୍ୟୋଗପତିଙ୍କର ଗୁଣକୁ ତାଲିମ ଦ୍ୱାରା ଉନ୍ନତ କରିବାକୁ ହେବ । ପୁଣି ଆମକୁ ଆମର ସାମନ୍ତବାଦ ମନୋଭାବ ଦୂର କରିବାକୁ ପଡ଼ିବ ଏବଂ ଗୋଟିଏ ପ୍ରଗତିଶୀଳ ପରିଚାଳକବର୍ଗ ବାଛିନେବାକୁ ପଡ଼ିବ । ଶ୍ରମିକମାନଙ୍କ ଯୋଗାଯୋଗ, ଯାହାକି ଶିଳ୍ପ ସଂପର୍କ ଦୃଷ୍ଟି କୋଣରୁ ଅତ୍ୟନ୍ତ ଦରକାରୀ ତାକୁ ସଫଳଭାବେ ସ୍ଥାପନ କରିବାକୁ ହେଲେ, ଆମେ ଆମର ସାମନ୍ତବାଦ ଧାରଣାକୁ ଛିନ୍ନ କରିବା ସଙ୍ଗେ ସଙ୍ଗେ, ଶ୍ରମିକମାନଙ୍କୁ କେନ୍ଦ୍ର ବିନ୍ଦୁ ବୋଲି ଗ୍ରହଣ କରି ନେଇ ପାରିଲେ ଆମେ ଉତ୍ପାଦନର ବହୁଳ ଉନ୍ନତି କରିପାରିବା ।

ଏହି ପରିଚାଳକ ଶ୍ରେଣୀକୁ ଛାଡ଼ି, ଯେଉଁମାନେ କାରଖାନା ଓ ଅନ୍ୟାନ୍ୟ ସଂସ୍ଥାରେ କାର୍ଯ୍ୟ କରନ୍ତି ସେଠାରେ ଉଚ୍ଚସ୍ତରର ପରିଚାଳକଙ୍କର ଗୁଣକୁ ଆମକୁ ଉନ୍ନତ କରିବାକୁ ପଡ଼ିବ । ଏହି ଉଚ୍ଚ ସ୍ତରର ଅର୍ଥ ହେଲା—ନିର୍ଦ୍ଦେଶକ ମଣ୍ଡଳୀ, ମୁଖ୍ୟନିର୍ବାହୀ ପ୍ରାଧିକାରୀ ଯାହାକି ସଭାସଦସ୍ୟ, ଶିଳ୍ପ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ର ସରକାରକୁ ଅନ୍ତର୍ଭୁକ୍ତ କରେ । ଏହା ଜଣେ ପ୍ରାଧିକାରୀଙ୍କ ଦ୍ୱାରା କୁହାଯାଇଅଛି ଯେ, ଭାରତୀୟ କେନ୍ଦ୍ର ସ୍ତରରେ ବୃଦ୍ଧି ଅତ୍ୟନ୍ତ ନିମ୍ନ । ଉଚ୍ଚସ୍ତର ପରିଚାଳକବର୍ଗଙ୍କର ଦାୟିତ୍ୱ ହେଉଛି, ଉତ୍ପାଦନର ପରିସଂଖ୍ୟାନ ନିର୍ଣ୍ଣୟ କରିବା ଓ କାରଖାନା ତଥା ସଂସ୍ଥା ଦ୍ୱାରା ଉତ୍ପନ୍ନ ହୋଇଥିବା ବଜାରର ମୂଲ୍ୟ ମଧ୍ୟ ନିର୍ଣ୍ଣୟ କରି ତାର ସଠିକ ପ୍ରମାଣ ନିରୂପଣ କରିବା । ଏହି ମୂଲ୍ୟ ନିର୍ଣ୍ଣୟ ଓ ନିର୍ଦ୍ଦେଶଗୁଡ଼ିକ ଉନ୍ନତ ନ ହେଲେ ନିମ୍ନସ୍ତର ପରିଚାଳନାର ନୈତିକ ବଳ ସଦାସର୍ବଦା ନୀଚ ସ୍ତରରେ ରହିବ । ଫଳରେ ଏହା ଶ୍ରମ ସମ୍ପର୍କୀୟ ହୋଇ ତା ସାଧାରଣରେ ହେଉ ଉତ୍ପାଦନଶକ୍ତିକୁ କ୍ଷତିଗ୍ରସ୍ତ କରାଇବ ।

ଉଚ୍ଚସ୍ତରର ଶ୍ରମ ସମ୍ଭାବନା ସହିତ ଶ୍ରମିକ ଅତ୍ୟନ୍ତ କୌଶଳତାର ସହିତ କାର୍ଯ୍ୟ କାର୍ଯ୍ୟକ୍ଷମତା ଓ ତା ସଙ୍ଗେ ସଙ୍ଗେ ଉପାଦାନଗୁଡ଼ିକ ଅତ୍ୟନ୍ତ ଦକ୍ଷତାର ସହିତ ବ୍ୟବହୃ ହୋଇ ପାରିବ, ସେ ବିଷୟରେ ମୁଁ ପରେ ଆଲୋଚନା କରିବି । ଏହି ଉଚ୍ଚ ଶ୍ରମ ସମ୍ପାଦନା, ଆମ ପରମ୍ପରା ସହିତ ଗଢ଼ କରିଥାଏ । ପାରମ୍ପ ଭାରତରେ ଆମର ଶ୍ରମିକ ଶ୍ରେଣୀ ଶିଳ୍ପ ସଂସ୍ଥାରେ ଯେଉଁ କି ପ୍ରଚୁର ପରିମାଣରେ ମେସିନ୍ ବ୍ୟବହାର କରାଯାଉଛି ସେଠାରେ କାର୍ଯ୍ୟ କରିବାରେ ଅଭ୍ୟ ନୁହନ୍ତି । ଆମ ଦେଶ ଗ୍ରାମ୍ୟପ୍ରଧାନ ଓ କୃଷି ହେଉଛି ଆମର ପ୍ରଧାନ ଜୀବିକା । ଆମର କୃଷି ଅନୁନ୍ନତ, ସୁତରାଂ ଆମର ଜୀବନ ଧାରଣର ମାନ ମ ଅନୁନ୍ନତ । ଆମର କ୍ୱଚିତ୍ ଯାନ୍ତ୍ରିକ ଧାରଣା ହେତୁ ଆମର କୃଷି ଆଜି ସୁଦ୍ଧା ପୁରାତନ ଭାବରେ ଚା ଆସିଛି । ଏପରିକି ମୋପରି ଜଣେ ଉଚ୍ଚ ଶିକ୍ଷି ଲୋକ ଆମର ପୂର୍ବ ପ୍ରଚଳିତ କୃଷିର ପ୍ରଣାଳୀ ପରିବର୍ତ୍ତନ କରିପାରୁ ନାହିଁ । ସମାଜର ମଧ୍ୟବିତ୍ତ ଶ୍ରେଣୀ ଓ ଉଚ୍ଚ ଶ୍ରେଣୀ କୌଣସି ଶାରୀରିକ ପରିଶ୍ରମ କରିବାକୁ ଚାହାନ୍ତି ନାହିଁ । ଏହା ଗୋଟିଏ ଦୁର୍ଭାଗ୍ୟ ଯେତିକି ସତ୍ୟ, ଶ୍ରମିକ ସହିତ ଯନ୍ତ୍ରାତ୍ମକ ଭାବରେ ସମ୍ପୃକ୍ତ ଥିବା ତତ୍ତ୍ୱାବଧାରକ ପକ୍ଷରେ ମଧ୍ୟ ସେତିକି ସତ୍ୟ । ଆମର ଉତ୍ପାଦନଶକ୍ତି ନିମ୍ନ ହେବା ପାଇଁ ବାଧ୍ୟ, ଯେ ପର୍ଯ୍ୟନ୍ତ ଆମେ ବିଶେଷତଃ ଏ ମନୋବୃତ୍ତି କବଳରୁ ମୁକ୍ତ ହୋଇ ନାହୁଁ ଓ ଯେ ଯେତେଦିନ ଯାଏ ଶିଳ୍ପ ଜୀବନରେ ଆମର ଭୂମି ଗ୍ରହଣ କରି ନାହୁଁ । ଆମ ମଧ୍ୟରୁ ଅଧିକାଂଶ ଗୋଟିଏ ଗୋଷ୍ଠୀ ଗ୍ରାମ୍ୟ କୃଷିରେ ନିବଦ୍ଧ ଏବଂ ଅ ହେଉଛି ଆମେ ଯେଉଁଠାରେ କାର୍ଯ୍ୟ କରୁ ସେଠାରେ ନିବଦ୍ଧ । ଫଳରେ ଆମେ ନୂ ପରିବେଶର ସମ୍ପୂର୍ଣ୍ଣଭାବରେ ଉପଯୋଗୀ ହୋ ପାରୁନାହୁଁ ; ଯାହାକି ଶେଷରେ ଉତ୍ପାଦକତା

ଶ୍ରେଣୀରେ କରୁଛନ୍ତି । ଯାହାହେଉ, ଏହା ଗୋଟିଏ ସାମାଜିକ ସମସ୍ୟା ଓ ଉଚ୍ଚସ୍ତରରେ ଏହାର ବିସ୍ତୃତ ଆଲୋଚନା ହେବା ଉଚିତ । ରାଜ୍ୟ ସରକାରଙ୍କୁ ଓ କେନ୍ଦ୍ର ସରକାରଙ୍କୁ କେତେଗୁଡ଼ିଏ ନୀତି ସ୍ଥିର କରିବାକୁ ପଡ଼ିବ, ଯାହାଦ୍ୱାରା ଏହି ବ୍ୟାପାର ସମ୍ପୂର୍ଣ୍ଣ ସଂଶୋଧିତ ହୋଇପାରିବ ଏବଂ କେତୋଟି ବର୍ଷ ପରେ ଏହି ନୀତିକୁ ସୁସଙ୍ଗଠିତ ଭାବରେ ପ୍ରଚଳନ କରିବାକୁ ହେବ ।

ଉଚ୍ଚ ଶ୍ରମ ସମ୍ପାଦନା ଏବଂ ଅଧିକ କାର୍ଯ୍ୟକ୍ଷମ କାର୍ଯ୍ୟ କପରି ଭାବରେ ଶ୍ରମିକମାନଙ୍କଠାରୁ ଆଦାୟ କରାଯିବ, ଏହି ବିଷୟ ଆଲୋଚନା କଲାବେଳେ ମୁଁ ସାମାଜିକ ବିଷୟର ଉଲ୍ଲେଖ କରିଥିଲି । ଏହା ଗୋଟିଏ ଦୀର୍ଘ-ମିଆଦୀ ଯୋଜନା ତାଲିମ ଓ ଶିକ୍ଷା ଏବଂ ଶିଳ୍ପ ଅନ୍ତର୍ଦ୍ଦେଶୀୟ ସମ୍ପର୍କକୁ ଉନ୍ନତ କରି ସ୍ୱଳ୍ପ-ମିଆଦୀର ଉନ୍ନତି କରାଯାଇ ପାରିବ । ଆଧୁନିକ ପରିକଳ୍ପନା ପ୍ରଣାଳୀରେ କେତେଗୁଡ଼ିଏ ଉଦ୍ଦେଶ୍ୟ ରହିଛି, ଯଦ୍ୱାରା ଶ୍ରମ ସମ୍ପାଦନାର ଉନ୍ନତି ହୋଇ ପାରିବ । ଗୋଟିଏ ସାଧାରଣ ଉପାୟ ହେଉଛି, ଦୋଷଗୁଣର ଦ୍ୱାରା ନିର୍ଦ୍ଧାରଣ ଏବଂ ଅନ୍ୟ ଗୋଟିଏ ଉପାୟ ହେଉଛି ପ୍ରସ୍ତାବ ଯୋଜନା । ଯାହା ଜରିଆରେ କି, ଶ୍ରମିକମାନଙ୍କୁ ଭଲ କାମ ପାଇଁ ପ୍ରବର୍ତ୍ତାଯାଇ ପାରିବ । ଆମ ଦେଶରେ ଓ ଅନ୍ୟାନ୍ୟ ଦେଶରେ ମଧ୍ୟ ଗୋଟିଏ ଆଶଙ୍କା ସୃଷ୍ଟି ହୋଇଛି ଯେ ପଦୋନ୍ନତି ବହୁ ଅନ୍ୟାୟ ଭାବରେ ଦିଆଯାଉଛି ଏବଂ ଯାହାର ଗୁଣ ଅଛି ସେ ପ୍ରକୃତରେ ପୁରସ୍କୃତ ହେଉନାହିଁ । ଅନ୍ୟ ଭାଷାରେ କୁହାଯାଇ ପାରେ ଯେ, ପଦୋନ୍ନତି ଅଧିକ ଉତ୍ପାଦିତ ସାମଗ୍ରୀ ଅପେକ୍ଷା ଭଲ ପାଇବା ଓ ଭଲ ନପାଇବା ଉପରେ ନିର୍ଭର କରୁଛି । ସରକାରୀ ସ୍ତରରେ ଗୁଣ ନିର୍ଣ୍ଣୟ କଷ୍ଟକର, ସେହିଠାରେ କାମର ଫଳାଫଳ ଉପଯୁକ୍ତଭାବେ ମପାଯାଇ ପାରିବ ନାହିଁ; କିନ୍ତୁ ଗୋଟିଏ ଶିଳ୍ପ କ୍ଷେତ୍ରରେ ବା ଖଣି ସଂସ୍ଥାରେ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରମିକର ବା ଗୋଟିଏ ଶ୍ରେଣୀ ଶ୍ରମିକମାନଙ୍କର କାର୍ଯ୍ୟ ଫଳାଫଳ ଅତ୍ୟନ୍ତ ଶୃଙ୍ଖଳାର ସହିତ ନିର୍ଣ୍ଣୟ କରାଯାଇ ପାରିବ । ଗୋଟିଏ ଉପଯୁକ୍ତ ନୀତି ଉପସ୍ଥାପନ କରି ନ ପାରିବାର କୌଣସି କାରଣ ନାହିଁ, ଯାହାଦ୍ୱାରା କି ଗୁଣ ନିର୍ଣ୍ଣୟ ଉପଯୁକ୍ତ ଢଙ୍ଗରେ ସମ୍ପାଦନ କରାଯିବ । ଫଳରେ ପଦୋନ୍ନତି ଯେଉଁ ସ୍ୱତନ୍ତ୍ର ବିଷୟର ଧାରା ଉପରେ ନିର୍ଭର କରୁଛି ତାହା ପରିଷ୍କାର ହେବ ଏବଂ ଏ ସମ୍ବନ୍ଧରେ ପୂର୍ବର ମନୋଭାବକୁ ଦୂର କରାଯାଇ ପାରିବ । ଯେଉଁପରି ଯଦି ପରିଚାଳକ ବର୍ଗ ଶ୍ରମିକର ପ୍ରସ୍ତାବ ଯୋଜନାକୁ ନିରପେକ୍ଷ ତଥା ଚରମ ଲକ୍ଷ ସ୍ୱରୂପରେ ବିସ୍ତୃତ କରିବାକୁ ପ୍ରସ୍ତୁତ ହେବେ, ତା'ହେଲେ ଗୋଟିଏ ସାଧାରଣ ପ୍ରସ୍ତାବ ଯୋଜନା ଅତି ସହଜରେ ଶିଳ୍ପରେ ପ୍ରଚଳନ କରାଯାଇ ପାରିବ । ମୋର ଅନୁଭୂତିରୁ କହୁଛି ଯେ, କେତେକ ସମୟରେ ଗୋଟିଏ ଶ୍ରମିକ ସାରଗର୍ଭକ ପ୍ରସ୍ତାବ ଦେଇପାରେ, ଯାହାକି, ପ୍ରଥମରେ ପଥଭ୍ରଷ୍ଟ ପରି ମନେ ହୋଇଥାଏ । ଯଦି ପରିଚାଳକ ଶ୍ରେଣୀ ଏହି ପ୍ରସ୍ତାବକୁ ଅଧ୍ୟୟନ କରିବାକୁ ତଥା ଶ୍ରମିକମାନଙ୍କ ସହିତ ସେମାନଙ୍କ ଧାରଣ ସମ୍ବନ୍ଧରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବେ, ତାହାହେଲେ ଏହି ବିଷୟର ନିଶ୍ଚୟ ଉନ୍ନତି ସାଧିତ ହେବ । ସମ୍ଭବତଃ ପ୍ରତି ବର୍ଷରେ ପ୍ରାୟ ଏକ ହଜାର ଟଙ୍କାର ଅଳ୍ପ ପୁରସ୍କାର ପ୍ରଦାନ, ଚମତ୍କାର ଭାବେ ଶିଳ୍ପ ଉତ୍ପାଦନର ଉନ୍ନତି ଆଣିବା ସଙ୍ଗେ ସଙ୍ଗେ ଏହା ମଧ୍ୟ ପରିଚାଳକବର୍ଗଙ୍କ କାର୍ଯ୍ୟରେ ଅଂଶ ଗ୍ରହଣ କରିବାର ଭାବ ଶ୍ରମିକଙ୍କ ମନରେ, ଯାହାକୁ ସେମାନେ ଭୁଲବଶତଃ ହେଉ ବା ଠିକ୍‌ବଶତଃ ହେଉ, ଅନୁଭବ କରିଥାଆନ୍ତି, ତାହାକୁ ଜାଗରିତ କରାଇବ ।

ପରବର୍ତ୍ତୀ ପ୍ରଶ୍ନ ହେଉଛି ଶ୍ରମିକମାନେ ତାଙ୍କର ଉତ୍ପାଦନ କାର୍ଯ୍ୟରେ ଅଧିକ ସମୟ ଉପଯୋଗ କରିବେ । ଏହା ଆମକୁ ଶିଳ୍ପମନ୍ତ୍ରୀ ଓ ବିଶେଷତଃ

କାର୍ଯ୍ୟ ଅଧ୍ୟୟନ ସ୍ତରଂକୁ ହାଣି ନେଇଥାଏ । ଭାରତରେ ଶିଳ୍ପ ଉପଦେଷ୍ଟା ଅତି ନିମ୍ନ ସ୍ତରରେ ଏବଂ ଆମ ପ୍ରଦେଶରେ ସମ୍ଭବତଃ ଏହା ନିମ୍ନତମ ସ୍ତରରେ । ପରିଚାଳନାର ସ୍କୁଲ ଏବଂ ପ୍ରସ୍ତୁତ ପ୍ରଣାଳୀ ଦ୍ୱାରା ପଦ୍ଧତିମୂଳକ କପରି ଭାବରେ ବାସ୍ତବରେ କେତେ ଶ୍ରମିକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିଯୁକ୍ତ ହେବେ ତାହା ସ୍ଥିର କରିଥାଏ । ଶ୍ରମ ଉପଯୋଗ ଧାରଣା ଅତି ଶୀଘ୍ର ପରିବର୍ତ୍ତନ ହେଉଛି । ଉପଯୁକ୍ତ ଅଧ୍ୟୟନ କରିବା ନାଟକରେ ଉପଦେଷ୍ଟାଙ୍କର ଅତି ଦରକାରୀ ଅଂଶ ଅଭିନୟ କରିବାକୁ ଅଛି । ସାଧାରଣତଃ ଏହା ଉପଦେଷ୍ଟାମାନଙ୍କର ମତାମତ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରିବା ସଙ୍ଗେ ସଙ୍ଗେ ଆମର ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରିଥାଏ । ଆଉ ଗୋଟିଏ ଦିଗ ଅଛି, ଯାହାକି ବର୍ତ୍ତମାନ ସଂସ୍ଥା ବିଷୟରେ ଆଲୋଚନା କରିଥାଏ । ଧର ଗୋଟିଏ କାରଖାନାରେ ଯେତିକି ଶ୍ରମିକ ଦରକାର କଥା, ତା'ଠାରୁ ଅଧିକ ଶ୍ରମିକ ଅଛନ୍ତି । ଜଣେ ଉପଦେଷ୍ଟା ଆସନ୍ତି, କେତେକ ଅଧ୍ୟୟନ କରନ୍ତି, କାର୍ଯ୍ୟ ସମ୍ବନ୍ଧରେ ଉପଦେଶ ଦିଅନ୍ତି ଓ କେତୋଟି ଶ୍ରମିକ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିଯୁକ୍ତ ହେବେ, ତାହାର ମତାମତ ଦିଅନ୍ତି । ଏହି ପ୍ରସ୍ତାବିତ ପରିବର୍ତ୍ତନରେ ଶ୍ରମିକ ସଙ୍ଗଠନ ବାଧା ଦେଇ ପାରନ୍ତି । ଫଳରେ ପରିଚାଳକଙ୍କୁ ଏହି ଉପଦେଷ୍ଟାଙ୍କର ଉପଦେଶକୁ କାର୍ଯ୍ୟକାରୀ କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ । ଏଥିରୁ ବୁଝିବା ଉଚିତ୍ ନୁହେଁ ଯେ, ଉପଦେଷ୍ଟାଙ୍କର ଉପଦେଶ ମୂଲ୍ୟହୀନ । ଶ୍ରମିକମାନଙ୍କୁ ଶିକ୍ଷା ଦେବା ଦରକାର, ଏହା ହୋଇ ପାରିଲେ କାର୍ଯ୍ୟଶିକ୍ଷା କଣ ? ଏହା କିପରି ଭାବରେ କାର୍ଯ୍ୟକୁ ଉନ୍ନତ କରେ, ସେମାନେ ବୁଝିବାକୁ ସକ୍ଷମ ହେବେ । ସମ୍ଭବତଃ ଏହି ସ୍ତରରେ ଶ୍ରମ ସଙ୍ଗଠନର ଉତ୍ସାହ ଯୋଜନାକୁ ମିଶାଇ ଦିଆଯାଇପାରେ । ଯେଉଁ ଶ୍ରମିକ ଦିନରେ ଛଅ ଘଣ୍ଟା କାମ କରି ପାଞ୍ଚ ଟଙ୍କା ମଜୁରି ପାଏ, ଯଦି ପାଞ୍ଚ ମଜୁରିରେ ପାଞ୍ଚ ଘଣ୍ଟା କାର୍ଯ୍ୟ କରିବାକୁ ତା'ହେଲେ ଆପତ୍ତି ହେବନାହିଁ ହେବ । ସ୍ତର ସହିତ ସମ୍ପୃକ୍ତ ଥାଇ ଯଦି ବୁଝାଯିବ ଯେ ପାଞ୍ଚ ଘଣ୍ଟା କାମ କଲେ, ଅଧିକା ମଜୁରି ମିଳିବ, ତା'ହେଲେ ହ୍ରାସ ହେବ । ଆହୁରି ମଧ୍ୟ କାର୍ଯ୍ୟସ୍ତରର ବର୍ତ୍ତନରେ ଶ୍ରମିକଙ୍କୁ ଛଟେଇ କରିବା ଉଚିତ୍ ନାହିଁ । ଏହା ହେଲେ ହଠାତ୍ ଶ୍ରମିକଙ୍କଠାରୁ ଉଠିବ । କୌଣସି ବୈଜ୍ଞାନିକ ବିନ୍ୟାସକାରଣ ଯଦି ଶ୍ରମିକ ଦରକା ବୋଲି ବିବେଚିତ ତା'ହେଲେ ସେମାନଙ୍କୁ ଅନ୍ୟତ୍ର ନିଯୁକ୍ତି ସଙ୍ଗେ ସଙ୍ଗେ ତାଙ୍କ ମଜୁରୀସ୍ତରର ସଂରକ୍ଷଣ ଉଚିତ ।

ଉପସଂହାରରେ କୁହାଯାଇପାରେ ଯେ, ଆମର ଶ୍ରମିକମାନଙ୍କ ଉପରେ ବିଶ୍ୱାସ କରିବା ଓ ସେମାନଙ୍କର ଦକ୍ଷତାର ଦ୍ରୁତ ସମ୍ପାଦନ କରିବା । ଦ୍ରୁତ ଉତ୍ପାଦନରେ ସେମାନଙ୍କ ସହକର୍ମୀ ବୋଲି ଗ୍ରହଣ କରିବା ତା'ହେଲେ ଏ ଚିନ୍ତା ସଫଳକାମ ହୋଇ ପାରିବ । ଏହାଛଡ଼ା ଅନ୍ୟ କୌଣସି ଭାବ ମନରେ ଶତ୍ରୁତା ଏବଂ ଉଦାସୀନଭାବ ସୃଷ୍ଟି କରିବ । କହିଲାବେଳେ ମୁଁ କୌଣସି ବାଦ ସମ୍ପର୍କରେ କରୁନାହିଁ । ଆଧୁନିକ ପ୍ରଣାଳୀର ଦ୍ରୁତ ଉତ୍ପାଦନ ଶକ୍ତିର ସଫଳତା କାମନା କରୁଥିବା କେହି ବ୍ୟକ୍ତି ସମାଜବାଦ ଉପରେ ବିଶ୍ୱାସ ବୋଧହୁଏ ଉଚିତ ହେବ ନାହିଁ । ମୁଁ କରେ, ଯଦି କେତେକ ସମସ୍ତ ଆଗ୍ରହାନ୍ୱିତ ବଳିଷ୍ଠ ଚେଷ୍ଟାକରୁ, ଆମର ଉତ୍ପାଦନ ପ୍ରଚୁର ପରିମାଣରେ ହୋଇପାରିବ ।

# ଶ୍ରମ ଏବଂ ଉତ୍ପାଦିକାଶକ୍ତି

**ଅମ୍ବରୀଶ ପ୍ରସାଦ ଦାଶ**
ସାଧାରଣ ସମ୍ପାଦକ, ଉତ୍ତର ଓଡ଼ିଶା ଶ୍ରମିକ ସଂଘ
ଓ ରାଜ୍ୟ ଶ୍ରମ ପରାମର୍ଶଦାତା ବୋର୍ଡର ସଭ୍ୟ

ଶ୍ରମ କିମ୍ବା ଉତ୍ପାଦିକାଶକ୍ତିର କିଛି ନିର୍ଦ୍ଦିଷ୍ଟ ସଂଜ୍ଞା ନାହିଁ ଏବଂ ଏହାର ସୀମା ମଧ୍ୟ ଖୁବ୍ ପ୍ରଶସ୍ତ । ...ମାନ ପରିପ୍ରେକ୍ଷୀରେ ଉତ୍ପାଦିକାଶକ୍ତି ଏବଂ ଶ୍ରମ ...ଭିତ୍ତିରେ ଚିନ୍ତା କରିବାକୁ ହେଲେ ବିଭିନ୍ନ ...ସ୍ତରେ ଗତି କରୁଥିବା ଶିଳ୍ପସମାଜକୁ ମନ ...ରେ ରଖିବାକୁ ପଡ଼ିବ । କାରଖାନାର ପାରମ୍ପରିକ ବ୍ୟବସାୟ ଏବଂ ମୂଲ୍ୟ ବଦଳ ପ୍ରଥା ବହୁ ଦିନରୁ ଦୂର ହୋଇଛି । ଗୋଟିଏ ସାମାଜିକ ଏବଂ ଅର୍ଥନୈତିକ ପର୍ଯ୍ୟାୟ ଭିତରେ ଆଜିକାଲି ପାରମ୍ପରିକ ପ୍ରଥାଠାରୁ ବ୍ୟବସାୟ ଅନୁଷ୍ଠାନରେ ଅଧିକ ଗୁରୁତା ପଡୁଛି । ...ମାନଙ୍କ ତାଗିଦରେ ଉତ୍ପାଦନର ପରିବର୍ତ୍ତନ ସହିତ ...ନ ଦେବାର ଆବଶ୍ୟକତା ହିଁ ବର୍ତ୍ତମାନର ଆହ୍ୱାନ । ଏହା ପ୍ରକାଶ କରିବା ଆବଶ୍ୟକ ଯେ ଅନେକ ପରିବର୍ତ୍ତନ ବିଭିନ୍ନ ଦିଗରୁ ଆସୁଛି । ଯଥା, ଲୋକସଂଖ୍ୟାର ପ୍ରସାର କିମ୍ବା ବୈଜ୍ଞାନିକ ଆବିଷ୍କାର । ସେହିପରି ଲୋକମାନଙ୍କ ଦ୍ୱାରା ମଧ୍ୟ ପରିବର୍ତ୍ତନର ସୂଚନା ମିଳୁଛି । ସେହିମାନଙ୍କର ଭବିଷ୍ୟତ ଦୃଷ୍ଟି ଭିନ୍ନ ଏବଂ ସେହିମାନେ ମଧ୍ୟ ଘରୋଇ ତଥା ସରକାରୀ କାର୍ଯ୍ୟମାନଙ୍କରେ ଯାନ୍ତ୍ରିକ ପ୍ରଣାଳୀ ଓ ପ୍ରଚଳନ ଚଳାଇ ଅନୁଷ୍ଠାନମାନଙ୍କରେ ପରିବର୍ତ୍ତନ ଆଶା କରୁଛନ୍ତି । ...ବ୍ୟବସାୟ କିମ୍ବା ଶ୍ରମିକ ସଂସ୍ଥା କିମ୍ବା କୌଣସି ପରୀକ୍ଷାଗାରର କିମ୍ବା ବିଶ୍ୱବିଦ୍ୟାଳୟର କଥା କହୁନାହିଁ । ସେଇଁଠାରେ କି ଲୋକମାନେ ସମାଜର ଅନେକ ଦିଗରେ ପରିବର୍ତ୍ତନ ଆବଶ୍ୟକ ଉପଲବ୍ଧି କରନ୍ତି ଏବଂ ଏଠିକାର ବାସ୍ତବତା ଆନୟନ କରିବାକୁ ସେମାନଙ୍କର ବିଶ୍ୱାସ ଓ ଆଗ୍ରହ ରହିଛି ଏବଂ ଏହାଛଡ଼ା ସେମାନଙ୍କ ମଧ୍ୟରୁ କେତେକ ...ମେୟ ସମସ୍ୟାର ବିଭିନ୍ନ ଗତିବିଧିକୁ ଖାପଖୁଆଇ ...ଲିବାରେ ପାରଦର୍ଶିତା ଦେଖାଇ ପାରୁଛନ୍ତି । ପୁଣି

ଏହା ଆଂଶିକ ସତ୍ୟ ଯେ, ସମୁଚିତଜ୍ଞା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣେ । ଧରାଯାଉ ଯେ ସମସ୍ତ ସମ୍ବଳ ବିନିଯୋଗରେ ସମ୍ପୃକ୍ତ ସମାଜ ସମସ୍ତ ଜଟିଳ ସମସ୍ୟାର ସମାଧାନ କରିଥାଏ । ଗତ ଗୋଟିଏ କିମ୍ବା ଦୁଇଟି ଯୁଗକୁ ଲକ୍ଷ୍ୟ କଲେ ଦେଖାଯିବ ଯେ, ସନ୍ତ୍ରାସ ସଭ୍ୟତା, କୃଷିକାର୍ଯ୍ୟ, ଅପରିଷ୍କାର ଗୃହ, କଦର୍ଯ୍ୟ ସ୍ୱାସ୍ଥ୍ୟ, ବେକାରୀ, ବୃଦ୍ଧାବସ୍ଥାଜନିତ ହତୋତ୍ସାହ ଏସବୁ କେବଳ ହିଁ ସେମାନଙ୍କର ଦୁରବସ୍ଥା ପାଇଁ ଦାୟୀ ଏବଂ ଏହାଙ୍କ ସାମାଜିକ ଜୀବନରେ ବିଭିନ୍ନ ସମସ୍ୟାର ବାଟ ଖୋଲିଦେଇଛି ।

ସମାଜର ପ୍ରକୃତି ବସ୍ତୁର ଯେ, କେବଳ ବୈଜ୍ଞାନିକ ଶ୍ରମିକନେତା ଓ ଶିକ୍ଷାବିତ୍‌ମାନଙ୍କୁ ଚିନ୍ତିତ କରୁଥିଲା ତାହା ନୁହେଁ, ବରଂ ସମାଜ ସଂସ୍କାର ଆଣିବାପାଇଁ ବ୍ୟବସାୟ କ୍ଷେତ୍ରଗୁଡ଼ିକ ମଧ୍ୟ ପ୍ରବଳଭାବରେ ଅନୁଭୂତ ହେଲା ।

ସ୍ୱରାଜ୍ୟ ପରବର୍ତ୍ତୀରେ ରାଜ୍ୟ ଖୁବ୍ ଶୀଘ୍ର ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ଆଗେଇଲା ଏବଂ ଏଥି ସଙ୍ଗେ ସଙ୍ଗେ ମାନବ-ସମାଜକୁ ତା'ର ସମସ୍ତ ସମ୍ବଳ ବିନିଯୋଗ କରି ନିଯୁକ୍ତି ଓ ଉତ୍ପାଦିକାଶକ୍ତି ବୃଦ୍ଧି କରିବାରେ ଉଦ୍ୟମ କରାଇଲା । ସମ୍ଭବତଃ କେବଳ ବ୍ୟବସାୟୀ ଗୋଷ୍ଠୀ ଶ୍ରମ ଓ ଉତ୍ପାଦିକାଶକ୍ତିର ବୃଦ୍ଧି ନିମନ୍ତେ ଉପଯୁକ୍ତ ଓ ଦକ୍ଷତାର ସହିତ ସହଯୋଗ ଓ ସ୍ୱଚ୍ଛତାର ଉଦ୍ୟମରେ, ନୂତନ ସାମାଜିକ ପଦକ୍ଷେପରେ ପଦାର୍ପଣ କରିବା ବାଞ୍ଛନୀୟ । ଫଳରେ ଏହା ରାଜ୍ୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକୁ

ଉଲ୍ଲେଖଯୋଗ୍ୟ ସ୍ତରରେ ଭାଗ ଭାଗ କରୁଛନ୍ତି ଏବଂ ଅପର ପକ୍ଷରେ ବେସରକାରୀ ସଂସ୍ଥାଗୁଡ଼ିକୁ କବଳରେ ରଖି ସରକାରଙ୍କ ସହିତ ଚୁକ୍ତିବଦ୍ଧ ତଥା ବାଧ୍ୟତାର ସମୀକ୍ଷା କରାଯାଉଛି ।

ନାନା ଏବେ ଦୂର ପଛରେ ପଡ଼ିଛନ୍ତି ଯେ, ଶ୍ରମ ଓ ଶିଳ୍ପରେ ଶାନ୍ତି ଆଣିବା ନିମନ୍ତେ ବାଧ୍ୟ ହୋଇ ଏହା ଏକ ବିଧିବଦ୍ଧ ମନୋବୃତ୍ତି ଜରିଆରେ ମାନବୋଚିତ ବିକାଶର ଉପାୟ ଖୋଜନ୍ତି ।

## ଯୋଜନା ଓ ତାର ଲକ୍ଷ୍ୟରେ ମାନବଶକ୍ତିର ଆବଶ୍ୟକ—

ଉଲ୍ଲେଖଯୋଗ୍ୟ ଲକ୍ଷ୍ୟ ହେଉଛି ଯେ, ଯୋଜନାରେ ମାନବଶକ୍ତିର ଅତ୍ୟଧିକ ଅସୁବିଧା, ଯାହାର ଅସମତା ଓ ସ୍ଥାନଚ୍ୟୁତି ଦେଖାଦେଇଥାଏ ଏବଂ କର୍ମପଦ୍ଧତି ତଥା ଶିଳ୍ପ ଉତ୍ପାଦନକୁ ବଦଳାଇ ଦେଇଥାଏ । ତେଣୁ ଏହା ଆବଶ୍ୟକ ଯେ, ଭବିଷ୍ୟତରେ କେତେକ ମାନବଶକ୍ତି ମିଳିପାରୁଛି ଓ ତାକୁ ବିନିଯୋଗ କରିବା ପୂର୍ବରୁ ସେ ବିଷୟ ଚିନ୍ତା କରିବା ବାଞ୍ଛନୀୟ । ଏହି କାର୍ଯ୍ୟପନ୍ଥା କେବଳ ବ୍ୟବସାୟୀଙ୍କ ପରାମର୍ଶକୁ ଧରି ସ୍ଥିର କରାଯାଏ ନାହିଁ; କିନ୍ତୁ ମାନବ ସମ୍ବଳ କେତେଦୂର ଜାତୀୟ କୌଶଳ ବିକାଶ ସାଧନରେ ସାହାଯ୍ୟ କରିବ ତାହା ମଧ୍ୟ ବିଚାର କରାଯାଇଥାଏ ।

ପରିବର୍ତ୍ତନର ବାତ୍ୟା ବିଶ୍ୱଜଗତରେ ବହି ଚାଲିଛି । ଏପରି ଅବସ୍ଥାରେ ଆମେ କେତେକ ଜନ ଅଳସୁଆ ଦେଖଣାହାରି ହୋଇ ପଡ଼ି ରହିଥିବା । କର୍ମମୟ ଜୀବନ ଭିତରେ କାର୍ଯ୍ୟ ପରିବେଶ, ଅବସରପ୍ରାପ୍ତ ସ୍ଥିତି ଅବସ୍ଥା, ଅବସର ବିନୋଦନ, ଶ୍ରମ ସୁରକ୍ଷା ପଦ୍ଧତିଗୁଡ଼ିକର ଯୋଗାଯୋଗ ବା ଯନ୍ତ୍ରୀକରଣ ଏ ସମସ୍ତ ଶ୍ରମିକ ଜୀବନରେ ନାଟକୀୟ ପରିବର୍ତ୍ତନ ଆଣିଥାଏ । ଉପଯୁକ୍ତ ମାନବଶକ୍ତିର ବିନିଯୋଗ ନିମନ୍ତେ ଏ ସମସ୍ତ ଉପାଦାନଗୁଡ଼ିକ



ଉଦ୍ଦେଶ୍ୟମୂଳକ ଭାବେ ପାଠ ପଢ଼ିବା ନିମନ୍ତେ ଏହାକୁ ଦୃଷ୍ଟି ରଖିବା ଏକାନ୍ତ ବାଞ୍ଛନୀୟ ।

ପରିବର୍ତ୍ତନଶୀଳ ବୈଷୟିକ ଆବଶ୍ୟକତାର ସମ୍ଭବତଃ ଆମେମାନେ ଶ୍ରମମାନ ତଥା ଅର୍ଥନୀତି ଶ୍ରମଶକ୍ତି ଯୁଗ ମଧ୍ୟରେ ଗତି କରୁଛନ୍ତି । ସେହି ଠାରେ କି ଶ୍ରମଶକ୍ତିର ଜୀବନ ଓ ଉନ୍ନତି ସହରକୁ ତଥା ଶିଳ୍ପରୁ କୃଷି ମଧ୍ୟ ଦେଇ ଗତି କରୁଛନ୍ତି । ଆମେମାନେ ବର୍ତ୍ତମାନ ଅତ୍ୟନ୍ତ କୌଶଳ ବିକାଶ ପଦ୍ଧତିରେ ପଦାର୍ପଣ କରୁଛୁ ଯାହା କି ଶିଳ୍ପ ଉତ୍ପାଦନ ନିମନ୍ତେ ଉପଯୁକ୍ତ ଶିକ୍ଷା ଓ ସୁଷମ ଖାଦ୍ୟ ଦ୍ୱାରା ଶ୍ରମିକ ସୁସଂଗଠିତ ଓ ସୁନ୍ଦର କରୁ । ଏହା ଫଳରେ ଶିଳ୍ପର ଉତ୍ପାଦନମାନ ଦେଶରେ ବୃଦ୍ଧି ପାଇବା ସହ ସମୃଦ୍ଧି ଆଣିଦେବ । କିନ୍ତୁ ଅନ୍ୟ ଦେଶ ତୁଳନାରେ ଏହା ଆମ ଦେଶରେ ଅତ୍ୟନ୍ତ ନ୍ୟୂନ ସ୍ତରରେ ରହିଛି ।

ଶ୍ରମ ବର୍ତ୍ତମାନ ଆଉ ଏକ କ୍ଷୁଦ୍ର ବିଷୟ ହୋଇ ନାହିଁ । ଶ୍ରମ ଆଜି ଗତିଶୀଳ ଶକ୍ତିର ପରିଚାୟକ ଏବଂ ଏହାର ଭୂମିକା ସମାଜରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଶିଳ୍ପପତି ଓ ସରକାରଙ୍କଠାରୁ ଏହାର ସୁରକ୍ଷା ଲୋଡ଼ିଥାଏ । ଯଦିଓ ଏହା ସମ୍ଭବତଃ କେତେକ ପରିସ୍ଥିତିରେ ଆଶ୍ଚର୍ଯ୍ୟଜନକ ବୋଧ ହେବ; ତଥାପି ସମାନ ପ୍ରକାର କାର୍ଯ୍ୟକ୍ଷେତ୍ରରେ ଆମର ଲୋକେ ସୀମିତ ଶିକ୍ଷା ପରିସରରେ ଥାଇ ଦକ୍ଷତାର ସହିତ ଅନ୍ୟାନ୍ୟ ଶିଳ୍ପୋନ୍ନତ ପ୍ରଗତିଶୀଳ ମାନଙ୍କଠାରୁ ଉତ୍ପାଦନ କ୍ଷମତାରେ କୌଣସି ପ୍ରକାରରେ ନ୍ୟୂନ ନୁହନ୍ତି । ଦାରିଦ୍ର୍ୟ, ଅସୁଷମ ଖାଦ୍ୟ, ନିରକ୍ଷରତା ଓ ତାଲିମର ଅଭାବ ଏ ସବୁ ଆମ ଶ୍ରମିକମାନଙ୍କର ପ୍ରଧାନ ସମସ୍ୟା । ତା ସଙ୍ଗେ ସଙ୍ଗେ ଶ୍ରମର ମର୍ଯ୍ୟାଦା ଓ ଉଦ୍ୟମକାର୍ଯ୍ୟ ଉଦ୍ଦେଶ୍ୟ ଉତ୍ପାଦନ ଶକ୍ତି ଉପରେ ସିଧାସଳଖ ଯେ ପ୍ରଭାବ ପକାଇଥାଏ କଥାକୁ ଆମର ବ୍ୟବସାୟୀ ଭୁଲିଯାଆନ୍ତି ଏବଂ ଅନେକ ପକ୍ଷରେ ସେମାନେ ନିଜର ବଦ୍ଧମୂଳ ସ୍ୱାର୍ଥ ହାସଲ କରି

...ପ୍ରକାଶ କରିଥାନ୍ତି ଯେ ଶ୍ରମିକକୁ ଅଧିକ ସମୟ ...ଯ୍ୟରେ ବାହେଲ କଲେ ଉତ୍ପାଦନର ବିଶେଷ ...ବୃଦ୍ଧିକରଣ କରାଯାଇପାରିବ; କିନ୍ତୁ ଏହା ...ଯୋଗତର ପନ୍ଥା ବା ଚିନ୍ତା ।

## ...କାର୍ଯ୍ୟାବସ୍ଥା ଓ ଉତ୍ପାଦିକାଶକ୍ତି—

ଏହା ମନେ ରଖିବାକୁ ହେବ ଯେ, ଶ୍ରମିକ ସଂସ୍ଥାର ...ଉତ୍ପାଦିକା ଶକ୍ତିର ବୃଦ୍ଧି ନିମନ୍ତେ ଅବଦାନ ଅତ୍ୟନ୍ତ ...ପ୍ରଶଂସାଯୋଗ୍ୟ ଓ ଉତ୍ପାଦନ ହ୍ରାସ କେବଳ ହିଁ ...ବହୁ ପ୍ରକାର କାର୍ଯ୍ୟର ଦୁରବସ୍ଥା ଯୋଗୁଁ ହୋଇଥାଏ । ...ପ୍ରକୃଷ୍ଟ କେତେକ କାର୍ଯ୍ୟାବସ୍ଥା କର୍ମ କ୍ଷେତ୍ରରେ ...ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରେ ଏବଂ ଆଉ ...କେତେକ କାର୍ଯ୍ୟାବସ୍ଥା ଉତ୍ପାଦନ ହ୍ରାସକରେ । ...ଏହିସବୁ ଅବସ୍ଥାକୁ ଭଲ ଭାବରେ ବୁଝି ପାରିଲେ ...କାର୍ଯ୍ୟପରିସର ଅବସ୍ଥା ଉନ୍ନତିରେ ସାହାଯ୍ୟ କରିବ ...ତାହା ସଙ୍ଗେ ସଙ୍ଗେ ଉତ୍ପାଦନ ମଧ୍ୟ ବୃଦ୍ଧି ହେବ ।

## ...ଉତ୍ପାଦିକାଶକ୍ତିର ସଂଜ୍ଞା—

...ଉତ୍ପାଦନ ଓ ଉତ୍ପାଦିକାଶକ୍ତିର ମାପ—ପରିମାଣ ଓ ...ମତା ଏ ଦୁଇଟି ବିଭବ ହିଁ ଉତ୍ପାଦନର ସମାନ ...ଷ୍ଟି କରିବ । ଏ ସବୁ ପରୀକ୍ଷା କଲାବେଳେ ...ମାନଙ୍କର କାର୍ଯ୍ୟର ପ୍ରଣାଳୀ ତଥା ଅବସ୍ଥାକୁ ...ଲଗା ଅଲଗା ଭାବରେ ହୃଦୟଙ୍ଗମ କରିବାକୁ ...ବ । ଯେହେତୁ ସ୍ୱାଧୀନ ଭାବରେ କମ୍ପାନି ବିଚାରିତ ...ରେ ସେମାନଙ୍କ ମଧ୍ୟରେ ଭିନ୍ନତା ଅଣାଯାଇ- ...ରେ କେତେକ ପରିସ୍ଥିତିରେ ସେମାନଙ୍କ କାର୍ଯ୍ୟର ...କରଣ କରାଗଲେହେଁ, ଉତ୍ପାଦନର ଗୁଣାତ୍ମକ ...କମିଯାଇଛି । ବାସ୍ତବରେ ଯେପରି ବିଭିନ୍ନ କାର୍ଯ୍ୟ ...ବେଶରେ ପ୍ରତ୍ୟେକ ଶ୍ରମିକ ଶ୍ରମିକ ମଧ୍ୟରେ ...ଦନ ଶକ୍ତିରେ ପ୍ରଭେଦ ରହିଛି, ସେହିପରି ...ଦନର ଗୁଣାତ୍ମକ ମୂଲ୍ୟରେ ମଧ୍ୟ ପ୍ରଭେଦ ରହିଛି । ...ସର୍ବସାଧାରଣ ଧାରଣା କରିଥା'ନ୍ତି ଯେ, ଗୁଣାତ୍ମକ ...ବରେ ସବୁ ଉତ୍ପାଦନ ସନ୍ତୋଷଜନକ ; ଯେହେତୁ ତାଙ୍କର କାର୍ଯ୍ୟ ପରୀକ୍ଷା ନିରୀକ୍ଷା ପରେ ଶେଷ ପରି- ଦର୍ଶନରେ ଉପନୀତ ହୋଇଥାଏ । କିନ୍ତୁ ଏହା ଜାଣିବା ଉଚିତ ଯେ, ସନ୍ତୋଷଜନକ ଉତ୍ପାଦନ ଗୋଟିଏ ଶିଳ୍ପ ସଂସ୍ଥାଠାରୁ ଅନ୍ୟ ଶିଳ୍ପସଂସ୍ଥା ମଧ୍ୟରେ ଭିନ୍ନତା ଆଣିଥାଏ । ପୁଣି ସେହି ଗୋଟିଏ ଗୋଟିଏ ଶିଳ୍ପ ଅନୁଷ୍ଠାନ ମଧ୍ୟରେ ସମସ୍ତ ସମୟରେ ବିଭିନ୍ନତା ଦେଖା ଯାଇଥାଏ । ଅତଏବ ଜବରଦସ୍ତ କାର୍ଯ୍ୟାବସ୍ଥା ଗୁଣାତ୍ମକ ମୂଲ୍ୟର ବିଭିନ୍ନତା ନିମନ୍ତେ ବିସ୍ତାରକୁ ଘୃଣି- ଦେଇଥାଏ, ଯାହାକି ଶ୍ରମିକର ଦକ୍ଷତାର ବିଭିନ୍ନତା ଭିତରେ ଆଲୋକପାତ କରେ ।

ଅତଏବ ଏହାକୁ ନିମ୍ନଲିଖିତ ବିଷୟ ଉପରେ ବିସ୍ତୃତ କରିବାକୁ ପଡ଼ିବ ।

### (କ) ଉତ୍ପାଦିକା ଶକ୍ତିର ମାପ ରୂପେ ନଷ୍ଟ ସମୟ—

ପ୍ରତ୍ୟେକ ଯୁନିଟ୍‌ର ହାରାହାରି ଉତ୍ପାଦନ ପରି- ବର୍ତ୍ତନକୁ କାର୍ଯ୍ୟ ପରିବେଶର ପରିବର୍ତ୍ତନ ସହ ତୁଳନା କରିବା ହେଉଛି ସାଧାରଣ ପ୍ରଣାଳୀ ଅନ୍ତର୍ଗତ ।

### (ଖ) କାର୍ଯ୍ୟକାଳର ବ୍ୟାପ୍ତି ଓ ଉତ୍ପାଦନର ଦ୍ରୁତଗତି—

**ସ୍ୱେଚ୍ଛାକୃତ କାର୍ଯ୍ୟକାଳର ବ୍ୟାପ୍ତି—** ଶୈଳ୍ପିକ କାର୍ଯ୍ୟକାରିତା ପାଇଁ କାର୍ଯ୍ୟକାଳର ୮ ଘଣ୍ଟା ସମୟ ଓ ୫ ଦିନିଆ କାର୍ଯ୍ୟନିର୍ଘଣ୍ଟ ହିଁ ସର୍ବୋତ୍କୃଷ୍ଟ । ଯାହାହେଉ ବର୍ତ୍ତମାନ ଉଦ୍ଧୃତ କାର୍ଯ୍ୟର ଦିନ ବା ସପ୍ତାହ ନେଇ କୌଣସି ସର୍ବଶେଷ ଉପସଂହାରରେ ଉପନୀତ ହୋଇପାରିବ ନାହିଁ । ଏ ସମସ୍ୟାର ସମାଧାନ ବହୁ ଗବେଷଣାସାପେକ୍ଷ ।

### (ଗ) ସ୍ୱେଚ୍ଛାକୃତ ବିଶ୍ରାମ ସମୟ—

ଯେତେବେଳେ ଶ୍ରମିକମାନଙ୍କପାଇଁ ନିର୍ଦ୍ଦିଷ୍ଟ ଭାବରେ ବିଶ୍ରାମ କରିବା ସମୟ ନାହିଁ, ସେତେବେଳେ

ଏହା ସାଧାରଣ ଭାବେ ଆଶା କରାଯାଇ ଥାଏ ଯେ, ସ୍ୱେଚ୍ଛାକୃତ ଭାବରେ ସେମାନେ ତାହା ପାଳନ କରିବା କଥା। ଏସବୁ ସ୍ୱେଚ୍ଛାପ୍ରଣୋଦିତ ଛୋଟି ହାଲୁକା କାମ ହେଉ କିମ୍ବା ବଡ଼ କାମ ହେଉ, ତାହା କାମର ଗୁଣକୁ ସୁସଂଗଠିତ କରିବ। ଏହାକୁ ମନେ ରଖିବାକୁ ହେବ ଯେ, ଛୋଟି ସମସ୍ୟାର ନିର୍ଘଣ୍ଟ ସର୍ବଦା ଉତ୍ପାଦନ ଶକ୍ତି ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଶ୍ରମିକଙ୍କୁ ଉତ୍ସାହିତ କରିଥାଏ।

**(ଖ) କର୍ମକ୍ଷେତ୍ରରେ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା -**

ଶ୍ରମିକମାନଙ୍କର ଶ୍ରମକୁ ସମାଜରେ ଗୁରୁତ୍ୱପୂର୍ଣ୍ଣ ଭାବରେ ନିଆଯାଉଥିବାବେଳେ ସ୍ୱାସ୍ଥ୍ୟ ପରିବେଶକୁ ଦୃଷ୍ଟି ଅନ୍ତରାଳରେ ରଖିବା ଅନୁଚିତ। ଶ୍ରମିକ ତା'ର ସ୍ୱାସ୍ଥ୍ୟ ସମ୍ବନ୍ଧିତ କାମର ସୁଫଳକୁ ଭଲ ଭାବରେ ହୃଦୟଙ୍ଗମ କରିପାରେ। ପରିବେଶରେ ନିମ୍ନଲିଖିତ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ।

୧—ଆଲୋକର ସାନ୍ଦ୍ରତା, ସାଜସଜ୍ଜା ଓ ଆଲୋକର ବର୍ଣ୍ଣବୈଶିଷ୍ଟ୍ୟ।

୨—ଉତ୍ତମ ବାୟୁ ସଞ୍ଚାଳନ।

୩—ଗୋଳମାଳର ସମସ୍ତ ପ୍ରକାର ଅବସ୍ଥାରେ ବାଧା ସୃଷ୍ଟି।

୪—କାମର ପ୍ରଣାଳୀ ତଥା ପ୍ରଗତିଶୀଳ ସରଞ୍ଜାମ ଯାହାସବୁ ବୈଜ୍ଞାନିକ ପ୍ରଭାବ ତଥା ପରିବର୍ତ୍ତନରେ ଦିନକୁ ଦିନ ଶିଳ୍ପରେ କିଛି ନୂତନ ଧାରଣା ସୃଷ୍ଟି କରିଥାଏ।

୫—କାର୍ଯ୍ୟର ଦକ୍ଷତା ବୃଦ୍ଧିରେ ସମସ୍ତ ଓ ଶିକ୍ଷାବିଧି ପାଠ୍ୟକ୍ରମର ଭୂମିକା।

୬—କର୍ମକ୍ଷେତ୍ରର ଫଳପ୍ରଦ ସାଜସଜ୍ଜା।

୭—ସାଜ ସରଞ୍ଜାମ ଗ୍ରହଣ କରିବାପାଇଁ ଶ୍ରମିକମାନଙ୍କର ଉପଯୁକ୍ତ ପ୍ରେରଣା ଓ ତାଲିମ ଆବଶ୍ୟକ।

୮—ମେସିନର ଭୁଲ ଭଟକା ସଂଶୋଧନ କରିବାର ତାଲିମ ଦେବା।

୯—ଦୁର୍ଘଟଣା ତଥା ନିରାପତ୍ତା ସମସ୍ୟା—ଏସବୁ ବ୍ୟକ୍ତିଗତ ମତାନ୍ତର ଯୋଗୁ ଦୁର୍ଘଟଣା ଅବଶ୍ୟମ୍ଭାବୀ ହୋଇଥାଏ, ସେ ସମ୍ବନ୍ଧରେ ପ୍ରତିକାର ବ୍ୟବସ୍ଥା।'

୧୦—କାର୍ଯ୍ୟରେ କ୍ଳାନ୍ତି ଦୂରୀକରଣର ନିର୍ଦ୍ଦେଶ—ଉପରୋକ୍ତ ବିଷୟରେ ଉପଯୁକ୍ତ ବର୍ଣ୍ଣନା ଓ ଉପଯୁକ୍ତ ତାଲିମ ଦ୍ୱାରା ଶ୍ରମିକକୁ ସୁସଂଗଠିତ କରିଥାଏ। ତେଣୁ ଶ୍ରମିକ ସୁସଂଗଠିତ ହେଲେ ଉତ୍ପାଦନ ଉତ୍ପାଦିକା ଶକ୍ତି ବୃଦ୍ଧି ହେବ ଓ ଏଥି ସଙ୍ଗେ ସଙ୍ଗେ ଦେଶ ଓ ଜାତିର ସମୃଦ୍ଧ କଲ୍ୟାଣ ସାଧିତ ହେବ।

ନୂତନ ଓ ପୁରାତନର ବିସ୍ତାର ତଥା ନୂତନ ସରଞ୍ଜାମର ବିକାଶ ଶ୍ରମିକ ସମାଜକୁ ନୂତନ ଚେତନାରେ ବଳଶାଳୀ କରିଥାଏ ଓ ଏହି ଚେତନା ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଉପରୋକ୍ତ ବିଷୟରେ ପ୍ରଶଂସା ଓ ନିନ୍ଦା ଶ୍ରମିକମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ଥାଏ ଓ ଶ୍ରମିକମାନେ ଦେଶ ଓ ସମାଜପାଇଁ କିଛି ନା କିଛି ଭଲ କାର୍ଯ୍ୟ କରିବାରେ ଚେଷ୍ଟିତ ଥାଆନ୍ତି ଏବଂ ତା'ମନ ମଧ୍ୟରେ ଯେ ସେ ଦେଶର ଜଣେ ନାଗରିକ ଓ ତା' ସ୍ଥାନ କରିଆରେ ଜାତିକୁ ତା'ର ଦାନ ଯେ କମ୍ ନୁହେଁ—ଏ ଚିନ୍ତା ଉଦ୍ରେକ ହେବା ଉଚିତ। ତେଣୁ ତାଙ୍କର ଏହି କାର୍ଯ୍ୟପାଇଁ ତାଙ୍କୁ ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ ତାଙ୍କର ନୈତିକତାର ମାନ ବୃଦ୍ଧି ହୋଇଥାଏ ଓ ଶ୍ରମିକମାନଙ୍କୁ ଏହି ପରିପ୍ରେକ୍ଷୀରେ ବିସ୍ତୃତ କରିବା ହେଉଛି ଜାତୀୟ ଜୀବନର ପରାକାଷ୍ଠା।

ସମସ୍ତ ଦ୍ରୁତ ପରିବର୍ତ୍ତନଶୀଳ। ଶିଳ୍ପପତିମାନଙ୍କର ପରମ୍ପରାଗତ ଜ୍ଞାନର ଅସାମର୍ଥ୍ୟତା ଓ ସାହାଯ୍ୟହୀନତା ସବୁ ଦୂର କରିବା ଉଚିତ ଏବଂ ତା' ସ୍ଥାନରେ ଓ ଶିଳ୍ପପତି ଓ ସରକାର ଉପଯୁକ୍ତ ଓ ତାଲିମପ୍ରାପ୍ତ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିଯୁକ୍ତି କାମ ଭଲ ହେବ। ତା' ଫଳରେ ଆନ୍ତର୍ଜାତିକ

...ଶ୍ୟ ଆର୍ଥିକ ଦୁଃସ୍ଥିତି ମଧ୍ୟ ବଢ଼ନ୍ତି ଯିବ ଓ ସବୁ ...ନ୍ତୁ ନୂତନ ଉଜ୍ଜ୍ୱଳ ଆର୍ଥିକ ଅବସ୍ଥାରେ ହିଁ ଆମେ ... ଦେଇପାରିବା । ଶ୍ରମ ଆଜି ଏଣିକି ପଣ୍ୟବସ୍ତୁ ...ହିଁ, ତେଣୁ ଶ୍ରମର ଉନ୍ନତି ପାଇଁ ସମସ୍ତ ପ୍ରକାର ...ଦାନ ଦେବା ଆବଶ୍ୟକ । ଫଳରେ ଏକ ସୁସ୍ଥ ...ଶ୍ରମର ଓ ନୂତନ ସମାଜ ଗଢ଼ି ଉଠିବ, ...ସ୍ଥିତାରେ କି ଶ୍ରମିକ ତା'ର ନିତ୍ୟଦିନିଆ ପରିବାରର ...ନର ଲୋକର ଗୁଜୁରାଣ ମେଣ୍ଟାଇବା ପାଇଁ ଆଉ ଧାଇଁ ...ବ ନାହିଁ । ଶ୍ରମିକକୁ ସମସ୍ତ କ୍ଷେତ୍ରରେ ସାହାଯ୍ୟ ... ସୁଯୋଗ ଦେବା ଉଚିତ । ଫଳରେ ଉତ୍ପାଦନର ...ପୂରତା ଓ ଉଚ୍ଚ ମାନ ବୃଦ୍ଧି କରଣରେ ସେ ତା'ର ...ନ, ଦକ୍ଷତାକୁ ବିଶେଷ ଭାବରେ ବିନିଯୋଗ କରି ...ମାଜର କଲ୍ୟାଣ ସାଧନ କରିପାରିବ ।

ସମସ୍ତ କୃତଜ୍ଞତାର ସହିତ ଶିଳ୍ପପତି ଓ ସରକାରଙ୍କ ...ହୃଦୟରେ କହିବା ପରେ ଶ୍ରମିକ ସଙ୍ଘ ନେତାମାନଙ୍କର ...ଦେଶ ଓ ଜାତି ପାଇଁ ଯେ କି ଗୁରୁତ୍ୱପୂର୍ଣ୍ଣ ଭୂମିକା ...ଛନ୍ତି ତାହା ନ କହିଲେ ମୋର କର୍ତ୍ତବ୍ୟରେ ...ଅବହେଳା ହେବ ଓ ମୁଁ ସେମାନଙ୍କୁ ଅତି ବିନୟର ସହିତ ନିବେଦନ କରୁଛି ଯେ, ଉତ୍ପାଦନ ଉପଯୁକ୍ତ ତାଲିମପ୍ରାପ୍ତ ଶ୍ରମିକମାନଙ୍କ ଉପରେ ନିର୍ଭର କରେ । ତେଣୁ ଦେଶର ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ନିମନ୍ତେ ସେମାନେ ଶ୍ରମିକମାନଙ୍କୁ ତାଲିମ ଦେବା ଆବଶ୍ୟକ । ମୁଁ ମୋର ଅନୁଭୂତିରୁ କହୁଛି ଯେ ଶ୍ରମିକ ସଂଘ-ଗୁଡ଼ିକ ଶ୍ରମିକମାନଙ୍କ ଉତ୍ପାଦିକା ଶକ୍ତି ବୃଦ୍ଧି କରଣରେ ବିନିଯୋଗ କରିବା ପରିବର୍ତ୍ତେ ଉତ୍ପାଦନ ହ୍ରାସପାଇଁ ଆନ୍ଦୋଳନ ଓ ଗୋଳମାଳ ଲଗାଇବାରେ ସେମାନଙ୍କୁ ମତାଇଥାନ୍ତି ଏବଂ ଏହାଦ୍ୱାରା ଶ୍ରମିକ ଶକ୍ତିର ଅପଚୟ ଘଟୁଛି । ଫଳରେ ଏହା ଯେ ଶ୍ରମିକର ଅଗ୍ରଗତିକୁ ଆଘାତ ଦେଉଛି ତାହା ନୁହେଁ ବରଂ ବର୍ତ୍ତମାନ ଅବସ୍ଥାରେ ଏକ ଦ୍ୱନ୍ଦ୍ୱ ଜନ୍ମାଇ ତାଙ୍କର ଭବିଷ୍ୟତକୁ ଚୂରମାର କରିଦେଉଛି ।

ଦିନ ଆସିଛି, ଯେତେବେଳେ ଶିଳ୍ପପତି, ସରକାର ତଥା ଶ୍ରମିକ ସଂଘ ତାଙ୍କର ମିଳିତ ଉଦ୍ୟମ ଏପରି ଭାବେ ବିନିଯୋଗ କରିବେ ଯେ, ଯାହା ଫଳରେ ଉତ୍ପାଦନ ଓ ଉନ୍ନତକାମୀ ଶ୍ରମଶକ୍ତି ବୃଦ୍ଧି ସଙ୍ଗେ ସଙ୍ଗେ ଜାତୀୟ ଲକ୍ଷ୍ୟ ଅଚିରେ ହାସଲ ହୋଇପାରିବ ।

---

# ଶ୍ରମ ଓ ଉତ୍ପାଦିକାଶକ୍ତି


**ଶଶୀଭୂଷଣ ନନ୍ଦ**
ଆଡ଼ଭୋକେଟ


ଅର୍ଥନୈତିକ ସ୍ୱାଧୀନତା ନ ପାଇଲେ ଯାଏ, ଆମ ରାଜନୈତିକ ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ । ଅର୍ଥନୈତିକ ସ୍ୱାଧୀନତା ଅଧିକନ୍ତୁ ଉତ୍ପାଦିକା ଶକ୍ତି ଉପରେ ନିର୍ଭର କରେ ଏବଂ ସେଥିପାଇଁ ଶ୍ରମ କେବଳ ଏକ ବଡ଼ ସମ୍ବଳ, ଯାହାକି ସଂଅଷ୍ଟ ଓ ସନ୍ତୋଷଜନକ ଭାବେ ଉତ୍ପାଦିକାଶକ୍ତିକୁ ପ୍ରଭାବିତ କରେ । ୧୯୬୨ର ଚୀନା ଆକ୍ରମଣ ଠାରୁ ତନ୍ନତନ୍ନ ନିରାକରଣ ଉପାୟର ବ୍ୟବସ୍ଥା ତଥା ପର୍ଯ୍ୟାୟକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଧର୍ମଘଟ, ଉତ୍ପାଦନ ହ୍ରାସ, ତାଲାବନ୍ଦୀ, ଘେରାଉ ପ୍ରଭୃତିର କଳୁଷିତ ବାତାବରଣ ଶିଳ୍ପ ଉତ୍ପାଦନକୁ ସଙ୍କୁଚିତ କରିଛି ଓ ଅଶେଷ ମଣିଷ ଦିନର କ୍ଷତି କରିଛି ।

ଉତ୍ପାଦିକାଶକ୍ତି କହିଲେ ଆମେ ବୁଝୁ ଯେ, ଉତ୍ପାଦିତ ମାଲର ଗୁଣ ଓ ଆଧାର ଦ୍ୱାରା ଅଦଳ ବଦଳ ମାଲର ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ । ବର୍ତ୍ତମାନ କିଏ ଉତ୍ପାଦନ କରନ୍ତି କିମ୍ବା କିଏ କଥିତ ଗୁଣ କିମ୍ବା ଆଧାର ବା ପର୍ଯ୍ୟାପ୍ତ ଉତ୍ପାଦନ କରିବାକୁ ସକ୍ଷମ ? ଜଣେ ଅର୍ଥନୀତି ଶାସ୍ତ୍ରର ଛାତ୍ର ଶୀଘ୍ର ଉତ୍ତର ଦେବେ ଯେ, ଏହା ଉତ୍ପାଦନର ସମ୍ବଳ ଏବଂ ସାମଗ୍ରୀ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଅର୍ଥାତ ଜମି, ଶ୍ରମ, ପୁଞ୍ଜି ଓ ବ୍ୟବସାୟ ଯୋଗାଯୋଗର ଏକ କୌଶଳ । ଏହି ବିଷୟରେ ଅନ୍ୟ ଏକ ପ୍ରଶ୍ନ ହଠାତ୍ ଆପେ ଆପେ ଉଠିଥାଏ । ତାହା ହେଲା ଏହିସବୁ ଉତ୍ପାଦନ ସମ୍ବଳମାନଙ୍କ ମଧ୍ୟରେ କେଉଁଟି ଅତ୍ୟନ୍ତ ଅପରିହାର୍ଯ୍ୟ ଓ ଓଜନଦାର ? ଏହା ଐତିହାସିକ ପୃଷ୍ଠ ଭୂମିକୁ ଆଲୋଡ଼ନ କରିଥାଏ, ଯାହାକି ଗୋଟିଏ ସମ୍ବଳର ପ୍ରାଧାନ୍ୟ, ରାଷ୍ଟ୍ରର ଅର୍ଥନୈତିକ ବିକାଶ ଓ ସମ୍ପୃକ୍ତ ଶୈଳ୍ପିକ କାର୍ଯ୍ୟକଳାପ ଉପରେ ନିର୍ଭର କରେ ।

ଏହା ନିଃସନ୍ଦେହ ଯେ, ପୁରାତନ ପ୍ରସ୍ତର ଯୁଗ ଜମିର ପ୍ରାଧାନ୍ୟ ବେଶି ଥିଲା । ନୂତନ ପ୍ରସ୍ତର ଯୁଗ ଶ୍ରମ ଜମି ଉପରେ ପ୍ରାଧାନ୍ୟ ବିସ୍ତାର ନିମନ୍ତେ କଲା । ପାଶ୍ଚାତ୍ୟ ଶିଳ୍ପ ବିପ୍ଳବର ଶତାବ୍ଦୀର ତରଙ୍ଗର ଆଗମନ ଓ ପ୍ରଭାବରେ ପାଇଥିବା ସ୍ୱନିୟୋଜିତ ଶିଳ୍ପୀମାନେ ଲୁଅାଡ଼େ ଉଭେଇଗଲେ ଏବଂ ତାହା ମୁଷ୍ଟିମେୟ ମାଲିକଙ୍କ ଅଧୀନରେ ରହି ଅତ୍ୟଳ୍ପ ଉତ୍ପାଦନ ଦ୍ୱାରା ଅତ୍ୟଧିକ ଲାଭ ଉଠାଇବା ଉଦ୍ଦେଶ୍ୟ ହସ୍ତଶ୍ରମ, ପୁଞ୍ଜି ଓ ବ୍ୟବସାୟୀ ସଂସ୍ଥାମାନ ରହିଲେ, ଯନ୍ତ୍ରର ଦ୍ରୁତ ଅଗ୍ରଗତି ଶ୍ରମର ଦାସତ୍ୱ ସ୍ତରକୁ ଖସାଇଦେଲା; ଯାହାକି ତତପର ଦୁଇଟି ପୃଥିବୀ ମହାସମରର ସାମାଜିକ ଖମ୍ବକୁ ଦୋହଲାଇ ଦେଇ ମାନବିକତା ଅନ୍ଧକାରାଚ୍ଛନ୍ନ କଲା । ଫଳରେ ସାମାଜିକ ଜରୁରୀ ବିପ୍ଳବ, ମାନବିକତାର ଅନ୍ଧକାର ଧ୍ୱଂସବିତାର ସଦୃଶ୍ୟ ଦେଖାଦେଲା ଓ ତାହା ଜନନାୟକ, ରାଷ୍ଟ୍ରନୀତିଜ୍ଞ, ଯୋଜନାକାରୀ ଓ ମାନଙ୍କ ବୁଦ୍ଧିବୃତ୍ତି ଉପରେ ଦାରୁଣ ଆଘାତ ମାନବିକତା ଓ ମାନବର ସ୍ୱାଧୀନତା ସ୍ୱୀକୃତ ମର୍ଯ୍ୟାଦାବନ୍ତ ହେଲା । ପୃଥିବୀର ଏ ନୂତନ ଆଭିମୁଖ୍ୟ ଆସ୍ତେ ଆସ୍ତେ ଶ୍ରମକୁ ଦାନ କଲା, ଅର୍ଥାତ୍ ଶିଳ୍ପରେ ମାନବ ଶକ୍ତିର ଦେଶର ଅର୍ଥନୈତିକ ବିକାଶରେ ଯୋଗ୍ୟ ଭୂମିକା ସୃଷ୍ଟି କଲା । ଶ୍ରମିକ ସଙ୍ଘର ବିକାଶ ସଙ୍ଗେ ସଙ୍ଗେ ଶ୍ରମିକ ଓ ମାଲିକମାନଙ୍କ

...ମୂଳକ ଚକ୍ରର ପ୍ରଭୁତ୍ୱ ବଳବତ୍ତର ହୋଇଉଠିଲା ଏବଂ ଉତ୍ପାଦନର ପ୍ରଣାଳୀରେ ବିଶେଷତଃ ପର୍ଯ୍ୟାପ୍ତ ଔଦ୍ୟୋଗିକ ଅର୍ଥନୀତିରେ ଶ୍ରମ ଶକ୍ତି ଏକ ଅପରିହାର୍ଯ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା ।

ଆମେ ସ୍ୱାଧୀନତା ପାଇଛେ ଏବଂ ଆମର ସାମାଜିକ ଓ ଅର୍ଥନୈତିକ ଅବସ୍ଥାକୁ ଉନ୍ନତ କରି ଗଢ଼ିବା ପାଇଁ ତଥା ଆଶା ଭରସା ପୂର୍ଣ୍ଣ ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ସଂକଳ୍ପବଦ୍ଧ ହୋଇଛେ । ଗତ ତିନୋଟି ପଞ୍ଚବାର୍ଷିକ ଯୋଜନା ଦେଇ ଆମେ ଗତି କଲୁଣି । ତଥାପି ଆମେ ଆମର ଲକ୍ଷ୍ୟ ସ୍ଥଳରେ ପଦାର୍ପଣ କରିନାହୁଁ । ଆମ ରାଷ୍ଟ୍ରର ଅର୍ଥନୈତିକ ଦୁଃସ୍ଥିତି ହଟାଇବା ପାଇଁ ଆମ ଶିଳ୍ପ ବିକାଶର ଗତି ଆଶାନୁରୂପ ହୋଇନାହିଁ ଏବଂ ତାହା ଅତ୍ୟନ୍ତ ପ୍ରେରଣା, ଉତ୍ପାଦନା ତଥା ଜାଗରଣ ହୀନ ମନ୍ଥର ଓ ଅସମ ଅବସ୍ଥାରେ ରହିଯାଇଅଛି । ଏହା ଯେ କେବଳ ଔଦ୍ୟୋଗିକ ଶ୍ରମଶକ୍ତିର ଅଦକ୍ଷତା ଯୋଗୁଁ ହେଉଛି ତାହା ନୁହେଁ ବରଂ ଏହା ଅଧିକାଂଶ ଶ୍ରମିକ ଶ୍ରେଣୀଭୁକ୍ତ ମାନବସମାଜର ବ୍ୟକ୍ତ ଓ ବର୍ଦ୍ଧିତ ଅସନ୍ତୋଷରୁ ହିଁ ସୃଷ୍ଟିଥାଏ । ଶ୍ରମିକ ଅଶାନ୍ତି, ଉତ୍ତେଜନା, ଗୋଳମାଳ ଓ ଧୀରବାତ୍ମକ ଉତ୍ପାଦନ ହ୍ରାସ ଆମର ଶିଳ୍ପ ଜୀବନରେ ପ୍ରକୃତଭାବେ ଦେଖାଦେଇଛି । ଏଣୁ ମାଲିକମାନେ ବିନିଯୋଗ ପୁଞ୍ଜିରୁ ଲାଭ ପାଇଁ ଉଦ୍ବିଗ୍ନ କରିବା ସଙ୍ଗେ ସଙ୍ଗେ ଶିଳ୍ପ ପରିଚାଳନାର ପରିସର ବୃଦ୍ଧି କରିବାପାଇଁ ଅଧିକ ପୁଞ୍ଜି ଖଟାଇବେ କି ନାହିଁ ବିଚାର କରିବାର ଦୋଦୁଲ୍ୟମାନ ଅବସ୍ଥାରେ ପଡ଼ିଛନ୍ତି ।

ଶିଳ୍ପରେ ଅଶାନ୍ତିର କବଳଗ୍ରସ୍ତାକୁ ଦୋହଲାଇବା ପାଇଁ ମନୋବଳ ତଥା ଦୃଢ଼ତା ଏକ ଅପରିହାର୍ଯ୍ୟ ଅଙ୍ଗ । ଏହା ଉତ୍ପାଦକାଶକ୍ତିର ପର୍ଯ୍ୟାପ୍ତକୁ ପରିଚିତ କରେ । ସହାନୁଭୂତିମୂଳକ ଆଦିବ କାଇଦା ପାଇଁ, ଯାହା ଯାହା ମୁଁ ଦେଖିଛି ତାହା ନିମ୍ନରେ ପ୍ରଦତ୍ତ ହେଲା ।

## ୧–ଐତିହାସିକ ପରମ୍ପରାଭୁକ୍ତ ପୁଞ୍ଜି ଓ ଶ୍ରମର ବିବାଦ—

ଶିଳ୍ପଶାନ୍ତି ସମ୍ପର୍କରେ ଗାଇସ୍ କହନ୍ତି ଯେ—ଲେଖକ ଓ ଅନଭିଜ୍ଞସମ୍ପର୍ଣ୍ଣ ଲୋକେ ଶିଳ୍ପବିବାଦର ଶାନ୍ତିପୂର୍ଣ୍ଣ ସମାଧାନଗୁଡ଼ିକର ଉପସଂହାରରେ ଉପନୀତ ହୋଇଛନ୍ତି । ଶ୍ରମିକ ସଂଖ୍ୟା କମିଲେ ମଧ୍ୟ, ପୁଞ୍ଜି ଓ ଶ୍ରମ ଉଭୟଙ୍କ ଭିତରେ ବିବାଦ ରହିବ ହିଁ ରହିବ । ବିଶେଷ କରି ଶିଳ୍ପ କ୍ଷେତ୍ରରେ ଶ୍ରମିକ ଓ ମାଲିକଙ୍କ ମଧ୍ୟରେ ସହଯୋଗ ବୃଦ୍ଧି କରି ବ୍ୟକ୍ତିଗତ ଦ୍ୱନ୍ଦ୍ୱ ଓ ବିବାଦ ବହୁ ପରିମାଣରେ ଦେଖାଯାଏ । ଏହା ସାଧାରଣଜ୍ଞାନ ଯେ, ଥିଲାବାଲା ଓ ନଥିଲାବାଲା ଅନ୍ୟଭାଷାରେ ଗରିବ ଓ ଧନୀକଶ୍ରେଣୀ ମଧ୍ୟରେ ବିବାଦ, ଶିଳ୍ପଶାନ୍ତି ଓ ଶିଳ୍ପ ସଂପୃକ୍ତିକୁ ବ୍ୟାହତ କରେ । ପୁନଶ୍ଚ ଏ ପ୍ରକାର ମନୋବୃତ୍ତି ଯୁକ୍ତ ଅପେକ୍ଷା ଅଧିକ ଭାବରେ ମାନସିକ ଅବସ୍ଥା ବା ଆବେଗ ଉପରେ ନିର୍ଭର କରେ । ପରିଚାଳନାର କାର୍ଯ୍ୟକଳାପ ଭଦ୍ର ଓ ସତ୍ୟ ହେଲେ ମଧ୍ୟ ତାହା ଶ୍ରମିକମାନଙ୍କ ମନରେ ସନ୍ଦେହ ଜାଗ୍ରତ କରାଏ ଓ କାର୍ଯ୍ୟକଳାପକୁ ଅଗ୍ରାହ୍ୟ କରେ । ସେହିପରି, ପରିଚାଳନା ମଧ୍ୟ ତାର ଲାଭରୁ ଅଧିକାଂଶ ଶ୍ରମିକମାନେ ଭାଗ ପାଇପିବେ ବୋଲି, ଦୃଢ଼ତାର ସହିତ ମନା କରେ । ଏହିପରି ମନୋଭାବ ଗୁଡ଼ିକ ପୁଞ୍ଜି ଓ ଶ୍ରମ ମଧ୍ୟରେ ଯୁଗ ଯୁଗ ଧରି ଲାଗି ରହିବ ଏବଂ ଏହା ଆହୁରି ମଧ୍ୟ ଶିଳ୍ପର ସମସ୍ତ ବାତାବରଣକୁ କଳୁଷିତ କରି ଶିଳ୍ପରେ ମାଲିକପଣିଆ ବୃଦ୍ଧିରେ ସାହାଯ୍ୟ କରିବ ।

## ୨–ସାମାଜିକ ଆର୍ଥିକ ଅବସ୍ଥା ପରିବର୍ତ୍ତନରେ ଶକ୍ତିର ପ୍ରଭାବ ବା ଗୁରୁତ୍ୱ—

ଆର୍ଥିକ ଓ ସମାଜଶକ୍ତିର ମିଶ୍ରିତ ମୂଳଧନ ଇତିହାସର ବହୁକାଳରୁ ଗଢ଼ି ଗଢ଼ି ଆସୁଛି ଓ କେହି ଏହାକୁ ସାମାନ୍ୟ ସମ୍ବଳ ବୋଲି ଭାବିବା ଉଚିତ୍ ନୁହେଁ, କାରଣ ଏହା ଶିଳ୍ପରେ ଶିଳ୍ପ ସଂପୃକ୍ତ ଋଣ ପରିଶୋଧ କରିବାରେ ବିଶେଷ ସାହାଯ୍ୟ କରେ ।

ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ଋଷବିପ୍ଳବ ଓ ଆନ୍ତର୍ଜାତିକ ଶ୍ରମିକସଂଘ ପ୍ରତିଷ୍ଠାର ଦୋହଲ୍ଲମାନ ଅବସ୍ଥା ସାମାଜିକ ନ୍ୟାୟ ପାଇଁ ଉନ୍ନତ ଯୋଗାଇଲା ଓ ଆମର ସ୍ୱାଧୀନତାପରେ ସମ୍ପୃକ୍ତ ଆଦର୍ଶ ଶ୍ରମିକମାନଙ୍କୁ ଉତ୍ପାଦନ କ୍ଷେତ୍ରରେ ଏକ ସର୍ବସ୍ୱ ବଳିଷ୍ଠ ଉପାଦାନ ଯୋଗାଇଲା । ଫଳରେ ଏହା ସୁସ୍ଥ ପରମ୍ପରା ଅପେକ୍ଷା ଅସୁସ୍ଥ ବାତାବରଣର ପ୍ରତିଯୋଗିତାମୂଳକ ମନୋଭାବ ଶିଳ୍ପ ପରିସରରେ ଉପୁଜାଇଲା ।

## ୩-ଶ୍ରମିକ ସଂସ୍ଥାର ଅସୁସ୍ଥ ପରମ୍ପରା—

ଲାଭଖୋର ହେବାପାଇଁ ଉଦ୍ଦିଷ୍ଟ ଉତପାଦ୍ୟ— ଉଭୟ ଶ୍ରମିକ ଓ ମାଲିକମାନଙ୍କ ମଧ୍ୟରେ ଅର୍ନ୍ତଦ୍ୱନ୍ଦ୍ୱର ସୂତ୍ରପାତ କଲା । ଫଳରେ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ପରୀକ୍ଷା ପାଇଁ ଶ୍ରମିକ ସଂଘଗୁଡ଼ିକ ଉଗ୍ରପନ୍ଥୀତାବେ ଶିଳ୍ପ କ୍ଷେତ୍ରରେ ଦେଖା ଦେଲା । ଶିଳ୍ପ ଉତ୍ପାଦନ ବୃଦ୍ଧି ପାଇ ଏସବୁ ଅନୁଷ୍ଠାନ ଗୁଡ଼ିକ କୌଣସି ଦିଗରେ ସାହାଯ୍ୟ କଲେନାହିଁ । ଏ ସବୁର କାରଣ ନିମ୍ନରେ ପ୍ରଦତ୍ତ ହେଲା ।

(କ) ଆମର ଅଧିକାଂଶ ଶ୍ରମିକ ସ୍ୱଳ୍ପବିଦ୍ୟା ଉପୁଜିଷ୍ଟ ଅଟନ୍ତି । ଅତଏବ ସେମାନଙ୍କର ଶିଳ୍ପ ଓ ସଂଘ ପ୍ରତି ନିଜ ଭୂମିକା ରହିଛି ତାହା ଆଦୌ ବୁଝନ୍ତି ନାହିଁ ।

(ଖ) ଶ୍ରମିକ ନେତାମାନେ ଶ୍ରମିକମାନଙ୍କୁ କର୍ତ୍ତବ୍ୟ ବିଷୟରେ ଚେତନଶୀଳ ନ କରାଇ ତାଙ୍କୁ କେବଳ ଦାବୀ ସମ୍ପର୍କରେ ମତାଇଥାନ୍ତି ।

(ଗ) ପୂର୍ବ ଶ୍ରମିକନେତାମାନେ ନେତୃତ୍ୱ, ସ୍ୱାର୍ଥଲାଭ ଓ ଶସ୍ତା ଲୋକପ୍ରିୟତା ଅର୍ଜନ ଆଶାରେ ଶ୍ରମିକ ଆନ୍ଦୋଳନ କରିଆସିଥିବାରୁ ଶିଳ୍ପ ବିକାଶର ଉପୁଜାର ଅବସ୍ଥା ସୃଷ୍ଟି ହୁଏ ।

(ଘ) ଅନ୍ତଃ ଏବଂ ବହୁଳ ଶ୍ରମ ସଙ୍ଗଠନର ବିବାଦ କେବଳ ଶ୍ରମ ଆନ୍ଦୋଳନକୁ ଦୁର୍ବଳ କରୁନାହିଁ, ବରଂ ଦିନକୁ ଦିନ ବିବେକହୀନ ଶିଳ୍ପ ବିବାଦ ଆଡ଼କୁ ଟାଣିନେଉଛି ।

(ଙ) ଅଗା, ବଗା, ଖଗା ସବୁ ଜନତା ଭି... ସଂଘରେ ପ୍ରବେଶ କରୁଛନ୍ତି ଓ ଆଇନ କାନୁନ୍ ... ନ ଜାଣି ଶ୍ରମିକ ସଂଘ ଆନ୍ଦୋଳନରେ ଅ... କାଇମ୍ବାର କ୍ଷତି ଆଣିବାରେ ସାହାଯ୍ୟ କରୁଛନ୍ତି ।

## ୪-ପରିଚାଳନାର ବିଶେଷାଧିକାର—

ବିଂଶ ଶତାବ୍ଦୀର ଅଧାଅଧି ଅତିକ୍ରମ କରୁଥିବା ... ମଧ୍ୟ ଅନେକ ମାଲିକ କମ୍ପାନୀ, କେମିତି ଓ କେତେ... କେବଳ ଶିଳ୍ପ ପରିଚାଳନା କଥା ଚିନ୍ତା କରୁଛି... ତାହା ନିଜର ହସ୍ତମୁଦ ମାହାଲ୍ ପରି ଚଳା କରୁଥିବା ... ମନମୁଖୀ ଶିଳ୍ପ ପରିଚାଳନା, ନାଗା, ... ପଦୋନ୍ନତି, ପଦଅବନତି ପ୍ରଭୃତି ତାଙ୍କର ଏକଚାଟିଆ ଅଧିକାରଭୁକ୍ତ । ସ୍ୱାଭାବିକ ଭାବରେ ତାଙ୍କର ଏ... ନିରଙ୍କୁଶ ଅଧିକାର କରୁଥିବାରେ ଯଦି କୌଣସି ଅସୁ... ହୁଏ ତେବେ ତାହା କଳହ, ଶକ୍ତିର ଅପଚୟ, ତାଲାବନ୍ଦ, କାରଖାନା ବନ୍ଦ ପ୍ରଭୃତି ଉପୁଜାଇ ବି... ବିପ୍ଳବ ଜାଗ୍ରତ କରାଇଥାଏ ।

## ୫-ବୈୟକ୍ତିକ ଉପାଦାନ—

ରାଗ, ଦ୍ୱେଷ, ହିଂସା, ପରଶ୍ରୀକାତରତା ... ମଣିଷର ଜନ୍ମଗତ ପ୍ରବୃତ୍ତି ବା ପ୍ରକୃତି । ସେ ବ... କରେ, ଅନୁଭବକରେ, ଇଚ୍ଛାକରେ, ପ୍ରତି ସ୍ୱାର୍ଥ... ହୁଏ, ବିଦ୍ରୋହ କରେ ଓ ସବୁକଥା ... ଆଣେ । ବାହାର ଓ ଭିତର ଶକ୍ତିର ପ୍ରଭାବରେ ମଣି... ଯେମିତି ବୁଝେ ସେପରି ଭାବରେ ବ୍ୟବହାର ... କରିଥାଏ । ଏ ସବୁ ବୈୟକ୍ତିକ ଉପାଦାନ ... ବ୍ୟକ୍ତିତ୍ୱ, ଶିକ୍ଷା, ବୟସ, ପୌରୁଷ ଓ ବୁଦ୍ଧି ... କାର୍ଯ୍ୟ ଦକ୍ଷତାରେ ଅଶେଷ ସନ୍ତୋଷ ଆଣିଥାଏ । ... କାର୍ଯ୍ୟ ସନ୍ତୋଷ ଉତ୍ପାଦକଶକ୍ତି ଉପରେ ... ପରିବର୍ତ୍ତନ ମଧ୍ୟ ଆଣିଥାଏ ।

**୫-ଉପାଦାନ ନିମ୍ନସ୍ଥ ସମ୍ବଳ ଉତ୍ପାଦନକୁ ପ୍ରଭାବିତ କରେ—**

୧ । କାର୍ଯ୍ୟର ପ୍ରକାରଭେଦ—ଏକରକମ କାମ ଅପେକ୍ଷା ପରିବର୍ତ୍ତନଶୀଳ କାର୍ଯ୍ୟ ମନକୁ ଅଧିକରୁ ସନ୍ତୋଷ ଓ ଆଗ୍ରହ ଆଣିଦିଏ ବୋଲି ବହୁତ ପାଠ୍ୟ-ଜନ୍ମ ଜଣାପଡ଼ିଛି । ଏହାଛଡ଼ା ବିରକ୍ତି ଉତ୍ପାଦନ କାର୍ଯ୍ୟ ଶିଳ୍ପରେ ଉତ୍ପାଦନକୁ ହ୍ରାସ କରାଇଥାଏ ।

୨ । କର୍ମକ୍ଷେତ୍ର ପଦବୀ—ପଦବୀ ଓ ପଦମର୍ଯ୍ୟାଦା ମଧ୍ୟ ଭୌତିକ ଲାଭ ଅପେକ୍ଷା ଅଧିକ କାର୍ଯ୍ୟାନୁରାଗ ଅପେ ଆଗ୍ରହ ଆଣିଥାଏ । ଏହା ଶ୍ରମିକକୁ ସମାଜରେ ଏକ ଉଚ୍ଚ ସ୍ତରକୁ ଟାଣିନିଏ । କୃଷକ ଓ କାରଖାନା ଶ୍ରମିକ ଏକାପରିକମ ମଜୁରି ଅର୍ଜନ କଲେ ମଧ୍ୟ ଉଭୟଙ୍କର କାର୍ଯ୍ୟ ଓ ସନ୍ତୋଷରେ କିଛି ଭିନ୍ନତା ଦେଖାଯାଏ ।

୩ । ଦରମା ଓ ଅନ୍ୟାନ୍ୟ ସେବା—କାର୍ଯ୍ୟଜନିତ ମାନସିକ ବ୍ୟାଧିର ଭୌତିକ ସାଭଙ୍କ ଶ୍ରମିକ ଔଷଧ ।

**୬-ପରିଚାଳନାଗତ ଉପାଦାନ—**

୧ । ସ୍ଥାନୀୟ ନିରାପତ୍ତା—ଏହା ଏକ ଉଲ୍ଲେଖଯୋଗ୍ୟ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଯାହାକି ଶ୍ରମିକକୁ ତା'ର ନିଜ କର୍ମପ୍ରତି ଅନୁରାଗପୂର୍ଣ୍ଣ ମନୋଭାବ ଆଣିଥାଏ । ପରିଚାଳନାଗତ ଅସନ୍ତୁଷ୍ଟିରୁ ଶ୍ରମିକମାନେ ଶିଳ୍ପ ସହିତ ଏକତାବୋଧ ଜନ୍ମାଇବାରେ ଅକ୍ଷମ ହୋଇ ଧ୍ୱଂସ ମନୋଭାବାପନ୍ନ ହୁଅନ୍ତି । ସ୍ଥାନରୁ ବହିଷ୍କୃତ ହେବା ଆଶଙ୍କାରେ ଶ୍ରମିକକୁ ବାସ୍ତବ ଅନ୍ତଃଶକ୍ତି, ଅର୍ଥାତ୍ ବିଚକ୍ଷଣ କାର୍ଯ୍ୟଦକ୍ଷତା ନିଷ୍ପେଷିତ ହେବାଦ୍ୱାରା ସେମାନେ ଖୋଲା ଖୋଲି ଭାବରେ ତାଙ୍କର ଭାବ ଆଦାନପ୍ରଦାନ କରିପାରନ୍ତି ନାହିଁ । ଯେ ଯାହାହେଉ, ଏହି ପ୍ରକାର ନୈରାଶ୍ୟଜନିତ ମନୋଭାବ ଶେଷରେ ଧର୍ମଘଟର ଆକାର ଧାରଣ କରି ଶିଳ୍ପଗୁଡ଼ିକୁ ବ୍ୟାହତ କରେ ।

୨ । ଉପଯୁକ୍ତ ମଣିଷ ଏବଂ ଉପଯୁକ୍ତ କାର୍ଯ୍ୟ—ବେଶ୍ କାର୍ଯ୍ୟକ୍ଷମତା ଥିବା ଶ୍ରମିକକୁ ଯେ ପ୍ରକାର କାର୍ଯ୍ୟରେ ନିଯୁକ୍ତି ନ ଦେଇ ତାହାର ଅନିଚ୍ଛାସତ୍ତ୍ୱେ ଅନ୍ୟଠି ତାକୁ ନିଯୁକ୍ତ ଦେବାହିଁ ପରିଚାଳନାଗତ ତ୍ରୁଟି । ଏହା ଯେ କେବଳ ମଣିଷର କାର୍ଯ୍ୟଦକ୍ଷତା ଉପରେ ବାଧା ଉପୁଜାଏ ବା ଆଘାତ ଆଣେ ତାହା ନୁହେଁ, ଆହୁରି ମଧ୍ୟ ଶିଳ୍ପରେ ଉଭୟଙ୍କର ବହୁତ ସମସ୍ୟା ଉପସ୍ଥାପନ କରେ ।

୩ । କାର୍ଯ୍ୟ ପରିବେଶ—କାର୍ଯ୍ୟ ପରିସର ବା ପରିବେଶ ମଣିଷର ମନଉପରେ ଅଶେଷ ପ୍ରଭାବ ପକାଏ । କ୍ଲାନ୍ତି, ବିରକ୍ତିକର କାର୍ଯ୍ୟ ପ୍ରଭୃତି କର୍ମପ୍ରଣାଳୀର ବହୁତ ବିଷୟକୁ ଏହା ଅଧିକତର ନିରୁତ୍ସାହିତ କରେ ।

୪ । ମଜୁରି ପ୍ରଣାଳୀରେ ତ୍ରୁଟି—ଏହା ନିଃସନ୍ଦେହ ଯେ ସବୁ ବିବାଦ ତୁଳନାରେ ଶ୍ରମିକର ମଜୁରିଜନିତ ବିବାଦ ଅତ୍ୟନ୍ତ ସ୍ପଷ୍ଟ ଓ ଜୀବନ୍ତ । ଏବଂ ମଜୁରି ପ୍ରଦାନ ପ୍ରଣାଳୀରେ ନିର୍ଦ୍ଦିଷ୍ଟ ସମୟରେ ମଜୁରି ବୃଦ୍ଧି ନ ହେଉଥିବା ଯୋଗୁ କାର୍ଯ୍ୟ ସମ୍ପୃକ୍ତରେ ସମସ୍ତ ଗୋଳମାଳ ଭିତରେ ଶିଳ୍ପ ଅଶାନ୍ତି ଉପୁଜାଏ ।

୫ । ସମ୍ବଳ ହାସଲ ବିଷୟରେ ତ୍ରୁଟି—ଯେଉଁଠି ଦକ୍ଷତାର ପୁରସ୍କାର ନାହିଁ, ଯେଉଁଠି ଅଧିକ ଉତ୍ପାଦନ କରିବାର ପ୍ରଲୋଭନ ନାହିଁ କିମ୍ବା ଯେଉଁଠାରେ ବିଶ୍ୱସ୍ତ ତଥା ଦକ୍ଷ ସେବାର ସ୍ୱୀକୃତି ବା ପ୍ରଶଂସା ନାହିଁ ସେଠାରେ ଶ୍ରମିକର କାମ କରିବାର ଆଗ୍ରହ ରହିବ ନାହିଁ ।

୬ । ତଦାରଖ—ମାଲିକ କିମ୍ବା ପରିଚାଳନା ଶ୍ରମିକର ତଦାରଖକାରୀ । ଅତଏବ ଶ୍ରମିକର ମନୋଭାବ ଓ ଚିନ୍ତାଧାରା ପ୍ରତି ତଦାରଖ କରୁଥିବା ଉପରିସ୍ଥ ମାଲିକଙ୍କର ସହଯୋଗ ସଦ୍‌ଲକ୍ଷ୍ୟ ରହିବା ଏକାନ୍ତ ବାଞ୍ଛନୀୟ । ଏହା କେବଳ ଏକମାତ୍ର ସମ୍ଭବ, ଯାହାକି ପରିଚାଳନା ସହିତ ଶ୍ରମିକର ସହଯୋଗ ରକ୍ଷା କରିଥାଏ ।

୭ । ଅଭିଯୋଗଗୁଡ଼ିକର ବିଚାର—ପରିଚାଳକ-ମାନଙ୍କର କାର୍ଯ୍ୟ ତତ୍ପରତା ଲାଘବ କରିବାରେ ଗୁରୁତ୍ୱ-ପୂର୍ଣ୍ଣ ଭୂମିକା ରହିଛି । ଦକ୍ଷତା, କଳା ତଥା ମାନବିକ ମନୋଭାବ ସହିତ କାର୍ଯ୍ୟରେ ନିୟୁକ୍ତ ହୋଇଥିବା ପରିଚାଳକମାନଙ୍କ ଦ୍ୱାରା ହେଉଥିବା ଶ୍ରମିକମାନେ ଏକ ଅବ୍ୟର୍ଥ ଔଷଧରୂପୀ ଶୁଭାଗମନ ବୋଲି ବିଚାର କରିଥାନ୍ତି । ଏହା ହେବାଦ୍ୱାରା ସମସ୍ତ ଶ୍ରମିକର କଳୁଷିତ ମନୋଭାବ ବା ବାତାବରଣ ବହୁତ ଗର୍ଭରେ ଲୀନ ହୋଇଥାଏ ।

୮ । ମଙ୍ଗଳଜନକ କାର୍ଯ୍ୟ—ମଣିଷ ଯନ୍ତ୍ର ନୁହେଁ କି ପଶୁ ନୁହେଁ । ସେ ତା'ର ସଂରକ୍ଷଣ ପାଇଁ ଓ ମସ୍ତିଷ୍କର ବୃଦ୍ଧି ପାଇଁ ଯଥାକ୍ରମେ ଖାଦ୍ୟ ଓ ଆମୋଦପ୍ରମୋଦ ଦରକାର କରେ । ଏସବୁ କାରଖାନା ଭିତର ଓ ବାହାରର ମଙ୍ଗଳଜନକ କାର୍ଯ୍ୟଗୁଡ଼ିକ ଶ୍ରମିକକୁ ଉଚ୍ଚକୋଟୀର ସନ୍ତୋଷ ଦେବା ସଙ୍ଗେ ସଙ୍ଗେ ଚମତ୍କାରପ୍ରଦ ଉତ୍ପାଦନର କର୍ମପ୍ରେରଣା ଆଣିଦିଏ ।

୯ । ଅଯୌକ୍ତିକ ଶ୍ରମକୌଶଳ—ଅଳ୍ପ କେତେକ ପରିଚାଳନାକୁ ଗୁରୁତ୍ୱଦେଲେ ଶିଳ୍ପର ବିକାଶରେ ଶ୍ରମିକ ସଂଘ ବାଧା ଜନ୍ମାଉଛି ବୋଲି ବିଚାରିଥାନ୍ତି । କେବେ କେବେ ରାଜନୈତିକ ସ୍ତରରେ ପରିଚାଳନା ପକ୍ଷ ଗୋଟିଏ ଶ୍ରମିକ ସଂଘକୁ ଦଳିତ କରି ଅନ୍ୟ ଏକ ରାଜନୈତିକ ବିଶ୍ୱାସରେ ପ୍ରଣୋଦିତ ନୁହନ୍ତି । ଏହା ଶିଳ୍ପରେ ଅସୁସ୍ଥ ବାତାବରଣ ସୃଷ୍ଟି କରିଥାଏ ।

## ୮—ଶ୍ରମ ଆଇନ୍‌ର ବହୁଳତା—

ଭାରତ କେବଳ ଗୋଟିଏ ଏକମାତ୍ର ରାଷ୍ଟ୍ର, ଯେଉଁଠି ଗତ ଦୁଇଟି ଯୁଗ ଭିତରେ ବହୁ ରକମର ଓ ବହୁ ପ୍ରକାରର ଶ୍ରମ ଆଇନ ଶିଳ୍ପ କ୍ଷେତ୍ରରେ ପ୍ରଚଳନ କରି ଯାଇଅଛି । ଯଦ୍ୟପି ଏହା ଗୋଟିଏ ପ୍ରଗତିଶୀଳ ଧାରା ତଥାପି ଏତେଗୁଡ଼ିଏ ଶ୍ରମ ଆଇନ୍-କାନୁନ୍ ଜାରି ହେବା ଫଳରେ ସାଧାରଣ ଶ୍ରମିକ ଶିଳ୍ପ କ୍ଷେତ୍ରରେ ବହୁ ଗୋଳମାଳରେ ପଡ଼ିଥାନ୍ତି ।

## ୯—ସରକାରୀ ଦପ୍ତରର ଅସାମର୍ଥ୍ୟ ଓ ଦୁର୍ବଳତା—

(କ) ମିଳାମିଶା ଦପ୍ତର—ଆମ ଶିଳ୍ପ ସୌହାର୍ଦ୍ଦ୍ୟର ଦର୍ଶନଶାସ୍ତ୍ର ହେଲା—ପରସ୍ପର ବୁଝାମଣା, ମିଳାମିଶା ଓ ଶିଳ୍ପ ବିବାଦର ମୀମାଂସା । ସ୍ୱାଭାବିକ ଭାବରେ ମିଳାମିଶା ଦପ୍ତର ଦାୟିତ୍ୱପୂର୍ଣ୍ଣ ତଥା କଷ୍ଟସାଧ୍ୟ ଭୂମିକା ନେଇ ଗଠିତ କରିଥାଏ । ଶିଳ୍ପର ଶୃଙ୍ଖଳା ଅନୁଯାୟୀ ଏହି ଦପ୍ତରକୁ ନ୍ୟାୟାନ୍ୟାୟ ବିଚାରିବାରେ ଯଥେଷ୍ଟ କ୍ଷମତାପ୍ରଦାନ କରିବା ଏକାନ୍ତ ବାଞ୍ଛନୀୟ । ଦୁର୍ଭାଗ୍ୟବଶତଃ ଆମ ରାଜ୍ୟରେ ଶ୍ରମ ଅଧିକାରୀଙ୍କ ସ୍ୱଳ୍ପତା ଯୋଗୁଁ ଶିଳ୍ପ ବିବାଦର ନିଷ୍ପତ୍ତିଗୁଡ଼ିକ ଗୁଣାତ୍ମକ ହେବା ପରିବର୍ତ୍ତେ ପରିମାଣାତ୍ମକ ହୋଇ ଯାଉଛି । ଅଧିକନ୍ତୁ ସେମାନଙ୍କୁ ଉପଯୁକ୍ତ ସ୍ତର ଓ କ୍ଷମତା ନ ଦେଇଥିବା ଯୋଗୁଁ ସେମାନେ ଶିଳ୍ପ ବିବାଦ ମୀମାଂସାରେ ଦକ୍ଷତାର ସହିତ ଉଭୟ ପକ୍ଷକୁ ମୀମାଂସା ପାଇଁ ପରାମର୍ଶ ଦେଇ ପାରୁ ନାହାନ୍ତି । ତେଣୁ ରାଜ୍ୟର ମେଳକାଧିକାରୀମାନେ କେବଳ ଅନୁଗତକାର୍ଯ୍ୟ ବା ବିଫଳକୃତ ବିବରଣୀର ଅଧିକାଂଶ ହୋଇ ପଡ଼ୁଛନ୍ତି । ଏହା ଉଦ୍ୟୋଗର ପରିଚାଳନାରେ ଉନ୍ନତିବିଧାନ କରିବା ଦୂରେ ଥାଉ ବରଂ ଏହା ଶିଳ୍ପ ସ୍ୱାର୍ଥରେ ବାଧା ଉପୁଜାଉଛି ।

(ଖ) ସରକାରୀ ସ୍ତରରେ ନିରୁତ୍ସାହ—ଶିଳ୍ପ କ୍ଷେତ୍ରରେ ବିବାଦ ବିଚାର ନିଷ୍ପତ୍ତିର ବିଳମ୍ବ ଶ୍ରମିକ ମାଲିକ ସମ୍ପର୍କରେ ଗୁରୁତର ଅଶାନ୍ତି ଜନ୍ମାଇବା ସଙ୍ଗେ ସଙ୍ଗେ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ବାଧା ଆଣିଥାଏ । ଶିଳ୍ପ ବିବାଦ ଆଇନରେ ସରକାର କେତେ ଦିନ ଭିତରେ ଶିଳ୍ପ ବିବାଦ, ଶିଳ୍ପ ଅଦାଲତକୁ ପଠାଇବେ ତାହା ନିର୍ଦ୍ଦିଷ୍ଟ ହୋଇ ନାହିଁ । ଏହା ବହୁ ବାର ଦେଖା ଯାଇଛି ଯେ, ଶିଳ୍ପ ବିବାଦ ଆଇନର ଧାରା ୧୨ (୪) ଅନୁଯାୟୀ ବିଫଳକୃତ ବିବରଣୀ ସରକାରଙ୍କ ନିକଟକୁ ପଠାଗଲେ ମଧ୍ୟ ତାହା ତ...

ସ୍ତରରେ ବର୍ଷ ବର୍ଷ ଧରି ଏହା ଶିଳ୍ପ ଅଦାଲତକୁ ଯାଉଥିବା ଉପଯୁକ୍ତ କି ନୁହେଁ ତାହାର ବିଚାର ଆଲୋଚନା କେବଳ ଚାଲିଥାଏ । ସରକାରୀ ସ୍ତରରେ ନିଷ୍ପତ୍ତି ଶୀଘ୍ର ପାଇବା ପାଇଁ ଉଭୟ ପକ୍ଷରୁ ଚେଷ୍ଟା ହେଲେ ଉଚ୍ଚ ନ୍ୟାୟ ଅଦାଲତକୁ ଯିବାରେ ନଜିର ରହିଛି । ଏହା ଅବଶ୍ୟ ସରକାରଙ୍କର କର୍ମକୁଶଳ ପ୍ରକୃତା ଯୋଗୁଁ ହୋଇ ପାରେ । କିନ୍ତୁ ବିବାଦ ନିଷ୍ପତ୍ତିରେ ଅହେତୁକ ବିଳମ୍ବ ପରିଚାଳନା ଓ ଶ୍ରମିକମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସମ୍ପର୍କ ବେଳକୁ ବେଳ ତିକ୍ତ ହୋଇଥାଏ ।

(ଗ) ବିଚାର କର୍ତ୍ତୃପକ୍ଷ ଦପ୍ତରର ସ୍ୱଳ୍ପତା—ବିଳମ୍ବ ନ୍ୟାୟକୁ ପରାଜିତ କରିଥାଏ । ଶ୍ରମିକ ଓ ପରିଚାଳନା ମଧ୍ୟରେ ଏହା ଅଧିକ ଅଶୁଭ ସଙ୍କେତ ଉପସ୍ଥାପନ କରେ । ଶ୍ରମିକମାନେ ବାସ୍ତବ ନ୍ୟାୟ ପାଇବାରେ ବିଳମ୍ବ ହେଲେ ସେମାନେ ଅଧୈର୍ଯ୍ୟ ହୋଇ ପଡ଼ନ୍ତି ଓ ଆଇନ କାନୁନଠାରୁ ବିଶ୍ୱାସ ହରାନ୍ତି । ଉଭୟେ ମାଲିକ ଓ ଶ୍ରମିକ ପକ୍ଷର ଦ୍ୱିଧାପନ୍ନ କାର୍ଯ୍ୟକଳାପକୁ ସଦା ନାପସନ୍ଦ କରୁଥାଏ; ତାହାହେଲେ ରାଜ୍ୟର ବିଚାର କର୍ତ୍ତୃପକ୍ଷ ଦପ୍ତର ଚଞ୍ଚଳ କାର୍ଯ୍ୟକ୍ଷମ ଓ ସହଜସାଧ୍ୟ ହେବା ବାଞ୍ଛନୀୟ । ଦୁର୍ଭାଗ୍ୟବଶତଃ ଆମ ରାଜ୍ୟରେ ଏକମାତ୍ର ଶିଳ୍ପ ଅଦାଲତ ରହିଛି, ଯାହାକି ସମଗ୍ର ରାଜ୍ୟର ଶିଳ୍ପ ବିବାଦକୁ ବିଚାର କରିବ । ପୁନଶ୍ଚ ନିଷ୍ପତ୍ତିରେ ଅହେତୁକ ବିଳମ୍ବ ଯୋଗୁଁ ଧୈର୍ଯ୍ୟର ପରୀକ୍ଷା ଉଭୟ ପକ୍ଷ ମଧ୍ୟରେ ଅସମ୍ଭବ ଓ ଅବଶ୍ୟମ୍ଭାବୀ ହୋଇ ଉଠୁଛି । ଏହା ବାସ୍ତବରେ ନ୍ୟାୟର ମର୍ମକୁ ବଦଳାଇ ଶିଳ୍ପଶାନ୍ତିକୁ ବ୍ୟାହତ କରୁଛି ।

(ଘ) ଧାରାବାହିକ କାର୍ଯ୍ୟକାରିତା—ନ୍ୟାୟ କେବଳ କାଗଜ ପତ୍ରରେ ହେବା ଉଚିତ ନୁହେଁ । ଏହା ବାସ୍ତବରେ ପରିଣତ ହେବା ଉଚିତ । ଶ୍ରମ ଆଇନ ଅମାନ୍ୟକାରୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଦଣ୍ଡିତ କାର୍ଯ୍ୟାନୁଷ୍ଠାନ କରିବାରେ ଶ୍ରମ ଆଇନ ବହିଗୁଡ଼ିକରେ ସର୍ତ୍ତ ଅଛି, ଦୁର୍ଭାଗ୍ୟବଶତଃ ତାହା ଆଇନଗତ ଭାବରେ କାର୍ଯ୍ୟକାରୀ ହେଉନାହିଁ କି ଶ୍ରମ ଆଇନର ଆଇନଗତ ମର୍ମ ଲଗୁ ହେଉନାହିଁ । ତେଣୁ ମଙ୍ଗଳକାରୀ ଆଇନଗୁଡ଼ିକର ଫଳ ଯେଉଁମାନେ ଏଥିରୁ ମଙ୍ଗଳ ଉପଲବ୍ଧି କରିବାର କଥା, ସେମାନଙ୍କ ନିକଟରେ ପହଞ୍ଚୁନାହିଁ ।

# ଶ୍ରମ ଓ ଉତ୍ପାଦିକା ଶକ୍ତି

ତାପସ ଦତ୍ତ
ସାଧାରଣ ସମ୍ପାଦକ, ରାଉରକେଲା ଶ୍ରମିକ ସଂଘ

ଆମର ଆଲୋଚ୍ୟ ବିଷୟ ଶ୍ରମ ଓ ଉତ୍ପାଦିକା ଶକ୍ତି। ଯନ୍ତ୍ର ଓ କଞ୍ଚାମାଲ ଉତ୍ପାଦନ ସହିତ ଘନିଷ୍ଠ ଭାବେ ସଂପୃକ୍ତ ହେଲେ ହେଁ ମନୁଷ୍ୟର ଶ୍ରମ ଯେ ଉତ୍ପାଦନର ମୂଳ ଉତ୍ସ, ଏକଥା ଅସ୍ୱୀକାର କରାଯାଇ ପାରିବ ନାହିଁ। ଏପରିକି ହଜାର ହଜାର ବର୍ଷଧରି ମଣିଷର ଦୈହିକ ଓ ମାନସିକ ଶ୍ରମ ଫଳରେ ଆଜିର ଏହି ଯନ୍ତ୍ରର ବିକାଶ ହୋଇଛି ଏବଂ କଞ୍ଚାମାଲର ଅନୁସନ୍ଧାନ ଓ ତାକୁ ଉପଯୁକ୍ତ ଉଦ୍ଧାର କରିବା ଉଦ୍ୟମରେ ମଧ୍ୟ ମଣିଷର ଅକ୍ଳାନ୍ତ ପରିଶ୍ରମ ନିହିତ ହୋଇଛି। ଏଣୁ ସିଧାସଳଖ ଭାବରେ କୁହାଯାଇ ପାରେ ଯେ ଉତ୍ପାଦିକା ଶକ୍ତି ମୂଳରେ ମଣିଷ ଶ୍ରମ ଶକ୍ତିର ପ୍ରୟୋଗ ହିଁ ମୁଖ୍ୟ। ଶ୍ରମ ଶକ୍ତିର ବିକାଶ କେଉଁ ପରିମାଣରେ ଏବଂ କିପରି ଭାବରେ ପ୍ରୟୋଗ ହେଉଛି ତା ଉପରେ ହିଁ ଉତ୍ପାଦିକା ଶକ୍ତି ନିର୍ଭର କରେ।

ଏହି ଉତ୍ପାଦିକା ଶକ୍ତି ବିଷୟରେ ଅନେକେ ବିଭିନ୍ନ ପ୍ରକାର ମତ ବ୍ୟକ୍ତ କରିଛନ୍ତି। ସେମାନଙ୍କର ବକ୍ତବ୍ୟର ସାରାଂଶ ହେଉଛି—ଶ୍ରମିକଙ୍କୁ ଦାୟିତ୍ୱଶୀଳ କରିବାକୁ ହେବ, ସେମାନଙ୍କୁ ଏକଥା ବୁଝାଇବାକୁ ପଡ଼ିବ ଯେ ଦେଶର ଉନ୍ନତି ନିମନ୍ତେ ସେମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଏ ବିଷୟରେ ମଧ୍ୟ ଶ୍ରମିକ ସଂଘ ଗୁଡ଼ିକର ଯଥେଷ୍ଟ ଦାୟିତ୍ୱ ରହିଛି। କେହି କେହି ଶ୍ରମିକମାନଙ୍କୁ ପଇସାର ଲୋଭ ଦେଖାଇ ଉତ୍ପାଦନରେ ସେମାନଙ୍କର ଉତ୍ସାହ ଆଣିଥାନ୍ତି। ଅନ୍ୟ ଭାଷାରେ କହିଲେ କୁହାଯିବ ଯେ ଏହି ତଥାକଥିତ ଶ୍ରମିକ ଶ୍ରେଣୀର ମଙ୍ଗଳାକାଂକ୍ଷୀମାନେ ଶ୍ରମିକ ଦାରିଦ୍ର୍ୟର ସୁଯୋଗ ନେଇ ଅର୍ଦ୍ଧଭୁକ୍ତ ଶ୍ରମିକ ସମାଜକୁ ଅଳ୍ପ କିଛି ଅର୍ଥର ପ୍ରଲୋଭନରେ ସେମାନଙ୍କ ଉପରେ ଅଧିକା କାର୍ଯ୍ୟର ଦାୟିତ୍ୱ ଲଦି ଦେଇ ସମସ୍ତ ପ୍ରକାର ନିଜର ବ୍ୟକ୍ତିଗତ ସୁବିଧା ସୁଯୋଗ ହାସଲ କରିଥାନ୍ତି। ପୁଣି କେତେକ ମଧ୍ୟ ନିଜର ସୁବିଧା ସୁଯୋଗ ହାସଲ ପାଇଁ ଶ୍ରମିକମାନଙ୍କ ପ୍ରତି ସହାନୁଭୂତିମୂଳକ ମନୋଭାବ ପ୍ରଦର୍ଶନ କରିଥାନ୍ତି। ଆହୁରି କେତେକ ଶିଳ୍ପ କ୍ଷେତ୍ରରେ ଯାନ୍ତ୍ରୀକରଣ ଓ ସ୍ୱୟଂକ୍ରିୟ ଯନ୍ତ୍ରପାତିର ପ୍ରଚଳନ ପ୍ରଥା କରିଥାନ୍ତି। କିନ୍ତୁ ଅସଲ ପ୍ରଶ୍ନ—ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ଯାହା ଉପରେ ଶ୍ରମ ଓ ଉତ୍ପାଦିକା ଶକ୍ତି ମୁଖ୍ୟତଃ ନିର୍ଭର କରେ ସେହି କଥାଟିକୁ ସେମାନେ ଅତି ଚତୁରତାର ସହିତ ଆଡ଼େଇ ଦେବାକୁ ଚେଷ୍ଟା କରୁଅଛନ୍ତି। କେତେକ ସମାଜତାନ୍ତ୍ରିକ ବ୍ୟବସ୍ଥା ଅପେକ୍ଷା ପୁଞ୍ଜିବାଦୀ ବ୍ୟବସ୍ଥା ଉପରେ ଅଧିକ ପ୍ରାଧାନ୍ୟ ଦେଇ କହିଛନ୍ତି ଯେ ଶହେ ପଚାଶ ବର୍ଷ ପୂର୍ବରୁ ପୁଞ୍ଜିବାଦର ଯେଉଁ ପରିମାଣରେ ଶୋଷଣକାରୀ ଚରିତ୍ର ଥିଲା ବର୍ତ୍ତମାନ ପୁଞ୍ଜିବାଦର ସେ ଚରିତ୍ର ଆଉ ନାହିଁ।

ତେଣୁ ଆଜିର ମୂଳ ପ୍ରଶ୍ନ ହେଲା—ଶୋଷଣ ଓ ସାମାଜିକ ଅବିଚାର ଉପରେ ପ୍ରତିଷ୍ଠିତ ବର୍ତ୍ତମାନ ଏହି ପୁଞ୍ଜିବାଦୀ ବ୍ୟବସ୍ଥାକୁ ବଜାୟ ରଖି ଶ୍ରମିକଙ୍କୁ ମିଠା କଥା ଶୁଣାଇ, ଦେଶ ସ୍ୱାର୍ଥର କଥା କହି, କିଛି ସୁବିଧା ସୁଯୋଗ ଉପହାର ଦେଇ, ଶିଳ୍ପରେ ସ୍ୱୟଂକ୍ରିୟ ଯନ୍ତ୍ରର ପ୍ରଚଳନ କରାଇ, ମନୁଷ୍ୟର ଶ୍ରମ ଶକ୍ତିର ସୁପ୍ରୟୋଗ ଓ ଉତ୍ପାଦିକା ଶକ୍ତି ସମ୍ଭବ କି ନା! ସାମାଜିକ ଓ ଅର୍ଥନୈତିକ ବିଜ୍ଞାନର ଉତ୍ତର ହେବ ନାହିଁ। କାରଣ ପୁଞ୍ଜିବାଦୀ ବ୍ୟବସ୍ଥା ସାମାଜିକ ଅବିଚାର ଉପରେ ପ୍ରତିଷ୍ଠିତ ଏବଂ ଏ ବ୍ୟବସ୍ଥା ଦ୍ୱାରା ଶ୍ରମିକଙ୍କୁ ଶୋଷଣ କରି ଜଣେ ବ୍ୟକ୍ତି ବା ମୁଷ୍ଟିମେୟ କେତେ ଲୋକ ମୁନାଫାର ପାହାଡ଼ ଗଢ଼ୁଛନ୍ତି। ଏଣୁ ଯେ

ବ୍ୟବସ୍ଥା ମଧ୍ୟରେ ଶ୍ରମ ଶକ୍ତିର ବିକାଶ ଓ ଉତ୍ପାଦିକା ଶକ୍ତିର ଏ ବୃଦ୍ଧି ସମ୍ଭବ ନୁହେଁ । ପ୍ରଶ୍ନ କରିପାରନ୍ତି ସାମାଜିକ ଅଧିକାର କାହିଁକି ଦରକାର ? ଏହାର ସିଧା ସଳଖ ଉତ୍ତର ହେଲା—ଯେଉଁ ବ୍ୟବସ୍ଥାରେ ସମସ୍ତ ଉତ୍ପାଦନ ସାମାଜିକ ଉତ୍ପାଦନରେ ରୂପାନ୍ତରିତ ସେହି ବ୍ୟବସ୍ଥାରେ ଉତ୍ପାଦନ ଯନ୍ତ୍ର ନିୟନ୍ତ୍ରଣ ଓ ପୁଞ୍ଜି ନିୟୋଗର ଅଧିକାର ସମାଜ ହାତରେ ନରହି ମୁଷ୍ଟିମେୟ ଦଳେ ଲୋକଙ୍କ ହାତରେ ରହିଛି । ସେ ବ୍ୟବସ୍ଥା କଣ ସାମାଜିକ ଅଧିକାର ଉପରେ ପ୍ରତିଷ୍ଠିତ ନୁହେଁ । ଶ୍ରମିକ ସମାଜ ପାଇଁ କାମ କରେ । ଅଥଚ ବୁଝାଯାଏ ସେ ସେମାନେ ନିଜ ପାଇଁ କାମ କରନ୍ତି । ଅପର ପକ୍ଷରେ ମନୋଭାବ ଠିକ୍ ଏହିପରି ଯେ ମାଲିକମାନେ ପୁଞ୍ଜି ନିୟୋଗ କରି ଦେଶପାଇଁ ବହୁତ କିଛି କରୁଛନ୍ତି ବୋଲି କହୁଥାନ୍ତି ।

ଏଣୁ ସେମାନଙ୍କୁ ମୁଁ ଅତି ବିନମ୍ରଭାବରେ ସହିତ ଏକ ପ୍ରଶ୍ନ ପଚାରୁଛି । ମୋର ପ୍ରଶ୍ନ ହେଲା—ପୁଞ୍ଜିର ବ୍ୟବସ୍ଥା କିପରି ଘଟିଛି ହୋଇଛି ? ଇତିହାସର ସେହି ନିର୍ମମ ଓ ନଗ୍ନ ରକ୍ତାକ୍ତ କଳଙ୍କମୟ ଅଧ୍ୟାୟର କଥା ଇତିହାସର ପ୍ରତ୍ୟେକ ଛାତ୍ର ଜାଣନ୍ତି । କିପରି ମୁଷ୍ଟିମେୟ ଦଳେ ଲୋକ ଜୁଲମ୍, ବଳ ପ୍ରୟୋଗ, ଲୁଣ୍ଠନ ଓ ଦସ୍ୟୁବୃତ୍ତି ଦ୍ୱାରା ପ୍ରଚୁର ଧନରତ୍ନ ଅପହରଣ କରିଥିଲେ । ସେହି ଧନ ରତ୍ନ ହିଁ ଅର୍ଥନୈତିକ ବିକାଶର ଧାରାରେ ଆଜି ବ୍ୟକ୍ତିଗତ ପୁଞ୍ଜିରେ ରୂପାନ୍ତରିତ, ସେହି ବ୍ୟକ୍ତିଗତ ପ୍ରଚେଷ୍ଟାରେ ଯେଉଁ ପୁଞ୍ଜିର ବ୍ୟବସ୍ଥା ଓ ବିନିଯୋଗ ହୋଇଥିଲା ତା ଫଳରେ ଆଜି ଉତ୍ପାଦନ ଯନ୍ତ୍ରର ଉନ୍ନତି ହୋଇଛି ଓ ଅର୍ଥନୈତିକ ବିକାଶ ଦ୍ୱାରା ଦେଶର ସମସ୍ତ ଉତ୍ପାଦନ ସାମାଜିକ ଉତ୍ପାଦନରେ ରୂପାନ୍ତରିତ । ଆଜି ପୁଣି ସେହି ପ୍ରଶ୍ନ—ଯଦି ମାଲିକମାନେ ଏତେ ବେଶୀ ଦେଶପ୍ରେମୀ ହୋଇଥାନ୍ତି ତେବେ ଆଜିର ପରିବର୍ତ୍ତିତ ଅବସ୍ଥାରେ ଉତ୍ପାଦନ ଯନ୍ତ୍ରର ମାଲିକାନା ଓ ପୁଞ୍ଜି ନିୟୋଗର ସମସ୍ତ ଅଧିକାର ସମାଜ ହାତକୁ ଛାଡ଼ି ଦେବାପାଇଁ ସେମାନଙ୍କର ଆପତ୍ତି କାହିଁକି ? ଅଥଚ ସବୁ ପ୍ରକାର ପୌଷ୍ଟିକତା ସତ୍ତ୍ୱେ ସେମାନେ ଏହା ଉଚ୍ଚାରିବେ ନାହିଁ । କାରଣ ମୁହଁରେ ସେମାନେ ଯେତେ ବଡ଼କଥା, ଦେଶ କଥା, ସମାଜ କଥା କହନ୍ତୁ ନା କାହିଁକି ସମସ୍ତ କଥା ପଛରେ ସେମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ହେଲା ଶ୍ରମିକମାନଙ୍କୁ ଅଧିକ ଶୋଷଣ କରି ସମାଜର ବେଶୀ ଲୋକଙ୍କୁ ଠକେଇ ନିଜ ନିଜ ମୁନାଫାର ଅଙ୍କ ବୃଦ୍ଧି କରିବା । ଏପରି ସେଥିରେ ଶ୍ରମଶକ୍ତିର ବିକାଶ ଓ ଉତ୍ପାଦିକା ଶକ୍ତିର ବୃଦ୍ଧି ଏସବୁ କଥାର କୌଣସି ଅର୍ଥ ଥାଇ ପାରେ କି ? ଏ ସମସ୍ତ କଥା ସାଙ୍ଗରେ ପ୍ରକୃତରେ ପ୍ରଗତି ଓ ଅର୍ଥନୈତିକ ବିକାଶର କିଛି ସମ୍ପର୍କ ଅଛି କି ?

ବିଶ୍ୱସ୍ତରେ ଅଧିକରୁ ଅଧିକ ମୁନାଫା ଅର୍ଜନ ଓ ଶୋଷଣ ଉପରେ ପ୍ରତିଷ୍ଠିତ । ପୁଞ୍ଜିବାଦୀ ଅର୍ଥନୀତି ମୁଖ୍ୟତଃ ବଜାର ଉପରେ ନିର୍ଭରଶୀଳ ଏବଂ ଜନସାଧାରଣଙ୍କ କ୍ରୟ କ୍ଷମତା ଉପରେ ବଜାରର ଉଠିଆ ପଡ଼ିଆ ନିର୍ଭର କରେ । ଆମ ଭାରତ ବର୍ଷରେ ଶତକଡ଼ା ୭୦ରୁ ୭୫ ଭାଗ କୃଷୀ, ଯେଉଁମାନଙ୍କ ହାତରେ ଅଧ ଏକରରୁ ଦୁଇ ଏକର ପର୍ଯ୍ୟନ୍ତ ଭୂମି ଓ ଅଧିକାଂଶ ଭୂମିହୀନ କୃଷି ମୂଲିଆଙ୍କର ବର୍ଷରେ ୩।୪ ମାସ କାମ ଥାଏ ଓ ଅତି ଅଳ୍ପ ମଜୁରି ମଧ୍ୟ ସେମାନେ ପାଉଥାନ୍ତି । ତେଣୁ ସେହି କୃଷି ମୂଲିଆଙ୍କର କ୍ରୟ କ୍ଷମତା ଆଦୌ ନାହିଁ କହିଲେ ଚଳେ । ସହର ଓ ଶିଳ୍ପାଞ୍ଚଳରେ ଶ୍ରମିକ ଓ କର୍ମଚାରୀଙ୍କର ବେତନ ଯଥେଷ୍ଟ କମ୍ ଏବଂ ଜନସାଧାରଣଙ୍କ ମଧ୍ୟରୁ ଗୋଟାଏ ବିରାଟ ଅଂଶ ବେକାର ରହିଥିବାରୁ ସେମାନଙ୍କର କ୍ରୟ କ୍ଷମତା ମଧ୍ୟ ଅତ୍ୟନ୍ତ କମ୍ । ସାମଗ୍ରିକ ଭାବେ ଆଜ ଜନସାଧାରଣଙ୍କ କ୍ରୟ କ୍ଷମତା ନିମ୍ନ ସ୍ତରରେ ଥିବା ଫଳରେ ବଜାର ମାନ୍ଦା ଓ ଏଥିଯୋଗୁଁ ବହୁ କଳ କାରଖାନା ବନ୍ଦ ହୋଇଯାଉଛି ଓ ବେକାରୀ ଅବସ୍ଥା ମଧ୍ୟ ସୃଷ୍ଟି ହେଉଛି ।

ପୁଣି ସାଧାରଣ ଲୋକଙ୍କ କ୍ରୟ କ୍ଷମତା ଆହୁରି କମି ଯାଉଛି ଏବଂ ବଜାର ମାନ୍ଦା ହେବା ଫଳରେ ସଙ୍କଟ ସୃଷ୍ଟି ହେଉଛି । ପୁଣି ଅନ୍ୟ ପକ୍ଷରେ (ଅନ୍ୟ ଦେଶ ଭିତରେ) ମଧ୍ୟ ବଡ଼ ବଡ଼ ସାମ୍ରାଜ୍ୟବାଦୀ ଓ ପୁଞ୍ଜିବାଦୀ ଶକ୍ତିମାନଙ୍କ ସଙ୍ଗରେ ପ୍ରତିଯୋଗିତାରେ ଆମ ଦେଶ ପୁଞ୍ଜିପତିମାନଙ୍କୁ ବଜାର ମିଳିବା ଅସମ୍ଭବ ହୋଇ ଉଠିଛି । ଏହା ବ୍ୟତୀତ ଗତ ମହାଯୁଦ୍ଧ ପରେ ବିଶ୍ୱର ଏକ ତୃତୀୟାଂଶ ପରେ ସମାଜତନ୍ତ୍ର ବ୍ୟବସ୍ଥା କାଏମ ହେବା ଫଳରେ ବିଶ୍ୱ-ପୁଞ୍ଜିବାଦର ବଜାର ସଙ୍କୋଚ ହୋଇଛି । ଦ୍ୱିତୀୟ ମହାଯୁଦ୍ଧ ପୂର୍ବରୁ ବିଶ୍ୱ ପୁଞ୍ଜିବାଦୀ ବଜାରର ଯେଉଁ ସଂପୂର୍ଣ୍ଣ ଦୃଢ଼ତା ଥିଲା ଆଜି ଆଉ ତାହା ନାହିଁ । ଏହା ଫଳରେ ଆଜି ଆମ ଦେଶର ବ୍ରିଟେନ୍ ଫ୍ରାନ୍ସ ପ୍ରଭୃତି ଅତ୍ୟନ୍ତ ଶକ୍ତିଶାଳୀ ସାମ୍ରାଜ୍ୟ ପୁଞ୍ଜିବାଦୀ ଶକ୍ତି ସମୂହ ଦୁର୍ଦ୍ଦାନ୍ତ ଅର୍ଥନୈତିକ ସଙ୍କଟର ସମ୍ମୁଖୀନ । ଏହି ସଙ୍କଟରୁ ଉଦ୍ଧାରିବା ପାଇଁ ଏପରିକି କୃତ୍ରିମ ଉପାୟରେ ଦେଶରକ୍ଷା ବଜେଟ୍ ବଢ଼ାଇ ସାମରିକ ଅର୍ଥନୀତି କରି ମଧ୍ୟ ସଙ୍କଟରୁ ପରିତ୍ରାଣ ପାଇବା ସମ୍ଭବ ହେଉନାହିଁ । ଏପରି କ୍ଷେତ୍ରରେ ଭାରତବର୍ଷ ପରି ଗୋଟିଏ ଅନୁନ୍ନତ ପୁଞ୍ଜିବାଦୀ ଦେଶ ପକ୍ଷରେ ସଙ୍କଟ ଯେ କେତେ ତୀବ୍ର ତାହା ସ୍ପଷ୍ଟ ଅନୁମେୟ । ଏଣୁ ଆମେ ଦେଖିବାକୁ ପାଉଛୁ ଯେ ଗୋଟାଏ ଦିଗରେ ଉତ୍ପାଦିକା ଶକ୍ତି ଉପରେ ବନ୍ଧୁତା ଓ ଅଧିକ ମୁନାଫା ଆଶାରେ ସ୍ୱୟଂକ୍ରିୟ ଯନ୍ତ୍ର ପ୍ରଚଳନ, ଅନ୍ୟ ଦିଗରେ ପୁଣି ବହୁ ସଂଖ୍ୟକ କାରଖାନା ବନ୍ଦ—ଏହା ଫଳରେ ହଜାର ହଜାର ଶ୍ରମିକ କର୍ମଚ୍ୟୁତ ଛଟେଇ ହେଉଛନ୍ତି । ଫଳରେ ଲୋକଙ୍କ କ୍ରୟ କ୍ଷମତା ଦିନୁଦିନ ଆହୁରି କମି ଯାଉଛି ଏବଂ ଏହା ଫଳରେ ବଜାର ମାନ୍ଦା ପଡ଼ୁଛି । ବହୁ କାରଖାନାରେ, ବିଶେଷତଃ ସରକାର ପରିଚାଳିତ ଇସ୍ପାତ କାରଖାନାମାନଙ୍କରେ ଯେତିକି ଉତ୍ପାଦନ କରିବାର କଥା ତାହାଠାରୁ କମ ଉତ୍ପାଦନ କରାଯାଉଛି । କାରଣ ବଜାର ଅଭାବ

ଆଦେଶ ନାହିଁ । ଯେଉଁମାନେ ମୋ କଥାକୁ ବିଶ୍ୱାସ କରୁନାହାନ୍ତି ସେମାନଙ୍କୁ ମୁଁ ଅନୁରୋଧ କରୁଛି ସେମାନେ ରାଉରକେଲା ଇସ୍ପାତ କାରଖାନାର ପ୍ରବେଶ ଦପ୍ତରରେ ଅନୁସନ୍ଧାନ କରନ୍ତୁ । ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନମାନଙ୍କର ଚାହିଦା ମେଣ୍ଟାଇବା ସହିତ ଇସ୍ପାତ କାରଖାନାର ଇସ୍ପାତ ବ୍ୟବହୃତ ହୋଇଥାଏ । ପ୍ରଥମେ ନୂଆ କଳ କାରଖାନାର ନିର୍ମାଣ ସମ୍ଭାବନା ସୁଦୂର ପରାହତ । ଆମ ଏହି ଓଡ଼ିଶାରେ ବହୁ ହ୍ୟୁବସ୍ କାରଖାନା ବନ୍ଦ ହୋଇଯିବାରୁ ୫ ହଜାର ଶ୍ରମିକ ବେକାର ହୋଇଛନ୍ତି । କହିପାରିବେ ଏଠାରେ ନୂଆ କାରଖାନା କେଉଁଟି ନିର୍ମାଣ ହୋଇଛି ? ଧାନମଣ୍ଡଳରେ ଗୋଟିଏ କାରଖାନା କଳିଙ୍ଗ ଫାଉଣ୍ଡ୍ରି ଲିମିଟେଡ୍‌ରେ ବର୍ଷରେ ତିନି ଚାରି ମାସରୁ ମଧ୍ୟ ଚାହିଦା ଅଭାବରୁ ବେଶୀ କାମ ନ ଥାଏ । ଏପରି ଅବସ୍ଥାରେ ଶ୍ରମଶକ୍ତିର ଉପଯୁକ୍ତ ବିନିଯୋଗ ହେବା ସଙ୍ଗେ ସଙ୍ଗେ ଉତ୍ପାଦିକା ଶକ୍ତି ବୃଦ୍ଧି ପାଉଛି କି ? ଯେଉଁ ମାଲିକମାନେ କାର୍ଯ୍ୟ ଦିବସ ଦାମରେ ନାଗା ଓ ତାଲାବନ୍ଦ କରୁଛନ୍ତି ପୁଣି ସେହି ମାଲିକମାନେ ଉତ୍ପାଦନମୂଳକ ଯୋଜନାରେ ପଇସାର ଲୋଭ ଦେଖାଇ କାର୍ଯ୍ୟଭାର ବଢ଼ାଉଛନ୍ତି ଏବଂ ଉତ୍ପାଦନ ବୃଦ୍ଧି ପାଇଁ ସ୍ୱୟଂକ୍ରିୟ ଯନ୍ତ୍ରପାତି ପ୍ରଚଳନ କଥା କହୁଛନ୍ତି । ଏହି ବ୍ୟବସ୍ଥା ମଧ୍ୟରେ ଜନସାଧାରଣଙ୍କର କ୍ରୟ କ୍ଷମତା ଦିନୁଦିନ କମିଯିବା ଫଳରେ ବଜାର ମାନ୍ଦା ପଡ଼ୁଛି ଓ ଉତ୍ପାଦନର ଚାହିଦା ଦିନୁଦିନ କମି ଆସୁଛି ଏବଂ ଦେଶର ବେକାର ସମସ୍ୟା ତୀବ୍ରତର ରୂପ ଧାରଣ କରୁଛି । ସେପରି କ୍ଷେତ୍ରରେ ସ୍ୱୟଂକ୍ରିୟ ଯନ୍ତ୍ରର ପ୍ରବର୍ତ୍ତନ କଲେ ଦେଶର ବେକାର ସମସ୍ୟା ଆହୁରି ଭୟାବହ ଆକାର ଧାରଣ କରିବ ନାହିଁ କି ? ଏପରି ସ୍ଥଳେ ଯେଉଁମାନେ ସ୍ୱୟଂକ୍ରିୟ ଯନ୍ତ୍ର ପ୍ରଚଳନ ଦ୍ୱାରା ଉତ୍ପାଦନ ବୃଦ୍ଧି କରିବା କଥା କହୁଛନ୍ତି ତଥା ଦେଶର ଶ୍ରୀବୃଦ୍ଧି କରିବା କଥା କହୁଛନ୍ତି ସେମାନଙ୍କ ଅସଲ ଉଦ୍ଦେଶ୍ୟ ହେଲା ଶ୍ରମ

ମିଠା କଥା ପଛରେ ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀଙ୍କୁ ବେକାର କରିଦେଇ—ଉତ୍ପାଦନ ଖର୍ଚ୍ଚ କମାଇ ନିଜ ନିଜର ଲାଭ ଅଙ୍କକୁ ଯେ ଆହୁରି ବୃଦ୍ଧି କରିବା ଏଥିରେ କୌଣସି ସନ୍ଦେହ ନାହିଁ । ଏକଥା ଠିକ୍ ଯେ ସ୍ୱୟଂକ୍ରିୟ ଯନ୍ତ୍ରପାତିର ପ୍ରଚଳନ ମଣିଷର ବୈଜ୍ଞାନିକ ଗବେଷଣାର ଗୋଟିଏ ଅପୂର୍ବ ଅବଦାନ । ସାଧାରଣ ଲୋକଙ୍କ ଦୈନିକ—ପରିଶ୍ରମ ବହୁ ପରିମାଣରେ ଲାଘବ ହୋଇପାରେ ଏବଂ ଉତ୍ପାଦନ ବୃଦ୍ଧି ଫଳରେ ମଣିଷର ଜୀବନ ଯାପନର ମାନ ଆହୁରି ଉନ୍ନତ ହୋଇପାରେ । କିନ୍ତୁ ଯେଉଁ ସ୍ୱୟଂକ୍ରିୟ ଯନ୍ତ୍ରପାତିର ପ୍ରଚଳନକୁ ଆମର ସାଦର ଅଭ୍ୟର୍ଥନା କରିବାର କଥା ତାହା ଆଜି କରି ପାରୁନାହୁଁ କାରଣ—ବର୍ତ୍ତମାନ ସମାଜ ପ୍ରଗତି ତଥା ଶିଳ୍ପ ବିପ୍ଳବର ପ୍ରତିବନ୍ଧକ ପୁଞ୍ଜିବାଦୀ ବ୍ୟବସ୍ଥାରେ ତାକୁ ଆମେ ବୈରୀ ପରି ମନେ କରୁଥାଉଁ କାରଣ ବର୍ତ୍ତମାନ ଅବସ୍ଥାରେ ତାହା ପ୍ରବର୍ତ୍ତନ ଫଳରେ ବେକାରୀ ଓ ଅର୍ଥନୈତିକ ଦୁର୍ଯୋଗ ଆହୁରି ଭୟାବହ ଆକାର ଧାରଣ କରିବ । ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କୁ ଦେଶର ଖାଦ୍ୟ ସମସ୍ୟା ସମାଧାନ କଳ୍ପେ କୃଷିରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର କଥା ପୁଚ୍ଛାଯିବାରୁ ସେ ଉତ୍ତେଜିତ ଭାବେ ଜବାବ ଦେଇଥିଲେ—ପାଗଳ ହେଲ, କୃଷିରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରାଗଲେ ଦେଶର ଯେଉଁ ଲକ୍ଷ ଲକ୍ଷ ବେକାର ସୃଷ୍ଟି ହେବେ ସେ ସମସ୍ୟାର ସମାଧାନ ହେବ କିପରି । ଆଜି ପୁଞ୍ଜିବାଦର ଉଭୟ ଆଡ଼୍ ସଙ୍କଟ । ଯଦି ଖାଦ୍ୟ ସମସ୍ୟା ସମାଧାନ ପାଇଁ କୃଷିରେ ଯନ୍ତ୍ରପାତି ବ୍ୟବହାର କର ତେବେ ଦେଶସାରା ବେକାର । ସେହିପରି ଉତ୍ପାଦନ ବୃଦ୍ଧି ପାଇଁ ସ୍ୱୟଂକ୍ରିୟ ଯନ୍ତ୍ର ବ୍ୟବହାର କର ତେବେ ଦେଶସାରା ବେକାର ସମସ୍ୟା ଦେଖାଦେବ—ଏହା ଫଳରେ ଲୋକଙ୍କ କ୍ରୟ କ୍ଷମତା ଆହୁରି କମିଯିବ, ବଜାର ମାନ୍ଦା ହେବ ଏବଂ କାରଖାନା ବନ୍ଦ, ନୂଆ ନୂଆ ରୂପରେ ବେକାରୀ ଅବସ୍ଥା ସୃଷ୍ଟି ହେବ । ଆଉ ଯଦି ତାହା ନ କର ତେବେ ଖାଦ୍ୟ ସମସ୍ୟା ଓ ଉତ୍ପାଦନ ମାନ୍ଦା ହେବ । ସୁତରାଂ ଅଭାବ, ଅନାଟନ, ଅନାହାର, ଦୁର୍ଭିକ୍ଷ ଓ ଅର୍ଥନୀତିରେ ମାନ୍ଦା ଅବସ୍ଥା ଲାଗି ରହିବ । ବର୍ତ୍ତମାନ ପୁଞ୍ଜିବାଦ ବ୍ୟବସ୍ଥା ଏପରି ଗୋଟିଏ ସୀମାରେ ଆସି ପହଞ୍ଚିଲାଣି ଯେ ସେ ସଙ୍କଟରୁ ପରିତ୍ରାଣ ପାଇବା ଭଳି ଆଉ କୌଣସି ସମ୍ଭାବନା ନାହିଁ । ଗୋଟାଏ ସଙ୍କଟରୁ ଯଦିବା ସେ ମୁକ୍ତି ପାଇଲା ପୁଣି ନୂଆ ଏକ ସଙ୍କଟ ତ ସାମନାରେ ଆସି ଉପସ୍ଥିତ ହେଲାଣି ।

ଅଥଚ ଦଳେ ଲୋକ ମାର୍କିନ ବଣିଆ କଥା ଧାରି ନେଇ ଗାଇ ବୁଲୁଛନ୍ତି ଯେ, ବର୍ତ୍ତମାନ ପୁଞ୍ଜିବାଦ ପ୍ରଗତିଶୀଳ । ସେମାନେ ବଡ଼ ପାଟିରେ କହି ବୁଲୁଛନ୍ତି ଯେ ଆଜି ଆଉ ପୁଞ୍ଜିବାଦ ବ୍ୟବସ୍ଥାରେ ଶୋଷଣ ନାହିଁ । କିନ୍ତୁ ଇତିହାସରେ ଏହାର ବିପରୀତ ଅବସ୍ଥା ଦେଖିବାକୁ ମିଳେ । ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେଉଁଦିନ କି "ପୁଞ୍ଜି" ତାର ଏକଚାଟିଆ ରୂପ ଧାରଣ କରି ନ ଥିଲା—ଯେତେବେ ପୁଞ୍ଜି ଲଗ୍ନୀ ପୁଞ୍ଜିରେ ରୂପାନ୍ତରିତ ହୋଇ ସାମ୍ରାଜ୍ୟବାଦୀ ଚରିତ୍ର ଧାରଣ କରି ନ ଥିଲା, ସେହି ପ୍ରତିଯୋଗିତାମୂଳକ ପୁଞ୍ଜିବାଦର ଶୋଷଣମୂଳକ ଚରିତ୍ର ଥିବା ସତ୍ତ୍ୱେ ବି ବରଂ ସେଦିନ ଉତ୍ପାଦନର ବିକାଶ ଓ ସମାଜର ଅଗ୍ରଗତି ଦିଗରେ ତାର ଗୋଟାଏ ସର୍ବମସ୍ତ ପ୍ରଗତିଶୀଳ ଭୂମିକା ଥିଲା—ସେଦିନ ସେହି ପୁଞ୍ଜିବାଦ ବିଭିନ୍ନ ଦେଶର ଶିଳ୍ପ ବିପ୍ଳବକୁ ଆଗେଇ ନେଇ ଯାଇଥିଲା । କିନ୍ତୁ ଆଜି କ୍ଷୟିଷ୍ଣୁ ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ ଯୁଗରେ ନିଜ ନିଜ ଦେଶର ଶ୍ରମିକ ଶ୍ରେଣୀ ଉପରେ ଏକଚାଟିଆ ଲଗ୍ନୀ ପୁଞ୍ଜିର ଅଧିକ ଶୋଷଣ ଓ ଅତ୍ୟାଚାର ଏବଂ ଉପନିବେଶର ଜନସାଧାରଣଙ୍କ ଉପରେ ଅକଥ୍ୟ ଶୋଷଣ ଓ ଅତ୍ୟାଚାର ଏକ ଚୂଡ଼ାନ୍ତ ରୂପ ଧାରଣ କରିଛି । ବଜାର ମାନ୍ଦା ଓ ଅଭ୍ୟନ୍ତରୀଣ ସଙ୍କଟର ତୀବ୍ରତା, ବୈଦେଶିକ ବଜାର ସଙ୍କୋଚ ଫଳରେ

ବିଶ୍ୱ ପୁଞ୍ଜିବାଦୀ ବ୍ୟବସ୍ଥାରେ ସର୍ବାଧିକ ସ୍ଥାୟିତ୍ୱର ଅଭାବ ହେତୁ ଆଜି ଆଉ ପୁଞ୍ଜିବାଦ ବ୍ୟବସ୍ଥାରେ ଶିଳ୍ପ ବିପ୍ଳବ ସମ୍ଭବ ନୁହେଁ । ଦିନେ ପ୍ରଗତିଶୀଳ ବୁର୍ଜୁଆ ଶ୍ରେଣୀର ପ୍ରତିଷ୍ଠାତା ଏବ୍ରାହମ ଲିଙ୍କନ ସାମ୍ୟ ମୈତ୍ରୀ—ସ୍ୱାଧୀନତାର ଯେଉଁ ଝଣ୍ଡା ଉତ୍ତୋଳନ କରିଥିଲେ ଆଜି ତାଙ୍କର ଦେଶ ଆମେରିକାରେ ସେହି ଝଣ୍ଡା ଧୂଳିରେ ଲୁଣ୍ଠିତ । ଯେଉଁ ବର୍ଣ୍ଣ ବୈଷମ୍ୟକୁ ଦୂର କରିବାକୁ ଯାଇ ସେ ନିଜେ ପ୍ରାଣ ବିସର୍ଜନ କରିଥିଲେ—ଆଜି ପୁନରାୟ ସେହି ବର୍ଣ୍ଣ ବୈଷମ୍ୟ ନିଗ୍ରୋ ନିର୍ଯ୍ୟାତନା ସେଠାରେ ଏକ ଚରମ ଆକାର ଧାରଣ କରିଛି । ଅଳ୍ପ କେଇଦିନ ପୂର୍ବେ ନିଗ୍ରୋ ନେତା ମାର୍ଟିନ୍ ଲୁଥର କିଙ୍ଗ୍‌ଙ୍କୁ ନୃଶଂସ ଭାବରେ ହତ୍ୟା କରାଯାଇଛି । ପ୍ରତିଟି ଦେଶରେ ମାର୍କିନ ସାମ୍ରାଜ୍ୟବାଦୀ ଶକ୍ତିର ନଗ୍ନ ଆକ୍ରମଣ ଭିଏତ୍‌ନାମରେ ଜଘନ୍ୟ ଯୁଦ୍ଧ, ଯାହାର ବଳୀ ହେଉଛନ୍ତି ଲକ୍ଷ ଲକ୍ଷ ନିରୀହ ଭିଏତ୍‌ନାମୀ ଜନସାଧାରଣ । ଏହାହିଁ ହେଉଛି ବର୍ତ୍ତମାନର ସାମ୍ରାଜ୍ୟବାଦୀ—ପୁଞ୍ଜିବାଦୀ ଆମେରିକାର ଅସଲ ଚେହେରା । କେବଳ ମାତ୍ର ଆମେରିକାରେ ନୁହେଁ, ଗଣତନ୍ତ୍ରର ପୀଠସ୍ଥାନ ଇଂଲଣ୍ଡରେ ମଧ୍ୟ ଆଜି ବର୍ଣ୍ଣବୈଷମ୍ୟ ଚୂଡ଼ାନ୍ତ ରୂପ ଧାରଣ କରିଛି । ଆମ ଦେଶରେ ମଧ୍ୟ ସାମ୍ପ୍ରଦାୟିକତା, ଭାଷା, ବିଦ୍ୱେଷ, ବର୍ଣ୍ଣ ବିଦ୍ୱେଷ ଆଜି ନୂଆ ରୂପରେ ମୁଣ୍ଡ ଟେକୁଛି । ମଝି ମଝିରେ ଦଙ୍ଗା ହେଙ୍ଗାମାରେ ହଜାର ହଜାର ନିରୀହ ଲୋକ ପ୍ରାଣ ହରାଉଛନ୍ତି ଏବଂ ଗୃହହରା ହେଉଛନ୍ତି । ଏହାହିଁ ହେଉଛି ବର୍ତ୍ତମାନ ଦୁନିଆବ୍ୟାପୀ ପୁଞ୍ଜିବାଦୀ ବ୍ୟବସ୍ଥାର ଅସଲ ଚେହେରା ।

ପୁଞ୍ଜିବାଦୀ ଶ୍ରେଣୀ ଶ୍ରମିକ ଐକ୍ୟକୁ ବିନଷ୍ଟ କରିବା ଲାଗି ବିଭେଦ ସୃଷ୍ଟିକାରୀ ଶକ୍ତିମାନଙ୍କୁ ଉତ୍ସାହିତ କରୁଛି । ଶ୍ରମିକଙ୍କର ଯେଉଁ ବିପ୍ଳବୀ ଐକ୍ୟବଦ୍ଧ ସଂଘ ଶକ୍ତି ପୁଞ୍ଜିବାଦ ବିରୋଧୀ ବିପ୍ଳବର ପ୍ରଧାନ ହତିଆର— ଶ୍ରମିକଙ୍କର ସେହି ବିପ୍ଳବୀ ଐକ୍ୟ ଓ ସଂଘ ଶକ୍ତିକୁ ହେଉଛି ଉତ୍ପାଦିକା ଶକ୍ତି ବୃଦ୍ଧିର ମୂଳ ବୁନିଆ[...] କିନ୍ତୁ ମାଲିକଶ୍ରେଣୀ ଉତ୍ପାଦନ ବୃଦ୍ଧି କରିବା [...] କରିବା ସତ୍ତ୍ୱେ ମଧ୍ୟ ବାସ୍ତବରେ ସେମାନ[...] ପ୍ରତିକ୍ରିୟାଶୀଳ ଚରିତ୍ର ଓ ବିପ୍ଳବଭୀତି [...] ନାନା ପ୍ରକାର ବିଭ୍ରାନ୍ତିମୂଳକ ପ୍ରଚାର ଓ [...] ସଂଗଠନ ସୃଷ୍ଟି କରି ଶ୍ରମିକମାନଙ୍କର ଐକ୍ୟ [...] ସଂଘଶକ୍ତିକୁ ବିନଷ୍ଟ କରିବା ପାଇଁ ଚେଷ୍ଟା କରିଥାନ୍ତି [...] ପୁଞ୍ଜିବାଦର ଖୁଣ୍ଟିଆଟଳେ ଓ ପୁଞ୍ଜିବାଦର ପ୍ରଭା[...] ତଳେ ଲାଳିତ ପାଳିତ ଏପରି ଦଳେ [...] ସାମାଜିକ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ[...] ଶ୍ରମିକ ସଂଗଠନ ଓ ଶ୍ରମିକ ଆନ୍ଦୋଳନଗୁଡ଼ିକୁ— ଉତ୍ପାଦନ ବୃଦ୍ଧି ପଥେ ପ୍ରଧାନ ଅନ୍ତରାୟ [...] ଆଖ୍ୟା ଦେଇ ନିର୍ଲଜ୍ଜ ଭାବରେ ତାଙ୍କର ଅଭିମତ ପ୍ରକା[...] କରିଥାନ୍ତି । ଦେଶପ୍ରେମିକ ଓ ଗଣତାନ୍ତ୍ରିକ ପ୍ରତ୍ୟେ[...] ସତ୍ ନାଗରିକଙ୍କର ଆଜି ପରିଷ୍କାର ଭାବେ ଜାଣି[...] ଦରକାର ଯେ ସାମାଜିକ ଅନ୍ୟାୟ ବିରୁଦ୍ଧରେ ଶ୍ରମି[...] ଶ୍ରେଣୀର ପ୍ରତିଟି ଆନ୍ଦୋଳନ ଉତ୍ପାଦନର ପ୍ରତିବନ୍ଧ[...] ନୁହେଁ । ଉପରନ୍ତୁ ଏ ସମସ୍ତ ଆନ୍ଦୋଳନର ଉଦ୍ଦେଶ୍ୟ[...] ହେଲା ଉତ୍ପାଦିକା ଶକ୍ତିର ପ୍ରତିବନ୍ଧକ ହୋଇଥିବା ଏହି ପୁଞ୍ଜିବାଦର ଅବସାନ ଘଟାଇ ଉତ୍ପାଦନ[...] ବିକାଶ ଓ ଶ୍ରମ ଶକ୍ତି ସଙ୍ଗରେ ଉନ୍ନତତର [...] ଏପରି ଭାବେ ପ୍ରଯୁକ୍ତି ଘଟାଇବା ଯାହା ଫଳରେ ଏ ଉତ୍ପାଦିକା ଶକ୍ତି ଓ ଶିଳ୍ପ ବିପ୍ଳବ ଅବ୍ୟାହତ ଭାବେ ଅଗ୍ରସର ହୋଇ ପାରିବ ।

ଏଥିରୁ ସ୍ପଷ୍ଟ ଯେ ସାମାଜିକ ଅବସ୍ଥାର ଉପରେ [...] ପ୍ରତିଷ୍ଠିତ ଆଜିର ଏହି ପୁଞ୍ଜିବାଦୀ ବ୍ୟବସ୍ଥାରେ ଉତ୍ପାଦନର ମୂଳ ଉତ୍ସ ଶ୍ରମିକଶ୍ରେଣୀ ଉପରେ ଅର୍ଥ- ନୈତିକ ଶୋଷଣ ଫଳରେ ଶ୍ରମଶକ୍ତିର ବିକାଶ [...] ଭାବ ପୂର୍ଣ୍ଣ ବ୍ୟବହାର ଉଚିତ ସମ୍ଭବ ନୁହେଁ । ବର୍ତ୍ତମାନ [...] ପୁଞ୍ଜିବାଦ ବଜାର ମାନ୍ଦା ଓ ଅର୍ଥନୈତିକ ସଙ୍କଟ[...]

( ୪୯ ପୃଷ୍ଠା ଦେଖନ୍ତୁ )


# ଉତ୍କୃଷ୍ଟ ଧାନ—ପଦ୍ମା

କୃଷି ବୈଜ୍ଞାନିକମାନେ ଯେଉଁଦିନ "ତାଇଚୁଙ୍ଗ" ଧାନର ଆବିଷ୍କାର କଲେ ସମସ୍ତ କୃଷି ଇତିହାସରେ ତାହା ଥିଲା ଏକ ସ୍ମରଣୀୟ ଦିବସ । ଏହାପରେ ଆଇ. ଆର.-୮ ମଧ୍ୟ ଆବିଷ୍କୃତ ହେଲା । "ଆଇ. ଆର. ୮"କୁ ଲୋକେ "କୁତୁକ ଧାନ" ଆଖ୍ୟା ଦେଲେ । ଓଡ଼ିଶାର ଯେଉଁ ଅଞ୍ଚଳରେ ଏକରପ୍ରତି ମାତ୍ର ୧୨ରୁ ୧୫ ମହଣ ଧାନ ଫଳୁଥିଲା, ସେଠାରେ ତାଇଚୁଙ୍ଗ ଧାନରୁ ଫଳିଲା ୧୨୯ ମହଣ । ବର୍ଗୋଲର ଶ୍ରୀ ବିଶ୍ୱାଳ ନିଜ ଜମିରୁ ଏହି ପରିମାଣରେ ଧାନ ଅମଳ କରି ସାରା ଓଡ଼ିଶାର ଦୃଷ୍ଟି ଆକର୍ଷଣ କରିଥିଲେ ।


କିନ୍ତୁ ଏବେ ତାଇଚୁଙ୍ଗ ଧାନରୁ ଓଡ଼ିଶାର ଅନ୍ୟ ଏକ ଲୋକପ୍ରିୟ ଧାନର (ଟି-୧୪୧) ସଙ୍ଗମ କରାଇ ଏକ ନୂତନ କିସମର ଧାନ ଆବିଷ୍କାର କରାଯାଇଛି । କଟକସ୍ଥିତ କେନ୍ଦ୍ର ଧାନଗବେଷଣା କେନ୍ଦ୍ରରେ ଆବିଷ୍କୃତ ଏହି ନୂତନ ଧାନର ନାମ ରଖାଯାଇଛି "ପଦ୍ମା" । ଏହା ତାଇଚୁଙ୍ଗ ଧାନଠାରୁ ମଧ୍ୟ ଉତ୍କୃଷ୍ଟ । ତାଇଚୁଙ୍ଗ ଧାନ ତୁଳନାରେ ଏହା ସାତରୁ ଦଶ ଦିନ ଆଗରୁ ପାଚିଯାଏ । ଏହାର ଦାନାଗୁଡ଼ିକ ଅପେକ୍ଷାକୃତ ଉତ୍କୃଷ୍ଟ ।

କେନ୍ଦ୍ର ଶସ୍ୟ କିସମ ମୁକ୍ତ କମିଟି ଦ୍ୱାରା ୧୯୬୮ ମସିହା ଡିସେମ୍ବର ୨୩ ତାରିଖରେ "ପଦ୍ମା" କିସମକୁ ନିୟମିତ ଚାଷପାଇଁ ମୁକ୍ତ ଦିଆଗଲା । ଏହିବର୍ଷ ମଧ୍ୟରେ କେତେକ ସ୍ଥାନରେ ଏହି କିସମ "ଜାତୀୟ ପ୍ରଦର୍ଶନୀ" ମଧ୍ୟ କରାଗଲା । କଲଡା ଓ ଆଉ ସହିତ ଏହି କିସମର ଫସଲ ଆବର୍ତ୍ତନ ମଧ୍ୟ କରାଗଲା । ଲବଣୀଯୁକ୍ତ, ମରୁଡ଼ି ଆଦି ପ୍ରତି ଏହାର କଉଣ ପ୍ରତିକ୍ରିୟା ଦେଖାଯାଉଛି, ତାହାର ମଧ୍ୟ କଳନା କରାଗଲା । ଏହିସବୁ ବ୍ୟବସ୍ଥା ପରେ ଯଥେଷ୍ଟ ବିହନ ମଧ୍ୟ ଉତ୍ପାଦନ କରାଯାଇପାରିଲା । ଜାତୀୟ ବିହନ କର୍ପୋରେସନ ଚଳିତ ୧୯୬୯ ମସିହାରେ ପ୍ରାୟ ୩,୦୦୦ ଏକର ଜମିରେ ଏହି କିସମର ବିହନ ଉତ୍ପାଦନର ବ୍ୟବସ୍ଥା କରିଛନ୍ତି । ଆଶା କରାଯାଏ ଯେ ଚଳିତବର୍ଷର ଖରିଫ୍ ଋତୁରେ ପ୍ରାୟ ୭ ଲକ୍ଷ ଏକର ଜମିରେ ଚାଷପାଇଁ ଯଥେଷ୍ଟ "ପଦ୍ମା" ବିହନ ମିଳିପାରିବ ।

ଏହା ଜଣାଶୁଣା କଥା ଯେ ଉତ୍କୃଷ୍ଟ କିସମର ଦାନା ହେଲେ, ଶସ୍ୟରେ ଉତ୍ପାଦନ ପରିମାଣ କିଛି କମ୍ ହୋଇଥାଏ । "ପଦ୍ମା"ର ଗୁଣ "ତାଇଚୁଙ୍ଗ"ର ଗୁଣଠାରୁ ଉତ୍କୃଷ୍ଟ । ତେଣୁ ତାଇଚୁଙ୍ଗ ତୁଳନାରେ



ଜାମ୍ବାନା ନିକଟସ୍ଥ ଉପତ୍ୟକା



କୋରଣ୍ଡା ଜଳପ୍ରପାତ

# ଚତୁର୍ଥ ଯୋଜନାରେ କୃଷି

କିଛିଦିନତଳେ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଟା ପ୍ରକାଶ ପାଇଛି । ଏହି ଯୋଜନାଟି ୧୯୬୯ ମସିହାଠାରୁ ୧୯୭୪ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଚତୁର୍ଥ ଯୋଜନାରେ ମୋଟ ୨୪,୩୯୮ କୋଟି ଟଙ୍କା ଖର୍ଚ୍ଚର ଅଟକଳ କରାଯାଇଛି । ଏଥି-ମଧ୍ୟରୁ କେବଳ କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ରରେ ୩,୪୬୭ କୋଟି ଟଙ୍କା ଖର୍ଚ୍ଚର ଅଟକଳ କରାଯାଇଛି ।

କୃଷିକ୍ଷେତ୍ରରେ ଚତୁର୍ଥ ଯୋଜନାର ଦୁଇଟି ପ୍ରଧାନ ଦ୍ଦେଶ୍ୟ ରହିଛି । ପ୍ରଥମ ହେଉଛି ଏହି ଯେ ଆଗାମୀ ଶବର୍ଷସାଏ କୃଷି ଉତ୍ପାଦନ ଯେପରି ଶତକଡ଼ା ୫ଭାଗ ଦ୍ଧି ପାଏ, ସେଥିପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ବା । ଦ୍ୱିତୀୟଟି ହେଉଛି ଛୋଟ ଛୋଟ ଚାଷୀ ମେତ ଗ୍ରାମାଂଚଳରେ ବହୁସଂଖ୍ୟକ ଲୋକ ଯେପରି କାଶ ଯୋଜନାମାନଙ୍କରେ ଭାଗ ନେଇ ଏହାର ଅଂଶ ଗ୍ରହଣ କରନ୍ତି, ତାହାର ବ୍ୟବସ୍ଥା କରିବା । ତି ଅନୁସାରେ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ଦୁଇଟି ଶୀସ୍ତରେ ପ୍ରସ୍ତୁତ କରାଯାଇଛି । ଗୋଟିଏ ହେଉଛି କୃଷି ଉତ୍ପାଦନ ବୃଦ୍ଧି କରିବା, ଅନ୍ୟଟି ହେଉଛି ଏ କ୍ଷେତ୍ରରେଥିବା ବୈଷମ୍ୟ ଦୂର କରିବାକୁ ଆବଶ୍ୟକୀୟ ବ୍ୟବସ୍ଥା କରିବା ।

## କୃଷିର ସାଫଲ୍ୟହିଁ ଯୋଜନାର ସାଫଲ୍ୟ

କୃଷିର ସାଫଲ୍ୟ ଚତୁର୍ଥ ଯୋଜନାର ଏକ ପ୍ରଧାନ ଲକ୍ଷ୍ୟ । ବାସ୍ତବରେ କୃଷିର ସାଫଲ୍ୟ ଉପରେ ଯୋଜନାର ସାଫଲ୍ୟ ନିର୍ଭର କରେ । ତେଣୁ ଶତକଡ଼ା ୫ଭାଗ ବୃଦ୍ଧିର ଲକ୍ଷ୍ୟକୁ କୃଷି ବିକାଶର ପ୍ରଧାନ ଭିତ୍ତି ରୂପେ ଧରାଯାଇଛି ।

ଏଭଳି ଲକ୍ଷ୍ୟ ସ୍ଥିର କରିବାର କାରଣ କଣ ? ଏହାର ପ୍ରଧାନ କାରଣ ହେଉଛି ଏହିଯେ ୧୯୭୦-୭୧ ମସିହା ସୁଦ୍ଧା ବିଦେଶରୁ ଖାଦ୍ୟଶସ୍ୟ ଆମଦାନୀ ବନ୍ଦ କରାଯିବ ବୋଲି ସ୍ଥିର ହୋଇଛି । କେବଳ ଲମ୍ବା ଆଁଶ ବିଶିଷ୍ଟ କପା ଛଡ଼ା ଅନ୍ୟାନ୍ୟ କୃଷି ଦ୍ରବ୍ୟର ଆମଦାନୀ ମଧ୍ୟ ଯଥାସମ୍ଭବ ଶୀଘ୍ର ବନ୍ଦ କରାଯିବ ।

କୃଷି ଉତ୍ପାଦନ ବୃଦ୍ଧି କରିବାପାଇଁ ଯେଉଁ ପ୍ରଣାଳୀମାନ ଅନୁସରଣ କରାଯିବ, ସେଥିମଧ୍ୟରେ

"ସଘନ କୃଷି ପ୍ରଣାଳୀ" ପ୍ରଧାନ । ୫ଟି ମୁଖ୍ୟ ବିଷୟକୁ ନେଇ ଏହି ପ୍ରଣାଳୀଟି ପ୍ରସ୍ତୁତ । ଯଥା —

୧ । ଅଧିକ ଅଂଚଳରେ ଜଳ ସେଚନବ୍ୟବସ୍ଥା କରାଇବା ଏବଂ ପ୍ରଚଳିତ ଜଳସେଚନ ବ୍ୟବସ୍ଥାର ଉନ୍ନତି କରାଇବା ।

୨ । ଅଧିକ ପରିମାଣରେ ସାର, ରୋଗ ଓ ପୋକ-ନାଶକ ଦ୍ରବ୍ୟ ଉପକରଣ ଯୋଗାଇ ଦେବା ଏବଂ ଆବଶ୍ୟକୀୟ ଋଣ ଯୋଗାଇ ଦେବା ।

୩ । ଅଧିକ ଅମଳକ୍ଷମ କିସମର ଶସ୍ୟ ଚାଷ କରିବା ।

୪ । କେତେକ ବଡ଼ ବଡ଼ ଅଞ୍ଚଳରେ ପ୍ରଧାନ ପ୍ରଧାନ ବାଣିଜ୍ୟିକ ଫସଲର ଉତ୍ପାଦନ ପରିମାଣ ବୃଦ୍ଧି କରିବା ଦିଗରେ ବିଶେଷ ଉଦ୍ୟମ କରିବା ।

୫ । କୃଷି ଦ୍ରବ୍ୟ ଉତ୍ପାଦନକାରୀର ସ୍ୱାର୍ଥ ଦୃଷ୍ଟିରୁ ବିକ୍ରୟ ବ୍ୟବସ୍ଥାର ଉନ୍ନତି କରିବା ଏବଂ ପ୍ରଧାନ ପ୍ରଧାନ କୃଷି ଦ୍ରବ୍ୟର ସର୍ବନିମ୍ନ ମୂଲ୍ୟର ପ୍ରତିଶ୍ରୁତି ଦେବା ।

ଖାଦ୍ୟଶସ୍ୟ ଉତ୍ପାଦନର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ତାହା ଅଧିକ ଅମଳକ୍ଷମ ଶସ୍ୟର ସଫଳତା ଏବଂ ବହୁ ଶସ୍ୟଚାଷ କାର୍ଯ୍ୟକ୍ରମର ସଫଳତା ଉପରେ ନିର୍ଭର କରେ । ଅଧିକ ଖାଦ୍ୟଶସ୍ୟ ପାଇବାପାଇଁ ଅନ୍ୟାନ୍ୟ କେତେକ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି । ଏଥିପାଇଁ ଜଳସେଚନର ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ବିଦ୍ୟୁତ ପମ୍ପ ସାହାଯ୍ୟରେ ସେଚନର ବ୍ୟବସ୍ଥା କରାଯାଉଛି ଏବଂ ସାର ଉପକରଣ ଆଦି ଯୋଗାଇ ଦିଆଯାଉଛି । ସାନ ସାନ କୃଷୀମାନେ ଯେପରି କୃଷି ଉନ୍ନୟନରେ ଭାଗ ନେବେ ଏବଂ ଏହାର ଫଳରେ ଅଂଶୀଦାର ହେବେ, ସେଥି… ସାଧାରଣ ଋଣ ବ୍ୟବସ୍ଥା ଓ ସମବାୟ ଋଣ ବ୍ୟ… ପରିବର୍ତ୍ତନ କରାଯାଉଛି । ଦେଶର ୫୦ଟି ଜି… ସାନ ସାନ କୃଷୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ… ସାର ଓ ଅନ୍ୟାନ୍ୟ ସାହାଯ୍ୟ ଯୋଗାଇ ଦେ… ବ୍ୟବସ୍ଥା ହେଉଛି । ଭୂମି ଉନ୍ନୟନ ବ୍ୟାଙ୍କ ଓ … ଅର୍ଥ କର୍ପୋରେସନ ଓ କୃଷି ଶିଳ୍ପ କର୍ପୋରେସନ… କର୍ମ ପରିସର ମଧ୍ୟ ବୃଦ୍ଧି କରାଯାଉଛି ।

## ଗବେଷଣା ପ୍ରତି ଗୁରୁତ୍ୱ

ଚତୁର୍ଥ ଯୋଜନାର ଗଠନରେ କୃଷି ସ… ଗବେଷଣା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି । କୃ… ଗବେଷଣାର ସର୍ବୋଚ୍ଚ ସଂସ୍ଥା "ଭାରତୀୟ କୃ… ଗବେଷଣା ପରିଷଦ"କୁ ଏଥିପାଇଁ ଯଥେଷ୍ଟ ଅ… ଯୋଗାଇ ଦିଆଯିବ । ସମସ୍ତ ଖାଦ୍ୟଶସ୍ୟ … ବାଣିଜ୍ୟିକ ଶସ୍ୟ ସମ୍ପର୍କରେ ଅନେକ ଗବେଷ… କାର୍ଯ୍ୟକ୍ରମ ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା… କାର୍ଯ୍ୟକାରୀ ହେବ । ଦେଶରେ ବର୍ତ୍ତମାନ ୯ଟି କୃ… ବିଶ୍ୱବିଦ୍ୟାଳୟ ରହିଛି । ଚତୁର୍ଥ ଯୋଜନାରେ… ଏହି ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅଧିକ … କରିବାର ବ୍ୟବସ୍ଥା କରାଯାଇଛି । ବିଭିନ୍ନ … କୃଷି ବୈଜ୍ଞାନିକମାନେ ପ୍ରଦର୍ଶନୀ କରାଇ କୃଷକମା… ଶିକ୍ଷା ଦେବେ । ବିଭିନ୍ନ ସ୍ଥାନରେ କୃଷି ପ୍ର… କେନ୍ଦ୍ରମାନ ସ୍ଥାପିତ ହେବ ଏବଂ କୃଷକମା… ମଧ୍ୟରେ ଆଲୋଚନାର ବ୍ୟବସ୍ଥା କରାଯିବ । … ସଂପର୍କରେ କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ … ବିଶେଷ ଯୋଜନା ଦେଶର ୧୦୦ଟି ଜିଲ୍ଲାରେ କା… କାରୀ ହେବ ।

କୃଷି ଉପକରଣ, ସାର ଆଦିର ଅଧିକ … ପାଇଁ ଏହାକୁ ଦେଶରେ ଉତ୍ପାଦନ କରିବା … ସଙ୍ଗେ ବିଦେଶରୁ ମଧ୍ୟ ଆମଦାନୀ କରାଯିବ । ଏହି… ଦ୍ରବ୍ୟ ବଣ୍ଟନପାଇଁ ବ୍ୟାପକ ବ୍ୟବସ୍ଥା କରାଯିବ…

...ଙ୍ଗଳୟ କୃଷି ଗବେଷଣା ପରିଷଦ ଓ ଜାତୀୟ ବୀହନ
...ର୍ପୋରେସନର ସହାୟ୍ୟ କ୍ରମେ ଉନ୍ନତ ଜାତ
...ସ୍ମିଶ୍ର ବୀହନ ଉତ୍ପାଦନ ଓ ବଣ୍ଟନର ବ୍ୟବସ୍ଥା
...ଯିବ ଏବଂ ମୂଳ ବୀହନ ଉତ୍ପାଦନ କରାଯିବ ।
...ଲ ଅଞ୍ଚଳରେ ଏକ ବଡ଼ ବୀହନ ଉତ୍ପାଦନ
...ନ୍ଦ୍ର ସ୍ଥାପିତ ହେବ ।

## ସାର ଆବଶ୍ୟକତା

ଚତୁର୍ଥ ଯୋଜନାକାଳ ମଧ୍ୟରେ ରାସାୟନିକ
...ସାରର ବ୍ୟବହାର ତିନଗୁଣ ବୃଦ୍ଧି ପାଇବ ବୋଲି
...ଶା କରାଯାଏ । ଚତୁର୍ଥ ଯୋଜନାକାଳ ଶେଷ
...ସୁଦ୍ଧା ୩୨ଲକ୍ଷ ଟନ ନାଇଟ୍ରୋଜେନ, ୧୮ଲକ୍ଷ ଟନ
...ଫସଫରସ ଏବଂ ୧୧ ଲକ୍ଷ ଟନ ପୋଟାସ ସାର
...ଆବଶ୍ୟକ ହେବ ବୋଲି ଅଟକଳ କରାଯାଇଛି । ଏହି
...ନ୍ତ୍ରିକ କମ୍ପୋଷ୍ଟ କାରଖାନା ଦ୍ୱାରା ସହରାଂଚଳ
...ର ଆବର୍ଜନାରୁ ଉନ୍ନତ ଧରଣର ଜୈବିକ
...ର ଉତ୍ପାଦନ କରାଯିବ । ପ୍ରାୟ ୮କୋଟି ହେକଟର
...ମିରେ ବଳିଷ୍ଠ ଶସ୍ୟ ସୁରକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ
...ବ । କୃଷି ଶିଳ୍ପ କର୍ପୋରେସନ ତରଫରୁ ଭଡ଼ା
କ୍ରୟ ସୂତ୍ରରେ ବିଭିନ୍ନ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯିବ । ଟ୍ରାକଟରର ଲୋଡ଼ା ଦରବର ବୃଦ୍ଧି ପାଉଛି । ଚତୁର୍ଥ ଯୋଜନା ଶେଷ ସୁଦ୍ଧା ପ୍ରାୟ ୯୦ ହଜାର ଟ୍ରାକଟରର ଲୋଡ଼ା ରହିବ ବୋଲି ଅଟକଳ କରାଯାଇଛି ।

ବର୍ତ୍ତମାନ ପୁନରୁଦ୍ଧାରପାଇଁ ପ୍ରାୟ ୨୨ଲକ୍ଷ ହେକ୍ଟର ଜମି ରହିଛି । ଏଥିମଧ୍ୟରୁ ଚତୁର୍ଥ ଯୋଜନାକାଳରେ ପ୍ରାୟ ୧୦ଲକ୍ଷ ହେକଟର ଜମି ଉଦ୍ଧାର କରାଯାଇ ଚାଷ କରାଯିବ ।

ଅଧିକ ଅମଳକ୍ଷମ କିସମର ଖାଦ୍ୟଶସ୍ୟ ପ୍ରତି ଚତୁର୍ଥ ଯୋଜନାରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହି କିସମର ଶସ୍ୟ ୨କୋଟି ୫୧ଲକ୍ଷ ହେକଟର ଜମିରେ ଚାଷ କରାଯିବାର ବ୍ୟବସ୍ଥା ହେଉଛି । ତେଣୁ ଯେଉଁ ଅତିରିକ୍ତ ଖାଦ୍ୟଶସ୍ୟ ଉତ୍ପାଦନର ପରିକଳ୍ପନା କରାଯାଇଛି, ତାହାର ଦୁଇ-ତୃତୀୟାଂଶ କେବଳ ଏହି ଉନ୍ନତ କିସମରୁହିଁ ମିଳିପାରିବ । ଏହା ଛଡ଼ା ୫ଲକ୍ଷ ୫୦ ହଜାର ହେକଟର ଜମିରେ ଫଳଚାଷ କରାଯିବ । (ଭାରତୀୟ କୃଷି ଗବେଷଣା ପରିଷଦ ।)

( ୫୪ ପୃଷ୍ଠାର ଅବଶିଷ୍ଟାଂଶ )

...ରେ ଉତ୍ପାଦନର ଗୁରୁତା ଦିନକୁଦିନ କମି ଯାଉଛି ।
...ଜାତି ବିଦ୍ୱେଷ, ବର୍ଣ୍ଣ ବିଦ୍ୱେଷ, ପ୍ରାଦେଶିକତା
...ଓ ବିଭେଦମୂଳକ ଶକ୍ତିମାନ କ୍ଷୟିଷ୍ଣୁ ପୁଞ୍ଜିବାଦ
...ରେ ମୁଣ୍ଡ ଟେକି ଉଠୁଥିବାରୁ ପୁଞ୍ଜିବାଦୀ
...ସ୍ଥାକୁ ବଞ୍ଚାଇ ରଖି ହଜାର ରକମର କୌଶଳ
...ଗ କଲେ ମଧ୍ୟ ଅର୍ଥନୈତିକ ଓ ରାଜନୈତିକ
... ଆମୂଳଚୂଳ ପରିବର୍ତ୍ତନ ସାଧନ କରି ନ
...ଲେ ଶ୍ରମଶକ୍ତିର ବିକାଶ ଓ ଉତ୍ପାଦିକା ଶକ୍ତି ବୃଦ୍ଧି
ଆଦୌ ସମ୍ଭବ ନୁହେଁ । ପୁଞ୍ଜିବାଦର ଅବସାନ ଘଟାଇ ସମାଜତାନ୍ତ୍ରିକ ବ୍ୟବସ୍ଥା ସବୁପ୍ରକାର ଶୋଷଣ ଅବସ୍ଥାର ଜାତି ବିଦ୍ୱେଷ; ବର୍ଣ୍ଣ ବିଦ୍ୱେଷର ଅବସାନ ଓ ସାମାଜିକ ନ୍ୟାୟନୀତି ପ୍ରତିଷ୍ଠା ମାର୍ଫତରେ ବର୍ତ୍ତମାନ ପରିସ୍ଥିତିରେ ଉତ୍ପାଦିକାଶକ୍ତି ଶିଳ୍ପ ବସ୍ତୁକୁ ଅବ୍ୟାହତ ଗତିରେ ଆଗେଇ ନେଇପାରିବା ସମ୍ଭବ । ଏହା ବ୍ୟତୀତ ଅନ୍ୟ କୌଣସି ରାସ୍ତା ନାହିଁ ।

ଭାବୀ ବଂଶଧରଙ୍କୁ

ସୁଖୀ ଓ ସମୃଦ୍ଧ କରିବାର ଏକମାତ୍ର ପନ୍ଥା

ପରିବାର ନିୟନ୍ତ୍ରଣ

ନିୟନ୍ତ୍ରିତ ପରିବାର ଜାତିର ମେରୁଦଣ୍ଡ

ନିକଟତମ

ପରିବାର କଲ୍ୟାଣ କେନ୍ଦ୍ରର

ପରାମର୍ଶ ନିଅନ୍ତୁ ।

[ରାଜ୍ୟ ପରିବାର ନିୟନ୍ତ୍ରଣ ସଂସ୍ଥା]

## ରାଜସୁନାଖଳା ଗୁରୁ ତାଲିମ ଭବନରେ ଶିକ୍ଷାର୍ଥୀ ଗ୍ରହଣ

ଧାନ ଶିକ୍ଷକ, ମାଧ୍ୟମିକ ଗୁରୁ ତାଲିମ ଭବନ, ାଖଳା ଜଣାଇଛନ୍ତି ଯେ, ରାଜସୁନାଖଳା କ ଗୁରୁ ତାଲିମ ଭବନରେ ୧୯୭୯-୮୦ ଶିକ୍ଷା ାଇଁ ୪୦ ଜଣ ଶିକ୍ଷାର୍ଥୀ ଗ୍ରହଣ କରାଯିବେ । ଅନ୍ୟୂନ ମାଧ୍ୟମିକ କମ୍ବା ତତ୍ତୁଲ୍ୟ ପରୀକ୍ଷାରେ ହୋଇଥିବେ, ସ୍କୁଲମାନରେ ଥିବା ଶିକ୍ଷକମାନଙ୍କୁ ସୁଯୋଗ ଦିଆଯିବ ।

ଛୁକ ପ୍ରାର୍ଥୀମାନେ ଛପା ଫର୍ମ ପାଇଁ ନିଜ ଲେଖାଥିବା ଆବଶ୍ୟକ ପରିମାଣର ଡାକ ସଂଯୁକ୍ତ ଲଫାଫା ସହିତ ରାଜସୁନାଖଳା ମାଧ୍ୟମିକ ଗୁରୁ ତାଲିମ ଭବନର ପ୍ରଧାନ ଶିକ୍ଷକଙ୍କୁ ତା ୨୫।୫।୧୯୭୯ ରିଖ ମଧ୍ୟରେ ଦରଖାସ୍ତ କରି ପାଇବେ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ତା ୨୦।୬।୧୯୭୯ ରିଖ । ଶିକ୍ଷକ ଥିବା ପ୍ରାର୍ଥୀମାନେ ଜିଲ୍ଲା ସ୍କୁଲ ସମୂହର ପରିଦର୍ଶକଙ୍କ ଜରିଆରେ ଆବେଦନ ପତ୍ର ପଠାଇବେ । ଜୁନ୍ ୨୫ ଏବଂ ୨୬ ତାରିଖ ୧୯୭୯ରେ ସାକ୍ଷାତକାର ଓ ନିର୍ବାଚନ ପରୀକ୍ଷା ପ୍ରତ୍ୟହ ସକାଳ ୮ ଘଣ୍ଟାଠାରୁ ରାଜସୁନାଖଳା ମାଧ୍ୟମିକ ଗୁରୁ ତାଲିମ ଭବନରେ ଆରମ୍ଭ ହେବ । ନିର୍ବାଚନ ପରୀକ୍ଷା ପାଇଁ ଆବଶ୍ୟକ ଉପକରଣ ପ୍ରାର୍ଥୀମାନେ ସଙ୍ଗରେ ନେଇ ଆସିବେ ।

## ଶିଶୁଙ୍କ ପାଇଁ ଆଲୋକଚିତ୍ର ଓ ପ୍ରବନ୍ଧ ପ୍ରତିଯୋଗିତା

ଆଗାମୀ ଅକ୍ଟୋବର - ନଭେମ୍ବର ମାସରେ ାରେ ଅନୁଷ୍ଠିତ ହେବାକୁ ଯାଉଥିବା ଆନ୍ତର୍ଜାତିକ ମେଳା ଉପଲକ୍ଷେ ଶିଶୁମାନଙ୍କ ପାଇଁ ଏକ କଚିତ୍ର ଓ ପ୍ରବନ୍ଧ ପ୍ରତିଯୋଗିତା ସଂଗଠିତ ା ସକାଶେ ଭାରତୀୟ ଶିଶୁକଲ୍ୟାଣ ପରିଷଦ ସ୍ଥିର କରିଛନ୍ତି । ଏହି ପ୍ରତିଯୋଗିତାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ ହେଲା—

ଆଲୋକଚିତ୍ର ପ୍ରତିଯୋଗିତା (ଫଟୋଗ୍ରାଫିକ୍ କମ୍ପିଟେସନ)—ଛାତ୍ର ତଥା ସୌଖୀନ ଫଟୋ ଗ୍ରହଣକାରୀମାନେ ଏଥିରେ ଯୋଗ ଦେଇ ପାରିବେ ।

ଏଥିପାଇଁ ବିଷୟବସ୍ତୁ ହେଲା "ଶିଶୁର ବିଭିନ୍ନ ମାନସିକ ଅବସ୍ଥା।" ଫଟୋଗୁଡ଼ିକର ଆକାର ୮"×୧୦"ରୁ ସାନ ଓ ୧୨"×୧୫"ରୁ ବଡ଼ ହୋଇ ନ ଥିବ। ଫଟୋର ରଙ୍ଗ ଧଳା ଓ କଳା (ବ୍ଲାକ୍ ଏଣ୍ଡ ହ୍ୱାଇଟ୍) ହୋଇଥିବା ଆବଶ୍ୟକ। ଫଟୋର ଉପରିଭାଗ ଖଦଖଦିଆ (ମ୍ୟାଟ୍) ବା ଚିକ୍କଣ (ଗ୍ଲସି) ହେବା ଦରକାର। କୌଣସି ପ୍ରବେଶିକା ଫିସ୍ ଦାଖଲ କରିବାକୁ ହେବ ନାହିଁ। ଭାରତୀୟ ଶିଶୁ କଲ୍ୟାଣ ପରିଷଦ ଦ୍ୱାରା ଏହାର ସତ୍ତ୍ୱ ସଂରକ୍ଷିତ ହେବ। ପ୍ରତିଯୋଗୀମାନେ ସବୁ ଖର୍ଚ୍ଚ ବହନ କରିବେ। ପ୍ରଥମ ପୁରସ୍କାର ଟ ୫୦୦, ଦ୍ୱିତୀୟ ପୁରସ୍କାର ଟ୩୦୦ ଓ ତୃତୀୟ ପୁରସ୍କାର ଟ୨୦୦ ରଖାଯାଇଛି ଏବଂ ଅନ୍ୟ କେତୋଟି ସାନ୍ତ୍ୱନା ପୁରସ୍କାର ମଧ୍ୟ ରଖାଯାଇଛି।

ପ୍ରବନ୍ଧ ପ୍ରତିଯୋଗିତା—ଇଂରେଜୀ ବା ହିନ୍ଦୀ ଭାଷାରେ ପ୍ରବନ୍ଧ ଲେଖିବା ଆବଶ୍ୟକ। ଏଥିପାଇଁ ବିଷୟବସ୍ତୁ ହେଲା 'ମୋ ଜୀବନର ସର୍ବଶ୍ରେଷ୍ଠ ଘଟଣା' (The most outstanding incident in my life)। ପ୍ରବନ୍ଧଟି ୧,୦୦୦—୧,୨୦୦ ଶବ୍ଦ ସମ୍ବଳିତ ହୋଇଥିବ। ଏଥିପାଇଁ ପ୍ରତିଯୋଗୀଙ୍କ ବୟସ ୧୨ ବର୍ଷ ଠାରୁ ୧୬ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଭାରତୀୟ ଶିଶୁ କଲ୍ୟାଣ ପରିଷଦଙ୍କ ଦ୍ୱାରା ପ୍ରବନ୍ଧଟିର ସତ୍ତ୍ୱ ସଂରକ୍ଷିତ ହେବ। ଉପରୋକ୍ତ ପ୍ରତ୍ୟେକ ଭାଷାରେ ଲିଖିତ ପ୍ରବନ୍ଧ ପାଇଁ ପ୍ରଥମ ପୁରସ୍କାର ଟ୨୫୦, ଦ୍ୱିତୀୟ ପୁରସ୍କାର ଟ୧୫୦ ଓ ତୃତୀୟ ପୁରସ୍କାର ଟ୧୦୦ ରଖାଯାଇଛି।

ଆଲୋକଚିତ୍ର ଓ ପ୍ରବନ୍ଧରେ ପ୍ରତିଯୋଗୀ ନିଜର ନାମ, ବୟସ (ପ୍ରବନ୍ଧ ଲେଖକଙ୍କ ପାଇଁ) ଓ ପୂରା ଠିକଣା ସ୍ପଷ୍ଟ ଭାବରେ ଉଲ୍ଲେଖ କରି "The Indian Council for Child Welfare, 4, Rouse Avenue, New Delhi-1" ଠିକଣାରେ ୧୯୭୧ ଜୁଲାଇ ୧୫ ତାରିଖ ସୁଦ୍ଧା ପଠାଇବା ପାଇଁ ଉକ୍ତ ପରିଷଦ ସୂଚନା ଦେଇଛନ୍ତି।

## ଜାପାନୀ ସଂଗଠନ ପକ୍ଷରୁ ଶିଶୁମାନଙ୍କ ଚିତ୍ରକଳା ଆହ୍ୱାନ

"ଆନ୍ତର୍ଜାତୀୟ ଗ୍ରାମ୍ୟ ବିଦ୍ୟାଳୟ ଶିଶୁମାନଙ୍କର ଚିତ୍ରକଳା ବିନିମୟ" କାର୍ଯ୍ୟକ୍ରମ ଜରିଆରେ ଆନ୍ତର୍ଜାତିକ ମୈତ୍ରୀ ଓ ସଦ୍‌ଭାବ ବିକାଶ ଘଟାଇବା ପାଇଁ ଜାପାନର 'ଆଇକୋହ୍ୱକାଇ' ସଂଗଠନ ୬ ବର୍ଷରୁ ୧୩ ବର୍ଷ ବୟସର ଶିଶୁମାନଙ୍କଠାରୁ ଚିତ୍ରକଳା ଆହ୍ୱାନ କରିଛନ୍ତି। ଏହି ଛବି କ୍ରେୟନ କିମ୍ବା ଜଳ (Water) ରଙ୍ଗରେ ଯେ କୌଣସି ବିଷୟରେ ଅଙ୍କା ହେବା ଆବଶ୍ୟକ। ଏହାର ଆକାର ୫୦×୪୦ ସେଣ୍ଟିମିଟର ହେବା ଉଚିତ। ଚିତ୍ରର ପୃଷ୍ଠ ଭାଗରେ ନିମ୍ନ ବିଷୟଗୁଡ଼ିକ ଲେଖା ରହିବା ଉଚିତ—

୧। ଚିତ୍ରର ବିଷୟବସ୍ତୁ (ଇଂରେଜୀରେ)

୨। ଚିତ୍ରକରଙ୍କ ନାମ ଓ ବୟସ (ବାଳକ କିମ୍ବା ବାଳିକା ବୋଲି ଦର୍ଶାଇବାକୁ ହେବ)।

୩। ଚିତ୍ରକର ଅଧ୍ୟୟନ କରୁଥିବା ବିଦ୍ୟାଳୟର ନାମ ଓ ଠିକଣା।

ନୂଆଦିଲ୍ଲୀସ୍ଥ ଭାରତୀୟ ଶିଶୁକଲ୍ୟାଣ ପରିଷଦ ରାଜ୍ୟଗୁଡ଼ିକରୁ ମିଳିଥିବା ଚିତ୍ରକଳାଗୁଡ଼ିକ ମଧ୍ୟରୁ ଉତ୍କୃଷ୍ଟ ଚିତ୍ର ବାଛି ସେଗୁଡ଼ିକୁ ଜାପାନୀ ସଂଗଠନ ନିକଟକୁ ପଠାଇବେ। ଜାପାନୀ ସଂଗଠନ ଯେଉଁମାନଙ୍କ ଚିତ୍ରକୁ ଶ୍ରେଷ୍ଠ ବିବେଚନା କରିବେ, ସେମାନଙ୍କୁ ଗୋଟିଏ ଅଲ୍‌ବମ୍ ଏବଂ ସାମାନ୍ୟ ଉପହାର ପ୍ରଦାନ କରିବେ। ଏହାଛଡ଼ା ପ୍ରତ୍ୟେକ ବିଜେତାଙ୍କୁ ଭାରତୀୟ ଶିଶୁ କଲ୍ୟାଣ ପରିଷଦ ମଧ୍ୟ ଏକ ପ୍ରଶଂସାପତ୍ର ପ୍ରଦାନ କରିବେ।

ଏହି ପ୍ରତିଯୋଗିତା ପାଇଁ ଚିତ୍ରଗୁଡ଼ିକ ଭୁବନେଶ୍ୱର ରାଜଭବନସ୍ଥିତ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦର ଜଏଣ୍ଟ ସେକ୍ରେଟେରିଙ୍କ ନିକଟକୁ ୧୯୭୧ ଜୁନ୍ ୨୫ ତାରିଖ ସୁଦ୍ଧା ପଠାଇବା ଆବଶ୍ୟକ।

# ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିରକ୍ଷା ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ସାଂସ୍କୃତିକ ବ୍ୟାପାର ବିଭାଗ ମନ୍ତ୍ରୀଙ୍କ ନିବେଦନ

ବିବେକାନନ୍ଦ ଶିଳାସ୍ମାରକୀ ନିମନ୍ତେ ପାଣ୍ଠି ସଂଗ୍ରହ କାର୍ଯ୍ୟରେ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ ସହଯୋଗ କରିବା ପାଇଁ ସର୍ବସାଧାରଣଙ୍କୁ ସାଂସ୍କୃତିକ ବ୍ୟାପାର ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ନିବେଦନ କରିଛନ୍ତି । ତାଙ୍କ ନିବେଦନର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲ :—

"ଜନସାଧାରଣ ଜାଣନ୍ତି ଯେ ଆମ ଦେଶର ଦକ୍ଷିଣ ପ୍ରାନ୍ତରେ ଓ ତିନି ସମୁଦ୍ରର ସଂଗମ ସ୍ଥଳରେ ବିଖ୍ୟାତ ବିବେକାନନ୍ଦ ଶିଳାରେ ସ୍ୱାମୀ ବିବେକାନନ୍ଦଙ୍କର ସ୍ମୃତିରକ୍ଷାର୍ଥେ ଗୋଟିଏ ମନୋରମ ସ୍ମୃତିସୌଧ ନିର୍ମିତ ହେବାକୁ ଯାଉଛି । ବିବେକାନନ୍ଦ ଶିଳା ସ୍ମାରକ ପରିକଳ୍ପନାକୁ ଆର୍ଥିକ ସାହାଯ୍ୟ ଦେବା ଲାଗି ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ବ୍ୟାପକ ଅଭିଯାନ ଚଳାଇବା ପାଇଁ ଦେଶ ତମାମ ବିବେକାନନ୍ଦ ଶିଳା ସ୍ମାରକ ସମିତି ନାମରେ ଏକ ଜାତୀୟ କମିଟି ଗଠନ କରାଯାଇଛି । ଏଥିପାଇଁ ଅର୍ଥ ସାହାଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ତା ୮।୧।୧୯୬୯ ରିଖରେ ସବୁ ଶ୍ରେଣୀର ଲୋକଙ୍କୁ ନିବେଦନ ଜଣାଇଛନ୍ତି । ଉକ୍ତ ପାଣ୍ଠି ପାଇଁ ଅର୍ଥ ସଂଗ୍ରହ କାର୍ଯ୍ୟରେ ଜନସାଧାରଣ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ ଓ ସହଯୋଗ କରିବା ନିମନ୍ତେ ସମିତି ପକ୍ଷରୁ ମଧ୍ୟ ଅନୁରୋଧ କରାଯାଇଛି । ଏହି ଉଦ୍ଦେଶ୍ୟରେ ସଂଗୃହୀତ ଅର୍ଥ, ସେକ୍ରେଟେରୀ, ବିବେକାନନ୍ଦ ଶିଳା ସ୍ମାରକ ସମିତି, ଓଡ଼ିଶା, ହାଇକୋର୍ଟ ରୋଡ଼, କଟକ-୨ ଠିକଣାରେ ପଠାଇବା ପାଇଁ ଅନୁରୋଧ ।"

# ସିମେଣ୍ଟର ସଂଶୋଧିତ ଦର

ଓଡ଼ିଶା ସରକାରଙ୍କ ଯୋଗାଣ ବିଭାଗ ଏକ ପ୍ରେସ୍‌ନୋଟରେ ଜଣାଇଛନ୍ତି :

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଭାରତ ସରକାର ପ୍ରତି ମେଟ୍ରିକ୍ ଟନ୍ ଖୋଲା ସିମେଣ୍ଟର ଏଫ୍. ଓ. ଆର୍. ମୂଲ୍ୟ ଉପରେ ଏକ ନୂତନ ଅବକାରୀ-ଟିକସ ଆଦାୟ କରିବା ପାଇଁ ବ୍ୟବସ୍ଥା କରିଛନ୍ତି । ଏହା ଫଳରେ ତା ୧-୩-୧୯୬୯ଠାରୁ ବସ୍ତାରେ ବନ୍ଧା ଯାଇଥିବା ସିମେଣ୍ଟର ସଂଶୋଧିତ ଦର ମେଟ୍ରିକ୍ ଟନ୍ ପିଛା ଅବକାରୀ ଟିକସ ସହ ଏଫ୍. ଓ. ଆର୍. ଟ ୧୮୧·୬୧ ପଇସାରେ ଧାର୍ଯ୍ୟ କରାଯାଇଛି । ଏଫ୍. ଓ. ଆର୍. ମୂଲ୍ୟ ସଂଶୋଧିତ ହେବା ଫଳରେ ଜନସାଧାରଣଙ୍କ ପାଇଁ ଯୋଗାଇ ଦିଆଯାଉଥିବା ସିମେଣ୍ଟର ମୂଲ୍ୟ ଟନ୍ ପ୍ରତି ଟ ୧୯୨·୯୭ ପଇସାକୁ ବୃଦ୍ଧି ପାଇଛି । ତେଣୁ ୫୦ କିଲୋଗ୍ରାମ ଓଜନ ଥିବା ସିମେଣ୍ଟ ବସ୍ତାର ମୂଲ୍ୟ ସ୍ଥାନୀୟ ଟିକସ ବ୍ୟତୀତ ଟ ୯·୬୫ ପଇସାକୁ ବୃଦ୍ଧି ପାଇଛି । ରେଳ ଷ୍ଟେସନ ନିକଟରୁ ୮ କିଲୋମିଟର ଦୂରତା ମଧ୍ୟରେ ଥିବା ମଫସଲ ଡିଲରମାନଙ୍କ ଗୋଦାମରୁ ମିଳୁଥିବା ସିମେଣ୍ଟ ପ୍ରତି ଏହି ଦର ପ୍ରଯୁଜ୍ୟ ହେବ । ଷ୍ଟେସନଠାରୁ ଦୂରତା ୮ କିଲୋମିଟରରୁ ଅଧିକ ହୋଇଥିଲେ, ପ୍ରତ୍ୟେକ କିଲୋମିଟର ପାଇଁ ପରିବହନ ଖର୍ଚ୍ଚ ମେଟ୍ରିକ୍ ଟନ୍ ପ୍ରତି ଟ ୨୯·୪ ପଇସା ଅଧିକା ହେବ । ଦୁର୍ଗମ ହୋଇଥିବା ପକ୍ଷମାନଙ୍କ ପାଇଁ ସିମେଣ୍ଟ ଦର ମେଟ୍ରିକ୍ ଟନ୍ ପ୍ରତି ଟ ୨୭୫·୬୧ ପଇସା ହେବ ।

# ଜନ୍ମ ବ୍ୟବଧାନ ପାଇଁ ବଟିକା ସେବନ

ଜନ୍ମ ବ୍ୟବଧାନ ପାଇଁ ବଟିକା ସେବନର ଏକ ଆଗୁଆ ଯୋଜନା ଆମ ରାଜ୍ୟରେ ଚାଲୁଥିବା ଲୁପ କାର୍ଯ୍ୟକ୍ରମର ଏକ ଆନୁଷଙ୍ଗିକ ଯୋଜନା ରୂପେ ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ କରାଯାଇଛି ।

ବର୍ତ୍ତମାନ ପାଇଁ ନିମ୍ନଲିଖିତ ସହରାଞ୍ଚଳରେ ଥିବା ପରିବାର କଲ୍ୟାଣ ନିଯୋଜନ କେନ୍ଦ୍ରମାନଙ୍କରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି :—

୧ । ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ନିକଟରେ ଥିବା ଆଞ୍ଚଳିକ ପରିବାର ନିଯୋଜନ ତାଲିମ କେନ୍ଦ୍ର ସହ ସଂଶ୍ଳିଷ୍ଟ ପରିବାର କଲ୍ୟାଣ ନିଯୋଜନ କେନ୍ଦ୍ର ।

୨ । ବ୍ରହ୍ମପୁର ମେଡ଼ିକାଲ କଲେଜ ହସ୍ପିଟାଲ ସହ ସଂଶ୍ଳିଷ୍ଟ ପରିବାର କଲ୍ୟାଣ ନିଯୋଜନ କେନ୍ଦ୍ର ।

୩ । ପରିବାର କଲ୍ୟାଣ ନିଯୋଜନ କେନ୍ଦ୍ର, ସଦର ହସ୍ପିଟାଲ, ସମ୍ବଲପୁର ।

୪ । ପରିବାର କଲ୍ୟାଣ ନିଯୋଜନ କେନ୍ଦ୍ର, ସଦର ହସପିଟାଲ, ବାଲେଶ୍ୱର ।

୫ । ପରିବାର କଲ୍ୟାଣ ନିଯୋଜନ କେନ୍ଦ୍ର, ସଦର ହସପିଟାଲ, ପୁରୀ ।

୬ । ପରିବାର କଲ୍ୟାଣ ନିଯୋଜନ କେନ୍ଦ୍ର, ହସପିଟାଲ, ବାରିପଦା ।

୭ । ରାଉରକେଲା ଇସ୍ପାତ କେନ୍ଦ୍ରନଗର ହସ୍ପି[illegible] ସହ ସଂଶ୍ଳିଷ୍ଟ ପରିବାର କଲ୍ୟାଣ ନି[illegible] କେନ୍ଦ୍ର ।

ନିକଟ ଭବିଷ୍ୟତରେ ଏହି ଯୋଜନା [illegible] ସଦର ହସ୍ପିଟାଲ, [illegible] ପାରଲାଖେମୁଣ୍ଡି ତଥା ରାଜ୍ୟର [illegible] ମାନଙ୍କରେ ଥିବା ପରିବାର କଲ୍ୟାଣ ନି[illegible] କେନ୍ଦ୍ରମାନଙ୍କୁ ସମ୍ପ୍ରସାରିତ ହେବ । ଏହି ଯୋ[illegible] ଦାୟିତ୍ୱରେ ଥିବା ଡାକ୍ତର ଏବଂ [illegible] ଅନ୍ୟାନ୍ୟ କର୍ମଚାରୀଗଣ ରାଜ୍ୟ ବାହାରେ ଥିବା [illegible] କେନ୍ଦ୍ରମାନଙ୍କରେ ତାଲିମ ପାଉଛନ୍ତି ।

ଏହି ଆଗୁଆ ଯୋଜନାରେ ବିବାହିତା [illegible] ମାନଙ୍କୁ ବିନା ମୂଲ୍ୟରେ ଓ ଏକକାଳୀନ [illegible] ପାଇଁ ବଟିକା ସେବନ କରିବାକୁ ଦିଆ [illegible]

ଜନ୍ମ ନିରୋଧ ବଟିକା ନିରାପଦ ଓ [illegible] ଲାଗି ସୁବିଧା ଜନକ । ସନ୍ତାନ ଜନ୍ମରେ [illegible] ଆଣିବା ଲାଗି ଏହା ଅନ୍ୟତମ ପ୍ରକୃଷ୍ଟ ପନ୍ଥା । [illegible] ବିବାହିତା ମହିଳାମାନେ ଏହି ଜନ୍ମ ବ୍ୟବଧାନ [illegible] ସେବନ କରିବା ଲାଗି ଇଚ୍ଛା କରନ୍ତି, [illegible] ଉକ୍ତ କେନ୍ଦ୍ରମାନଙ୍କରେ ସେମାନଙ୍କର [illegible] ତାଲିକାଭୁକ୍ତ କରାଇ ବିନା ମୂଲ୍ୟରେ ବଟିକା [illegible] ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରୁଛନ୍ତି ।

---



OGP—MP-II (Home P.R.) 12—10,000—16-6-1969




ହୋମିଓ 'ସେଣ୍ଟ୍ରାଲ କାଉନସିଲ'ର ଏକବିଂଶତମ ଅଧିବେଶନ ରାଜ୍ୟପାଳ ଡକ୍ଟର ଏସ୍. ଏସ୍. ଅନସାରୀ ଭୁବନେଶ୍ୱରଠାରେ ମଇ ୨୫ ତାରିଖ ଦିନ ଉଦ୍ଘାଟନ କରିଥିଲେ ।

ଚିତ୍ରରେ ରାଜ୍ୟପାଳ ଉଦ୍ଘାଟନୀ ଅଭିଭାଷଣ ପ୍ରଦାନ କରୁଛନ୍ତି ।

ନିଖିଳ ଉତ୍କଳ ଶିଶୁ କଳା ଓ ଶିଳ୍ପ ପ୍ରଦର୍ଶନୀ ଭୁବନେଶ୍ୱରର ଯୁବ କଳାକାର ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରଦର୍ଶନୀରେ କୁମାରୀ ଜିନୁଡ଼ା ପାତ୍ର (୪ ବର୍ଷ ବୟସ୍କା) ସର୍ବଶ୍ରେଷ୍ଠା ବିବେଚିତ ହୋଇଥିଲେ ।

ଚିତ୍ରରେ ଶିକ୍ଷାମନ୍ତ୍ରୀ ଶ୍ରୀ ବନମାଳି ପଟ୍ଟନାୟକ ଶିଶୁ କଳାକାରଙ୍କୁ ମଇ ୨୨ ତାରିଖ ଦିନ ଟ୍ରୋଫିଏ କପ୍ ଓ ମାନପତ୍ର ଉପହାର ଦେଉଛନ୍ତି ।



UTKAL PRASANGA
Vol. XXV. No. 11 Regd. No. ...
Licence No. C. R. N. P. 5—Licenced to post without pre-payment

# ଆପଣଙ୍କ ପାଇଁ

## "ଓଜନ ନେବ ଜାଣି, ପଇସା ଦେବ ଗଣି"

* ଜିନିଷପତ୍ର କିଣିବା ବା ବିକିବାବେଳେ ନିକିତି ପ୍ରତି ଦୃଷ୍ଟି ରଖନ୍ତୁ ।

* ଲିଟର ଓ କିଲୋ ମଧ୍ୟରେ ସାମଞ୍ଜସ୍ୟ ନାହିଁ, ଏଥିରେ ପାର୍ଥକ୍ୟ ପ୍ରତି ଦୃଷ୍ଟି ଦିଅନ୍ତୁ ଅର୍ଥାତ୍ ୧ ଲିଟର ବିଶୁଦ୍ଧ ଜଳର ଓଜନ ୧ କିଲୋ ହେବ କିନ୍ତୁ ୧ ଲିଟର ସୋରିଷ ତେଲ, ନଡ଼ିଆ ତେଲ, ଜଡ଼ା ତେଲ ପ୍ରଭୃତିର ଓଜନ ୧ କିଲୋଠାରୁ କମ୍ । ଏଣୁ ତରଳ ପଦାର୍ଥ କିଣିବା ବେଳେ ଲିଟରରେ ନେଲେ ୧ କିଲୋର ମୂଲ୍ୟ ଦିଅନ୍ତୁ ନାହିଁ ।

* ପ୍ୟାକେଜରେ ଥିବା ପଦାର୍ଥର ପରିମାଣ ଜାଣିବାପାଇଁ ଚେଷ୍ଟା କରନ୍ତୁ ଏବଂ ପ୍ୟାକେଜ୍ ଉପରେ ପରିମାଣ ଲେଖାଯାଇ ନ ଥିଲେ ସେଗୁଡ଼ିକୁ ଗ୍ରହଣ କରନ୍ତୁ ନାହିଁ । କାରଣ ଏଥିରେ ଠକାମିରେ ପଡ଼ିବାର ସମ୍ଭାବନା ରହିଛି ।

* ସରକାରଙ୍କଠାରୁ ଲାଇସେନ୍ସ ନ ନେଇ ମାପଓଜନ ବିକ୍ରି କରୁଥିବା ବ୍ୟବସାୟୀଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ । କାରଣ ଉକ୍ତ ନିକିତି, ବଟକରା ପ୍ରଭୃତି ସରକାରଙ୍କଦ୍ୱାରା ପରୀକ୍ଷା କରାଯାଇ ନ ଥାଏ ଏବଂ ଏଗୁଡ଼ିକ ନିର୍ଭୁଲ ନ ଥିବାର ସମ୍ଭାବନା ବେଶି ।

* ରେଡ଼ିମେଡ଼୍ ପୋଷାକଗୁଡ଼ିକରେ ଲେଖାଥିବା ସାଇଜ ଠିକ୍ ଅଛି କି ନା ଦେଖି କିଣନ୍ତୁ ।

* ଲିଟର, ମିଟର, କିଲୋଗ୍ରାମ, ବଟକରା, ପେଟ୍ରୋଲ୍ ଓ ଡିଜେଲ ପମ୍ପ, ଡିସ୍ପେନ୍ସିଂ ମାପର ଯନ୍ତ୍ର ତଥା ପ୍ଲାଟ ଫାରମ ମେସିନ ପ୍ରଭୃତି ନିୟମିତ ଓଜନ ମାପ ଇନ୍ସ... ଦ୍ୱାରା ପରୀକ୍ଷା କରାଯାଇ ମୋହର ଦିଆଯାଇଥାଏ । ଏଗୁଡ଼ିକ ବ୍ୟବହାର କରି... ବେଳେ ମୋହର ଠିକ ଅଛି କି ନା ଦେଖି ନିଅନ୍ତୁ ।

* ଜିନିଷ ପତ୍ର କାରବାରରେ ଓଜନ ଓ ମାପରେ ଠକାମି ଆପଣଙ୍କ ଦୃଷ୍ଟିକୁ ଆସିଲେ ସ୍ଥାନୀୟ ଓଜନ ମାପ ଇନ୍ସପେକ୍ଟର, ସହକାରୀ କଣ୍ଟ୍ରୋଲର ବା କଣ୍ଟ୍ରୋଲରଙ୍କ ସାହାଯ୍ୟ ନିଅନ୍ତୁ ।

Printed at the Orissa Government Press, Madhupatna, Cuttack-3